


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17






**ମୁଖ୍ୟମନ୍ତ୍ରୀଙ୍କ ରଥଯାତ୍ରା ଭେଟି**

## କାର୍ଯ୍ୟନିବୃତ୍ତିରେ ସାମୟିକ କର୍ମଚାରୀ ପାଇବେ ୨.୫ ଲକ୍ଷ

### ପ୍ରତି ଦୁଇ ବର୍ଷରେ ବଢ଼ିବ ୧୦ ପ୍ରତିଶତ



**ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ):** ଆସନ୍ତାକାଲି ପବିତ୍ର ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଏହା ସବୁ ଓଡ଼ିଆଙ୍କ ପାଇଁ ସବୁଠାରୁ ବଡ଼ ପର୍ବ ଭାବେ ପରିଚିତ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସାମୟିକ କର୍ମଚାରୀମାନଙ୍କୁ ରଥଯାତ୍ରା ଭେଟି ଦେଇଛନ୍ତି। ଆଜି ଏହି ବର୍ଗର କର୍ମଚାରୀମାନଙ୍କୁ କାର୍ଯ୍ୟ ନିବୃତ୍ତି ସମୟରେ ମିଳୁଥିବା ରାଶିକୁ ମୁଖ୍ୟମନ୍ତ୍ରୀ ବୃଦ୍ଧି କରିଛନ୍ତି। ପୂର୍ବରୁ ସେମାନେ ଏ ବାବଦରେ ଏକକାଳୀନ ଦେଢ଼ ଲକ୍ଷ ଟଙ୍କା ପାଉଥିବା ବେଳେ ଏବେ ସେମାନଙ୍କୁ ଅଢ଼େଇ ଲକ୍ଷ ଟଙ୍କା ମିଳିବ। ଅର୍ଥାତ୍ ପୂର୍ବାପେକ୍ଷା ସେମାନଙ୍କୁ ଲକ୍ଷେ ଟଙ୍କା ଅଧିକ ଦେବା ସକାଶେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେବା ସହ ସେମାନଙ୍କ ପରିବାର ସକାଶେ ଖୁସିର ଖବର ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ସାମୟିକ କର୍ମଚାରୀମାନେ କାର୍ଯ୍ୟରୁ ଅନ୍ତର ସମୟରେ ଏକକାଳୀନ ୨.୫ ଲକ୍ଷ ଟଙ୍କା (ସେସେସନ୍ ବେନିଫିଟ୍) ମିଳିବ। ଯଦି ସାମୟିକ କର୍ମଚାରୀମାନେ ନିୟମିତ ପଦବୀକୁ ଯାଇଥିବେ। କିନ୍ତୁ ଯେଉଁମାନେ ୫ ବର୍ଷ ପୂରଣ କରିନଥିବେ, ତେବେ ସେ କ୍ଷେତ୍ରରେ ସେମାନଙ୍କୁ ମଧ୍ୟ ୨.୫ ଲକ୍ଷ ଟଙ୍କା ଏକକାଳୀନ ମିଳିବ ବୋଲି କୁହାଯାଇଛି। ନିୟମିତ ପଦବୀରେ ୫ ବର୍ଷରୁ ଅଧିକ ସମୟ କାମ କରିଥିଲେ, କାର୍ଯ୍ୟନିବୃତ୍ତି ସମୟରେ ସେମାନେ ସର୍ବନିମ୍ନ ଗ୍ରାଚ୍ୟୁଇଟି ୨.୫ ଲକ୍ଷ ଟଙ୍କା ପାଇବେ। ଏଥିସହ ଏହି ଏକକାଳୀନ ଗ୍ରାଚ୍ୟୁଇଟି ପରିମାଣ ପ୍ରତି ➪ପୃଷ୍ଠା-୬

# ଭକ୍ତ-ଭଗବାନଙ୍କ ମିଳନକୁ ଅପେକ୍ଷା



- ରାତି ପାହିଲେ ପବିତ୍ର ଘୋଷଯାତ୍ରା
- ସିଂହଦ୍ୱାରରେ ତିନି ରଥ ପ୍ରସ୍ତୁତ
- ସରିଲା ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ
- ପୁରୀ ସହରକୁ ଜଗିଛି ଏଆଇଚାଳିତ ସିସିଟିଭି
- ଅପରାହ୍ଣ ୪ଟାରେ ରଥଟଣା



**ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ):** ରାତି ପାହିଲେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଥିବା ବେଳେ ବଡ଼ଦାଣ୍ଡରେ ରଥ ପ୍ରସ୍ତୁତ, ଭକ୍ତ ମଧ୍ୟ ହାଜର। ଏବେ ଖାଲି ଶ୍ରୀଜିଉଙ୍କ ଆଗମନକୁ ଅପେକ୍ଷା। ମହାପ୍ରଭୁ ବଡ଼ଦାଣ୍ଡକୁ ଓହ୍ଲାଇଲେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ହେବ ପବିତ୍ର ମିଳନ। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ସକାଶେ ପ୍ରଶାସନିକ ସ୍ତରରେ ସବୁ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଆଜି ଆଜ୍ଞାମାଳ ବିଜେ ହେବା ପରେ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଛନ୍ତି ତିନି ରଥ। ଆସନ୍ତାକାଲି ସକାଳ ୬ଟାରୁ ମହାପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ ହେବ। ଖେଚୁଡ଼ି ଭୋଗ ଖାଇ ଶ୍ରୀଜିଉମାନେ ଧାଡ଼ି ପହଣ୍ଡିରେ ବଡ଼ଦାଣ୍ଡକୁ ଓହ୍ଲାଇବେ। ଅପରାହ୍ଣ ୪ଟାରେ ରଥଟଣା ନୀତି ଅନୁଷ୍ଠିତ ହେବ।

ଆସନ୍ତାକାଲି ଭକ୍ତ ଓ ଭଗବାନଙ୍କର ହେବ ମିଳନ। ରତ୍ନ ସିଂହାସନ ଛାଡ଼ି ଭକ୍ତଙ୍କ ଗହଣକୁ ଆସିବେ ମହାପ୍ରଭୁ। ଶ୍ରୀଜିଉମାନଙ୍କ ଏହି ନବଦିନାତ୍ମକ ଯାତ୍ରା ପାଇଁ ଭକ୍ତମାନେ ଯେତିକି ଆତୁର, ଭଗବାନ ବି ସେତିକି ଉତ୍ସାହିତ। ସ୍ନାନଯାତ୍ରାରେ ଅତ୍ୟଧିକ ସ୍ନାନରେ ଅସୁସ୍ଥ ହୋଇପଡିଥିଲେ ତିନି ଠାକୁର। ଅନବସରରେ ୧୫ ଦିନ ରହିବା ପରେ ସୁସ୍ଥ ହୋଇ ଆଜି ଶ୍ରୀଜିଉମାନେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀମନ୍ଦିରରେ ଆଜି ସକାଳେ ଚକା ଅପସର, ମଙ୍ଗଳ ଆଳତୀ ଦୈନନ୍ଦିନ ନୀତିକାନ୍ତି ସାରି ଫିଟିଥିଲା ତାଟି। ଏହାପରେ ଦଶ ଅବତାର ଦିଅଁ ବାହୁଡ଼ା ବିଜେ ହୋଇ ସକାଳ ୭ ଟା ୪୦ ରେ ଆରମ୍ଭ ହୋଇଥିଲା ପରିମାଣିକ ଦର୍ଶନ। ଏହାପରେ ଆରମ୍ଭ ହୋଇଥିଲା ସର୍ବସାଧାରଣ ଦର୍ଶନ। ମହାପ୍ରଭୁଙ୍କ ଦର୍ଶନ ପାଇଁ ବ୍ଯାରିକେଡରେ ଅପେକ୍ଷା କରିଥିଲେ ଶ୍ରଦ୍ଧାଳୁ। ଭକ୍ତ ମହାପ୍ରଭୁଙ୍କୁ ଅତି ନିକଟରୁ ଦର୍ଶନ କରି ନିଜକୁ କୃତାର୍ଥ ମନେ କରିଥିଲେ। ନବଯୌବନ ବେଶରେ ଚକାଆଖିକୁ ଦେଖି ଭକ୍ତଙ୍କ ଆଖିରୁ ଝରିଥିଲା ଆନନ୍ଦାଶ୍ରୁ। ତେବେ ମହାପ୍ରଭୁଙ୍କ ବିଶେଷ ରୀତିନୀତି ଯୋଗୁଁ ୧୧ଟା ୩୦ରେ ଦର୍ଶନ ବନ୍ଦ ରହିଥିଲା। ଖରା ଓ ଗୁଳୁଗୁଳି ସତ୍ତ୍ୱେ କାଳିଆ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିତରେ ଦେଖିବାକୁ ମିଳିଥିଲା ପ୍ରବଳ ଉତ୍କଣ୍ଠା। ପ୍ରଶାସନ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା ସହିତ ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ସିଞ୍ଚନ ବ୍ୟବସ୍ଥା ହୋଇଥିଲା। ପରିମାଣିକ ଟିକେଟଧାରୀ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବା ସହ ସର୍ବସାଧାରଣ ଭକ୍ତ ଅନ୍ୟ ତିନି ଦ୍ୱାରରେ ପ୍ରବେଶ ଓ ପ୍ରସ୍ଥାନ କରିଥିଲେ। ସର୍ବସାଧାରଣ ଦର୍ଶନ ପରେ ଧୁଆଧୋଇ ହୋଇ ଚୂନ ପଡ଼ିବା ପରେ ଦଇତାପତି ସର୍ବାଙ୍ଗ, ନେତ୍ରୋତ୍ସବ ବନ୍ଦାପନା ହୋଇଥିଲା।

ନବଯୌବନ ଓ ନେତ୍ରୋତ୍ସବ ପରେ ଶ୍ରୀମନ୍ଦିରରୁ ଆସିଥିଲା ଆଜ୍ଞାମାଳ। ଆଜ୍ଞାମାଳ ବିଜେ ହେବା ପରେ ବିଜେ କାହାଳି ବାଜିଥିଲା। ତା'ପରେ ସେବାୟତ ଓ ସୁରକ୍ଷାକର୍ମୀମାନେ ରଥଖଳାରୁ ତିନି ରଥକୁ ସିଂହଦ୍ୱାର ସମ୍ମୁଖକୁ ଆଣିଥିଲେ। ପ୍ରଥମେ ନନ୍ଦିଘୋଷ, ➪ପୃଷ୍ଠା-୬

## ଦକ୍ଷତା ବିକାଶର କେନ୍ଦ୍ରସ୍ଥଳ ହେବ ବୀରଗୋବିନ୍ଦପୁର: ଧର୍ମେନ୍ଦ୍ର

**ପର୍ଯ୍ୟଟନ କେନ୍ଦ୍ର ମାନ୍ୟତାରେ ସହାୟକ ହେବ**



**ବୀରଗୋବିନ୍ଦପୁର/ପୁରୀ,୨୬।୬ (ସଂଚାର ବ୍ୟୁରୋ):** ରଥଯାତ୍ରାର ଦିନକ ପୂର୍ବରୁ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ଥାନୀୟ ସାକ୍ଷୀଗୋପାଳ ବୀରଗୋବିନ୍ଦପୁରସ୍ଥିତ ମା' ଦକ୍ଷିଣକାଳୀ ମନ୍ଦିର ପରିସରରେ ଇଣ୍ଡିଆନ ଅଏଲର ସାମାଜିକ ଦାୟିତ୍ୱ (ସିଏସଆର) ଅନ୍ତର୍ଗତ ପ୍ରାୟ ୪.୭୫ କୋଟି ବ୍ୟୟରେ ବିଭିନ୍ନ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ହେଲା କମ୍ୟୁନିଟି ହଲ, ବହୁମୁଖୀ ଦକ୍ଷତା ତାଲିମ କେନ୍ଦ୍ର, ଯୋଗ କେନ୍ଦ୍ର, ଆଲୋକୀକରଣ ସହ ଶୌଚାଳୟ, ପାନୀୟ ଜଳର ସୁବିଧା, ପୋଖରୀ ସୌନ୍ଦର୍ଯ୍ୟକରଣ ଓ ପାର୍କ କାର୍ଯ୍ୟ। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ଲୋକାର୍ପିତ ପ୍ରକଳ୍ପଗୁଡ଼ିକ ବୀରଗୋବିନ୍ଦପୁର ଗ୍ରାମକୁ ଗୋଟିଏ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବାରେ ସହାୟକ ହେବ। ବୀରଗୋବିନ୍ଦପୁର ଗ୍ରାମର ପୁଞ୍ଜି ହେଉଛି କଳା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷପତି ଦିଦିର କଳ୍ପନା କରିଛନ୍ତି। ବହୁମୁଖୀ ଦକ୍ଷତା ତାଲିମ୍ ➪ପୃଷ୍ଠା-୬

## କ୍ୟାପିଟାଲ୍ ହସ୍ପିଟାଲ୍ ହେବ ମେଡିକାଲ୍ କଲେଜ!

- ସୂଚନା ଦେଲେ ସ୍ୱାସ୍ଥ୍ୟ ମନ୍ତ୍ରୀ
- ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିଚାରାଧୀନ ରହିଛି
- ଜୁଲାଇ ୩୧ ସୁଦ୍ଧା ହସ୍ତାନ୍ତର ହେବ ନୂଆ କୋଠା



**ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ):** ଆଗାମୀ ଦିନରେ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ମେଡିକାଲ୍ କଲେଜରେ ପରିଣତ କରାଯିବ। ଏ ସଂକ୍ରାନ୍ତରେ ଏକ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିଚାରାଧୀନ ରହିଛି ବୋଲି କହିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଆଜି ଡ. ମହାଲିଙ୍ଗ ପିଜିଆଇଏମଇଆର ଓ କ୍ୟାପିଟାଲ ହସ୍ପିଟାଲର ନୂଆ କୋଠା ବୁଲି ଦେଖିବା ଅବସରରେ ଏହା କହିଛନ୍ତି। ସେ କହିଛନ୍ତି ଯେ ଏଠାରେ ମେଡିକାଲ୍ ପଢ଼ୁଥିବା ପିଲାମାନେ କିଭଳି ଉନ୍ନତ ଶିକ୍ଷା ହାସଲ କରିପାରିବେ, ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯାଉଛି। ଆଗାମୀ ଦିନରେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଆହୁରି କେତେଗୁଡ଼ିଏ ବିଭାଗ ଖୋଲିବା ନେଇ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଏହା କାର୍ଯ୍ୟକ୍ଷମ ହେଲେ କ୍ୟାପିଟାଲ୍ ହସ୍ପିଟାଲ୍ ରାଜଧାନୀରେ ସବୁଠାରୁ ବଡ଼ ହସ୍ପିଟାଲ କଲେଜ ହେବ। ଏଥିରେ ହଜାର ହଜାର ରୋଗୀ ସେବା ପାଇବା ଦ୍ୱାରା ଡାକ୍ତରୀ ଛାତ୍ରଛାତ୍ରୀ ଅଭିଜ୍ଞତା ଅର୍ଜନ କରିବେ।

ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ କ୍ୟାପିଟାଲ ହସ୍ପିଟାଲ ପିଜିଆଇଏମଇଆର ବିଭାଗକୁ ସ୍ୱୟଂସମ୍ପୂର୍ଣ୍ଣ କରିବା ପାଇଁ କାମ ଆଗେଇଛି। ଆସନ୍ତା ଜୁଲାଇ ୩୧ ତାରିଖ ସୁଦ୍ଧା କାର୍ଯ୍ୟ କରୁଥିବା ଏଲଆଣ୍ଡଟି ଓ ୱାଟକୋ ହସ୍ତାନ୍ତର କରିବେ। ପ୍ରଶାସନିକ ବିଭାଗ, ଛାତ୍ରାବାସ ଏହି ନୂଆ ବିଲଡିଂଠାରୁ କାର୍ଯ୍ୟକ୍ଷମ ହେବ। ରାଜ୍ୟ ରାଜଧାନୀରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ଭଲ ➪ପୃଷ୍ଠା-୬

## ଥଣ୍ଡା କାଶ ରୋଗୀ ପୁରୀ ଯାଆନ୍ତୁ ନାହିଁ

**ଭୁବନେଶ୍ୱର, ୨୬।୬ (ସଂଚାର ବ୍ୟୁରୋ) :** ଥଣ୍ଡା କାଶ ରୋଗୀ, ବୟସ୍କ ଲୋକ, ବହୁ ରୋଗରେ ପୀଡିତ ବ୍ୟକ୍ତି ଓ ଯାହାର ଇମ୍ୟୁନିଟି କମ ସେମାନେ ରଥଯାତ୍ରା ଭିଡକୁ ନଯିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। କୋଭିଡ ଓ ରାଜ୍ୟରେ ବ୍ୟାପୁଥିବା ହଇଜାକୁ ଆଖି ଆଗରେ ରଖି ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ପ୍ରସ୍ତୁତି ଶେଷ କରିଛି। କିନ୍ତୁ ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ଝାଡାବାନ୍ତି ବ୍ୟାପିଥିବାରୁ ବୟସ୍କ ଓ ଅନ୍ୟାନ୍ୟ ରୋଗୀ ପୁରୀ ଯିବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଠିକ ନୁହେଁ। ତେଣୁ ସେମାନେ ରଥଯାତ୍ରା ଭିଡକୁ ନଯିବାକୁ କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ପୁରୀରେ ହସ୍ପିଟାଲ ପ୍ରସ୍ତୁତ, ଅଧିକ ବେଡ଼, ଆଇସିୟୁ, ଅଧିକ ଆମ୍ବୁଲାନ୍ସ, ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ମୁତୟନ କରାଯାଇଛି। ପୁରୀରେ ରହି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଏସବୁର ପ୍ରତ୍ୟକ୍ଷ ତଦାରଖ କରିବେ। ପୁରୀର ଖାଦ୍ୟର ମାନ ପରୀକ୍ଷା ହେଉଛି। ପାଞ୍ଚରୁ ଅଧିକ ଟିମ ଖାଦ୍ୟର ମାନ ପରୀକ୍ଷା କରୁଛନ୍ତି। ଡ୍ରିଙ୍କ ଫ୍ରମ ଟ୍ୟାପ ଯୋଜନା ସହ ଅନ୍ୟାନ୍ୟ ବାଟରେ ଶୁଦ୍ଧ ପାନୀୟ ଜଳ ରଥଯାତ୍ରା ସମୟରେ ଯୋଗାଇ ଦିଆଯାଉଛି। ପାନୀୟ ଜଳ ବିଶୋଧନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ଟିମ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ରହି ପୁରୀର ସମ୍ପୂର୍ଣ୍ଣ ସ୍ଥିତିକୁ ନିୟନ୍ତ୍ରଣ କରିବେ। ହାଇୱେଠୁ ଆରମ୍ଭ କରି ରଥଦାଣ୍ଡ ସବୁଆଡେ ମୋବାଇଲ ଟିମ ସଜାଗ ରଖାଯାଇଛି।

## ରଥଯାତ୍ରା ପରଦିନରୁ ରତ୍ନଭଣ୍ଡାର ମରାମତି



**ପୁରୀ,୨୬।୬(ସଂଚାର ବ୍ୟୁରୋ):** ଶ୍ରୀଗୁଣ୍ଡିଚା ଯାତ୍ରା ପରଦିନଠାରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହେବ। ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏଏସଆଇ, ପୁରୀ ମଣ୍ଡଳ କର୍ତ୍ତୃପକ୍ଷ ଏବଂ ସେବକ ନିଯୋଗଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏନେଇ ଆଲୋଚନା ହୋଇଛି। ସେହିପରି ରଥଯାତ୍ରା ସମୟରେ ଶ୍ରୀମନ୍ଦିର ଆବଶ୍ୟକୀୟ ସଂରକ୍ଷଣ ତଥା ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ ହାତକୁ ନେବ ଏଏସଆଇ। ବାକି ଥିବା ବାହାର ରତ୍ନଭଣ୍ଡାର କାର୍ଯ୍ୟ ମଧ୍ୟ ହାତକୁ ନେବ। ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତି ଦୃଷ୍ଟିରୁ ଗତ ଏପ୍ରିଲ୍ ୨୯ ତାରିଖରୁ ରତ୍ନଭଣ୍ଡାର କାର୍ଯ୍ୟ ସ୍ଥଗିତ ଥିଲା। ଚଳିତ ବର୍ଷ ଗର୍ଭଗୃହରେ କନକ ମୁଣ୍ଡି ଉପରେ ରହିଥିବା ପୁରୁଣା କାଠଫ୍ରେମ୍ ➪ପୃଷ୍ଠା-୬

## ମଝି ଚିଲିକାରେ ଫୁଟିଲା ଗୁଳି

**ଜଣେ ଗୁରୁତର, କାରଣ ଅସ୍ପଷ୍ଟ**

**ଚିଲିକା,୨୬।୬(ସଂଚାର ବ୍ୟୁରୋ):** ମଝି ଚିଲିକାରେ ଫୁଟିଛି ଗୁଳି। ବିଳମ୍ବିତ ରାତିରେ ଚିଲିକାରେ ମାଛ ମାରୁଥିବା ସମୟରେ ମତ୍ସ୍ୟଜୀବୀ ଉପରକୁ ହଠାତ ଗୁଳିମାଡ଼ ହୋଇଛି। ୪୦ରୁ ୫୦ ରାଉଣ୍ଡ ଗୁଳି ମାଡ଼ ହୋଇଥିବା ବେଳେ ଆକ୍ରମଣକାରୀଭାବେ ଦେଶୀ ବନ୍ଧୁକରୁ ଏହି ଗୁଳି ଚଳାଇଛନ୍ତି। ଏଥିରେ ଜଣେ ମତ୍ସ୍ୟଜୀବୀ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ମତ୍ସ୍ୟଜୀବୀଙ୍କ ଜଂଘକୁ ଲଗାତର ଭାବେ ଗୁଳିମାଡ଼ ହୋଇଥିବା ଜଣାପଡ଼ିଛି। ତାଙ୍କୁ ବାଲୁଗାଁ ମେଡିକାଲରେ ପରିବାର ଲୋକେ ଭର୍ତ୍ତି କରିଥିଲେ। ବାଲୁଗାଁ ଥାନା ଅନ୍ତର୍ଗତ ଚନ୍ଦ୍ରାପୁଟ ଗ୍ରାମର ତିନି ଜଣ ମତ୍ସ୍ୟଜୀବୀ ଡଙ୍ଗାରେ ଚିଲିକାକୁ ମାଛ ମାରିବାକୁ ଯାଇଥିଲେ। ହେଲେ ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ସିପିଆ ଗ୍ରାମ ନିକଟରେ ସେମାନେ ଚିଲିକାରେ ମାଛ ମାରୁଥିବା ସମୟରେ ଅନ୍ୟ କେତେକ ମତ୍ସ୍ୟଜୀବୀ ସେଠାରେ ପହଞ୍ଚି ହଠାତ ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି। ଭୟରେ ଦୁଇ ଜଣ ମତ୍ସ୍ୟଜୀବୀ ପାଣିକୁ ଡେଇଁ ପଡିଥିବା ବେଳେ ଆକ୍ରମଣକାରୀ ➪ପୃଷ୍ଠା-୬



## ଧର୍ମେନ୍ଦ୍ରଙ୍କୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା



**ବିଭିନ୍ନ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ବି ଦେଲେ ବଧେଇ**

**ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସମେତ ବିଭିନ୍ନ ରାଜ୍ୟର ରାଜ୍ୟପାଳ ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର, କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ, କେନ୍ଦ୍ର ଇସ୍ପାତ୍ ମନ୍ତ୍ରୀ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି।

ଏହାଛଡ଼ା ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ➪ପୃଷ୍ଠା-୬



**କାନ ଡେରିଥା**

ରଥଯାତ୍ରା ଆଜି ଆରମ୍ଭ ହୋଇଲା
ଜଗା ବଡ଼ଦାଣ୍ଡେ ଯିବେ
ବରଷକେ ଥରେ ରଥାରୂଢ଼ ହୋଇ
ଟାହିଆକୁ ହଲାଇବେ
ଦିଘାରେ କଣ କରିବେ...
ନିଜ ପାଇଁ ଥିବା ଦାରୁ ଓ ମୋଦକ
ନିଈତି ସେ ଖୋଜୁଥିବେ।

■ ଦେବାଶିଷ

**ପୁତ୍ର ଧର୍ମ ପାଳୁଛନ୍ତି ପାଣ୍ଡିଆନ**

# ମୁମ୍ବାଇରେ ଷଡ଼ଯନ୍ତ୍ରକାରୀଙ୍କ ପିକନିକ୍



**ଶୁଭେଚ୍ଛା ନାଁରେ ଚାଲିଛି ଗୁପ୍ତ ମନ୍ତ୍ରଣା**

**ମୁମ୍ବାଇରେ ମେଳି ହେଉଛନ୍ତି ନେତା**



**ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ):** ମୁମ୍ବାଇରେ ଚିକିତ୍ସିତ ହେଉଥିବା ନବୀନଙ୍କ ପଟ୍ଟନାୟକ ଦ୍ରୁତ ଆରୋଗ୍ୟ ଲାଭ କରୁଥିବା ନେଇ ତାଙ୍କ ବଡ଼ ଭାଇ ପ୍ରେମ୍ ପଟ୍ଟନାୟକ ସୂଚନା ଦେବାପରେ ଏବେ ସେଠାରେ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳୁଛି। ଗୋଟିଏ ପଟେ ନବୀନଙ୍କ ପାଖେ ପାଖେ ଛାଇ ଭଳି ରହି ପୁତ୍ରଧର୍ମ ପାଳନ କରୁଥିବା ଭି କେ ପାଣ୍ଡିଆନ ଗଣମାଧ୍ୟମ ଠାରୁ ଦୂରରେ ରହୁଥିବାବେଳେ ଅନ୍ୟ ପଟେ ନବୀନଙ୍କୁ ସମବେଦନା ଜଣାଇବା ନାଁରେ ବିଜେଡିର କିଛି ନେତା ମୁମ୍ବାଇରେ ଏକ ରକମ ପିକନିକ୍ ମନାଉଛନ୍ତି।

ନିଜର ଅସୁସ୍ଥତା ସଂକ୍ରାନ୍ତରେ ସୂଚନା ଦେବାପରେ ମୁମ୍ବାଇରେ ଚିକିତ୍ସିତ ହେଉଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ତେବେ ➪ପୃଷ୍ଠା-୬

## ହସ୍ପିଟାଲ ବେଡ୍‌ରୁ ରଥଯାତ୍ରା ଶୁଭେଚ୍ଛା

**ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମୋଦି ଓ ଧର୍ମେନ୍ଦ୍ର**



ମୁମ୍ବାଇର କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଚିକିତ୍ସାଧୀନ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଜଣାଇଛନ୍ତି ରଥଯାତ୍ରା ଶୁଭେଚ୍ଛା। ନବୀନଙ୍କ ଏହି ଶୁଭେଚ୍ଛା ବାର୍ତ୍ତା ହିଁ ତାଙ୍କ ଚିକିତ୍ସାକୁ ନେଇ ଅପପ୍ରଚାର କରୁଥିବା ନିନ୍ଦୁକଙ୍କ ପାଇଁ ଶକ୍ତ ଜବାବ। ନବୀନ ସର୍ଭିକାଲ ଆର୍ଥାଇଟିସ ଚିକିତ୍ସା ପାଇଁ ଯିବା ପରେ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନାନା ଚର୍ଚ୍ଚା ହେଉଥିଲା। ଏପରିକି ବିଜେଡିର କିଛି ନେତା ମଧ୍ୟ ଏହି ଚର୍ଚ୍ଚାରେ ସାମିଲ ହୋଇଯାଇଥିଲେ। ହେଲେ ନବୀନ ରଥଯାତ୍ରା ପାଇଁ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ➪ପୃଷ୍ଠା-୬



# ନବଯୌବନ ବେଶରେ ଦର୍ଶନ ଦେଲେ ପ୍ରଭୁ ସିଦ୍ଧ ବଳଦେବଜୀଉ

**କେନ୍ଦ୍ରାପଡ଼ା,୨୬।୬ (ସଂଚାର ବ୍ୟୁରୋ):** ସ୍ନାନ ଯାତ୍ରାରେ ଅତ୍ୟଧିକ ସ୍ନାନ ଯୋଗୁ ମହାପ୍ରଭୁ ଭୀଷଣ ଜ୍ୱରରେ ପୀଡ଼ିତ ଥିଲେ ଏହି ସମୟରେ ଭକ୍ତଙ୍କୁ ଦର୍ଶନ ବାରଣ ଥିଲା । ଦୀର୍ଘ ପନ୍ଦର ଦିନ ପରେ ଭକ୍ତ ଙ୍କୁ ପ୍ରଭୁ ଦୁର୍ଲ୍ଲଭ ନବ ଯୌବନ ରୂପରେ ଦର୍ଶନ ଦେଇଛନ୍ତି । ଗୁରୁବାର ପ୍ରତ୍ୟୁଷରୁ ପହୁଡ଼ ଖୋଲା ଯାଇ ନେତ୍ରଦାନ ସମ୍ମୁଖ ଦର୍ପଣରେ କରାଯାଇଥିଲା। ପରେ ଜୟ ମଙ୍ଗଳା ଆଳତି ହୋଇଥିଲା । ନୀତି ସ୍ନାନ,ନ୍ୟାସ ପ୍ରତିଷ୍ଠା, ହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ, ପାର୍ଶ୍ୱ ଦେବତାଙ୍କୁ ନୂତନ ବସ୍ତ୍ର ଭୋଗ ଲାଗି କରାଯାଇଥିଲା। ବଲ୍ଲଭ, ମଙ୍ଗଳାର୍ପଣ,ସକାଳ ଧୂପ, ଦ୍ୱିପ୍ରହର ଧୂପ, ସନ୍ଧ୍ୟା ଆଳତି ପରେ ନେତ ବନ୍ଧା ମନ୍ଦିର ଚୂଡ଼ାରେ ହୋଇଥିଲା । ରଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ସରିଥିବା ରୁ ରାଜ ପୁରୋହିତଙ୍କ ଦ୍ୱାରା ରଥ ପ୍ରତିଷ୍ଠା କାର୍ଯ୍ୟ କରାଯାଇଥିଲା । ରାତ୍ର ଧୂପ ବଡ଼ସିଂହାର ପୁଷ୍ପାଞ୍ଜଳି ହୋଇ ରାତ୍ର ଏଗାରଟା ବେଳକୁ ପହୁଡ଼ ପଡ଼ିଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି ।

# ବିଧାୟକ ହସ୍ତକ୍ଷେପ ପରେ ଆରମ୍ଭ ହେଲା ରଥଗଢ଼ା

**ମାହାଙ୍ଗା,୨୬।୬ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ଉମର ପଞ୍ଚାୟତରେ ଥିବା ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ମାହାଙ୍ଗାର ପ୍ରସିଦ୍ଧ ହନୁମାନ ଜୀଉ ରଥଯାତ୍ରା ବନ୍ଦ ହୋଇଯାଇଥାନ୍ତା। କୋର୍ଟରେ ଟ୍ରଷ୍ଟି ମାନଙ୍କ କେସ ଯୋଗୁଁ ରଥଯାତ୍ରା ହୋଇଥାନ୍ତା ବନ୍ଦ। କ୍ଷମତାର ଅଧିକାରୀ ଲୋଭ ନେଇ ଉମର ହନୁମାନଙ୍କ ଟ୍ରଷ୍ଟିମାନେ କୋର୍ଟର କାଠଗଡ଼ାରେ ଛିଡା କରେଇ ଦେଇଛନ୍ତି ଠାକୁରଙ୍କୁ। କୋଟି ଜନତାଙ୍କର ମଉଡମଣୀ ଜଗତର ନାଥ ଜଗନ୍ନାଥଙ୍କ ରଥଯାତ୍ରା ବନ୍ଦ କରିବାର ପ୍ରୟାସ କରିବା ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ଆଘାତ ଦେଇଛି।

ଉମର ଅଞ୍ଚଳ ଗ୍ରାମବାସୀ ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କୁ ଅବଗତ କରିବା ପରେ ରଥଯାତ୍ରା ପାଇଁ ସହାୟତା ଯୋଗାଇଦେଇଥିଲେ ବିଧାୟକ। ଆଉ ମାତ୍ର ଗୋଟିଏ ଦିନ ପରେ ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ଜୋର ସୋରରେ ରଥ ନିର୍ମାଣରେ ଲାଗି ପଡ଼ିଛନ୍ତି ଗ୍ରାମବାସୀ। ରଥଯାତ୍ରା ନେଇ ସମସ୍ତଙ୍କ ମନରେ ଉତ୍ସାହ ଦେଖାଦେଇଛି। ଏଥିପାଇଁ ମାହାଙ୍ଗା ବିଧାୟକ ସାରଦା ପ୍ରଧାନଙ୍କୁ ମାହାଙ୍ଗାବାସୀ ଧନ୍ୟବାଦ୍ ଦେଇଛନ୍ତି। ଏଥିସହିତ ସେଠାକାର ଗ୍ରାମବାସୀମାନେ ରଥ ଗଢା ହେବା ଓ ରଥ ଯାତ୍ରାରେ ସହଯୋଗ କରିବା ପାଇଁ ଆଗେଇ ଆସିଛନ୍ତି ବଟ କୃଷ୍ଣ ପଣ୍ଡା (ପୂଜକ ) ରବୀନ୍ଦ୍ର କୁମାର ପଣ୍ଡା (ପୂଜକ ) ରଜତ ପଣ୍ଡା, ପ୍ରମୋଦ କୁମାର ମହାରଣା, ରାକେଶ କୁମାର ମହାପାତ୍ର, ନନ୍ଦ କିଶୋର ମଲ୍ଲିକ, ପ୍ରଶାନ୍ତ ସିଂହ, ସଚ୍ଚିଦାନନ୍ଦ, କ୍ଷୀରୋଦ ମହାନ୍ତି, ଚନ୍ଦ୍ରଶେଖର ମହାନ୍ତି, ପ୍ରିୟବ୍ରତ ମହାପାତ୍ର।

# ନାବାଳିକା ବଳାତ୍କାର ମାମଲାରେ ଆସାମୀଙ୍କୁ ୨୦ ବର୍ଷ ଜେଲ

**କେନ୍ଦ୍ରାପଡ଼ା,୨୬।୬ (ସଂଚାର ବ୍ୟୁରୋ):** ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପୋକସୋ କୋର୍ଟ ବିଚାରପତି ଆସାମୀ ସ୍ୱାଧୀନ ଡିଗାଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହାସହ ୬୫ ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଆସାମୀ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ଜଜ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଏହି ମାମଲାରେ ପୀଡ଼ିତାଙ୍କୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣକୁ ଜଜ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ପାଟକୁରା ଅଞ୍ଚଳର ଜଣେ ୧୬ ବର୍ଷର ନାବାଳିକା ଭୁବନେଶ୍ୱର ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ପଢୁଥିଲେ। ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ ରହୁଥିବା କନ୍ଧମାଳ ଜିଲ୍ଲାର ସଦନମେଣ୍ଡି ଗ୍ରାମର ଅଭିଯୁକ୍ତ ସ୍ୱାଧୀନ ଡିଗାଲ ପାଟକୁରା ଆସି ୨୦୨୪ ମସିହା ଅକ୍ଟୋବର ୮ ତାରିଖରେ ନାବାଳିକାକୁ ଅପହରଣ କରିନେଇଥିଲା। ଏହାପରେ ତାଙ୍କୁ ବିଭିନ୍ନ ସ୍ଥାନରେ ରଖି ବଳାତ୍କାର କରିଥିଲା। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ପାଟକୁରା ଥାନାରେ ଏତଲା ଦେଇଥିଲେ। ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଭୁବନେଶ୍ୱର ନୟାପଲ୍ଲୀ ଥାନା ଅଞ୍ଚଳରୁ ୨୦୨୪ ମସିହା ନଭେମ୍ବର ୧୮ ତାରିଖରେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲା। ଏହାପରେ ଉଭୟଙ୍କର ଡାକ୍ତରୀ ମାଇନା ହୋଇଥିଲା । ଡାକ୍ତରୀ ପରୀକ୍ଷାରୁ ଜଣାପଡିଲା ଯେ ନାବାଳିକା ଗର୍ଭବତୀ ଅଛି। ଏହାପରେ ଅଭିଯୁକ୍ତକୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ତଦନ୍ତକାରୀ ଅଧିକାରୀ ୨୦୨୫ ମସିହା ଜାନୁଆରୀ ୧୪ ତାରିଖରେ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ୬ ଜଣ ସାକ୍ଷୀ ସାକ୍ଷ୍ୟକୁ ଆଧାର କରି ସ୍ୱତନ୍ତ୍ର ପୋକସୋ କୋର୍ଟ ଜଜ ପ୍ରଜ୍ଞା ପରମିତା ରାଉଳ ଆସାମୀ ସ୍ୱାଧୀନ ଡିଗାଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୬୫ ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ କରିଛନ୍ତି ।

# ସର୍ପାଘାତରେ ମହିଳାଙ୍କ ମୃତ୍ୟୁ



**ମହାକାଳପଡ଼ା,୨୬।୬ (ସଂଚାର ବ୍ୟୁରୋ):** ବିଷଧର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅଳାଇଲୋ ପଞ୍ଚାୟତ ଅନ୍ତର୍ଗତ ଓଳିହା ନିଳକଣ୍ଠପୁର (କୁମାରୁଣୀ) ଗ୍ରାମର ଶୁକଦେବ ମଲ୍ଲିକଙ୍କ ପତ୍ନୀ ସବିତା ମଲ୍ଲିକ(୩୭) ବୁଧବାର ରାତିରେ ଘରେ ଶୋଇଥିବା ସମୟରେ ରାତି ପ୍ରାୟ ୧ ଘଟିକା ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। କ'ଣ ଗୋଟାଏ କାମୁଡ଼ି ଦେଲା ବୋଲି କହି ସବିତାଙ୍କ ନିଦରୁ ଉଠି ପାଟି କରିଥିଲେ। ଘର ଲୋକେ ଲାଇଟ୍ ଲଗାଇବାରୁ ଏକ କଳା ରଙ୍ଗର ବିଷଧର ସାପକୁ ଦେଖି ଏକ ଜାଲ ସାହାଯ୍ୟରେ ସାପକୁ କାବୁ କରିବା ସହିତ ସଙ୍ଗେସଙ୍ଗେ ସବିତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଶ୍ୟାମାଗୁଡିଆ ସ୍ଥିତ ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଝୁଲନ୍ତା ଅବସ୍ଥାରେ ପ୍ରଧାନଶିକ୍ଷକଙ୍କ ମୃତଦେହ ଉଦ୍ଧାର



**ଡେରାବିଶ,୨୬।୬ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ରଘୁଦେଇପୁରର ରାଜନଗର ଜଙ୍ଗଲରୁ ଗୁରୁବାର ସକାଳୁ ଜଣେ ପ୍ରଧାନ ଶିକ୍ଷକଙ୍କ ମୃତଦେହ ଉଦ୍ଧାର କରିଛି ଡେରାବିଶ ପୋଲିସ । ସୂଚନା ଅନୁସାରେ ମୃତକ ହେଲେ ଫକୀରବାଦର ବୀରେନ୍ଦ୍ର ମଲ୍ଲିକ ବୋଲି ଜଣାପଡିଛି । ତେବେ ଗତ କାଲି ସକାଳ ପ୍ରାୟ ୭ ଟା ବେଳେ ରାଜନଗର ଶିବମନ୍ଦିର ନିକଟରେ ନିଜର ଗାଡିଟିରଖି କେଉଁଆଡେ ଚାଲିଯାଇଥିଲେ ଅପରାହ୍ନ ପ୍ରାୟ ୪ଟାରେ ସ୍ଥାନୀୟ ଲୋକେ ଏତେ ସମୟ ଧରି ଏଠି କାହାର ଗାଡିଟି ଥୁଆ ହେଇଛି ବୋଲି ସନ୍ଦେହ କରିବା ସହ ଗାଡ଼ି ନମ୍ବର ସର୍ଚ୍ଚ କରି ଫକୀରବାଦର ବୀରେନ୍ଦ୍ର ମଲ୍ଲିକ ବୋଲି ଜାଣିବାକୁ ପାଇଥିଲେ । ପରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ପରିବାର ପକ୍ଷରୁ ଆସି ଜଙ୍ଗଲ ମଧ୍ୟରେ ବହୁ ଖୋଜା ଖୋଜି କରିବାପରେ ବିଳମ୍ବିତ ରାତ୍ରି ପ୍ରାୟ ୧ଟା ୩୦ରେ ଗଛ ମଧ୍ୟରେ ଝୁଲୁଥିବା ବୀରେନ୍ଦ୍ରଙ୍କୁ ଦେଖିବାକୁ ପାଇଥିଲେ । ପୋଲିସକୁ ଜଣାଇବା ପରେ ଖବର ପାଇ ଘଟଣା ସ୍ଥଳରେ ଡେରାବିଶ ପୋଲିସ ପହଁଞ୍ଚି ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଇଛି । ତେବେ ବୀରେନ୍ଦ୍ର ପେସାରେ ଜଣେ ପ୍ରଧାନ ଶିକ୍ଷକ ଥିବା ଜଣାପଡିଛି ସେ ଦୀର୍ଘଦିନ ହେବ ରାଇତୁଣ୍ଡି ମାଇନର ସ୍କୁଲ ଶିକ୍ଷକତା କରୁଥିଲେ ।

# କୁଣ୍ଡି ନଦୀରେ ଚେକ୍ ଡ୍ୟାମ ପାଇଁ ଦାବିପତ୍ର

**ସାଲେପୁର,୨୬।୬ (ସଂଚାର ବ୍ୟୁରୋ):** ସାଲେପୁର ଅଞ୍ଚଳରେ ଥିବା କୁଣ୍ଡି ନଦୀରେ ଏକାଧିକ ସ୍ଥାନରେ ଚେକ୍ ଡ୍ୟାମ ସ୍ଥାପନ କରିବାପାଇଁ ଆଜି ଟାଙ୍ଗୀସାଲେପୁର ବିକାଶମଞ୍ଚର ଅଧକ୍ଷ ବିଶେଶ୍ୱର ସ୍ୱାଇଁ ମାଇନର ଇରିଗେସନ୍ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ଭୁବନେଶ୍ୱରଠାରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସାଲେପୁର ଅଞ୍ଚଳ ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବାବେଳେ ଏହି ଅଞ୍ଚଳର ଶତକଡ଼ା ୮୦ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଖରାଦିନେ ପାଣି ଅଭାବରୁ ବହୁ ଚାଷ ଜମିରେ ଫସଲ ଉତ୍ପାଦନ ହୋଇପାରୁନାହିଁ। ତେଣୁ ସାଲେପୁର ଅଞ୍ଚଳର ଶଙ୍ଖମୁହାଁ, ଜାହାଙ୍ଗିରାବାଦ, ଶିଶୁଆ, ତେନ୍ତୋଳ, ଛାଣିପୁର, ମଉଦା ଆଦି ଅଞ୍ଚଳ ଦେଇ ଯାଇଥିବା କୁଣ୍ଡି ନଦୀର ବିଭିନ୍ନ ସ୍ଥାନରେ ଚେକ୍ ଡ୍ୟାମ କଲେ ପାଣି ସଞ୍ଚୟ ହୋଇ ରହିବା ସହ ଏହି ଅଞ୍ଚଳର ଚାଷ ଜମି ଗୁଡିକ ପଡ଼ିଆ ନପଡ଼ି ଚାଷୀମାନେ ସୁରୁଖୁରୁରେ ଚାଷ କାର୍ଯ୍ୟ କରିପାରନ୍ତେ। ତେଣୁ କୁଣ୍ଡି ନଦୀରେ ଏକାଧିକ ସ୍ଥାନରେ ଚେକ୍ ଡ୍ୟାମ ସ୍ଥାପନ ପାଇଁ ସେ ଏକ ଦାବିପତ୍ର ଆଜି ମାଇନର ଇରିଗେସନ୍ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।

# ମାହାଳହାଟ ଫାଣ୍ଡି ଅଧିକାରୀଙ୍କୁ ନେଇ ଲୋକେ ଚିନ୍ତାରେ



**ନିଶ୍ଚିନ୍ତକୋଇଲି,୨୬।୬ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା କିଶୋରନଗର ଥାନା ଅଧିନସ୍ଥ ମାହାଳହାଟ ବିଟ୍ ହାଉସ୍‌କୁ ନେଇ ଚିନ୍ତାରେ ସ୍ଥାନୀୟ ଜନସାଧାରଣ। ଏହି ଫାଣ୍ଡି ଅଧିନରେ ଥିବା ବାବୁଜଙ୍ଗ, ଉତ୍ତରକୂଳ, ମଣିଜଙ୍ଗ ଓ ମହମ୍ମଦପୁର ଗ୍ରାମପଞ୍ଚାୟତରେ ଦିନକୁ ଦିନ ଚୋରା ମଦ, ଚୋରା ଗଞ୍ଜେଇ, ଡକାୟତି ଓ ଦାଦାବଟି ଠାରୁ ଆରମ୍ଭ କରି ମହାନଦୀ, ଚିତ୍ରୋତ୍ପଳା ଭଳି ନଦୀରୁ ଚୋରା ବାଲି ଚାଲାଣ, ବିଭିନ୍ନ ମଠ ମନ୍ଦିର, ଗୋଚର ଜମିରୁ ଶହ ଶହ ଟ୍ରିପ୍ ମାଟି ଚୋରି ଭଳି ସମସ୍ୟା ବଢ଼ିବାରେ ଲାଗିଥିଲା ବେଳେ ଚୁପ୍ ବସିଛି ମାହାଳହାଟ ଫାଣ୍ଡି ପୁଲିସ୍। ଏପରିକି ବିଭିନ୍ନ ସମୟରେ ସ୍ଥାନୀୟ ଜନସାଧାରଣଙ୍କ ଠାରୁ ଆରମ୍ଭ କରି ଗଣମାଧ୍ୟମ ପ୍ରତିନିଧିମାନେ ଫାଣ୍ଡି ବାବୁଙ୍କୁ ଅଭିଯୋଗ ମାଧ୍ୟମରେ ଅବଗତ କରାଇଥିଲେ ମଧ୍ୟ ଫାଣ୍ଡି ବାବୁ ସତେ ଯେପରି ନିରବ ଦ୍ରଷ୍ଟା।

ଅନ୍ୟାପଟେ ରାଜ୍ୟ ସରକାର ଆମ ପୁଲିସର ଡିଣ୍ଡିମା ପିଟୁଥିବା ବେଳେ ଏଠି ଏହାର ଧଜିଆ ଉଡାଇଦେଉଛନ୍ତି ଫାଣ୍ଡି ଅଧିକାରୀ ଅଜୟ କୁମାର ମହାନ୍ତି। ସଧାରଣ ଲୋକ ନିଜର ଅଭିଯୋଗ ନେଇ ଫାଣ୍ଡିରେ ପହଞ୍ଚିଲା ବେଳେ ଫାଣ୍ଡି ବାବୁ କହୁଛନ୍ତି ତୁମ ଥାନା କିଶୋରନଗର ସେଠାକୁ ଯାଇ ଅଭିଯୋଗ ଦିଅ। ଥାନାର ଦୂରତା ଫାଣ୍ଡି ଠାରୁ ୨୫ କିଲୋମିଟର ଦୂର ଥିବା ବେଳେ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ଯଦି ମାହାଳହାଟ ଫାଣ୍ଡିରେ ଏଭଳି ଚାଲୁରହେ ଆଗାମୀ ଦିନରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟୟ ହେବା ସହିତ ୪ ଗୋଟି ପଞ୍ଚାୟତବାସୀ ନ୍ୟାୟ ପାଇବାରେ ବଞ୍ଚିତ ହେବେ। ଯାହାକୁ ନେଇ ବିଭିନ୍ନ ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀ ମହଲରେ ଫାଣ୍ଡି ଅଧିକାରୀଙ୍କ ଏଭଳି କାର୍ଯ୍ୟକୁ ନେଇ ନିନ୍ଦା କରିବା ସହିତ କଟକ ଗ୍ରାମାଞ୍ଚଳ ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ଜୋର୍ ଧରିଛି।

# ରଥଯାତ୍ରା ପାଇଁ ଟ୍ରାଫିକ କଟକଣା

**କେନ୍ଦ୍ରାପଡ଼ା,୨୬।୬ (ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ରର ପ୍ରସିଦ୍ଧ ସିଦ୍ଧ ବଳଦେବଜିଉଙ୍କ ରଥଯାତ୍ରା ପାଇଁ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ତରଫରୁ ଟ୍ରାଫିକ କଟକଣା ଜାରି କରାଯାଇଛି। ପ୍ରଥମେ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ୨୭ ତାରିଖରୁ ୨୯ ତାରିଖ ଏବଂ ବାହୁଡ଼ାଯାତ୍ରା ଯାତ୍ରା ପାଇଁ ୦୫ ତାରିଖରୁ ୦୭ ତାରିଖ ପର୍ଯ୍ୟନ୍ତ ଏହି ଟ୍ରାଫିକ କଟକଣା ରହିବ। ପଟ୍ଟାମୁଣ୍ଡାଇ ଓ ତିନିମୁହାଣୀ ପଟୁ କେନ୍ଦ୍ରାପଡ଼ା ସହରକୁ ଆସୁଥିବା ଭାରୀଯାନ, ବସ, ଟ୍ରକ, ଟ୍ରେକର, ଟ୍ରାକ୍ଟର, ୪୦୭ ଗାଡି ଇତ୍ୟାଦିକୁ ଦୁହୁରିଆ ପଟକୁ ଡାଇଭର୍ଟ କରାଯାଇଛି। ହାଲୁକା ଯାନ ଯଥା ମୋଟର ସାଇକେଲ, ଦୁଇ ଚକିଆ ଯାନ, ରିକ୍ସା ଗୁଡିକ ନୂଆ ବସ ଷ୍ଟାଣ୍ଡଠାରୁ ଗୋବାରୀ ରିଙ୍ଗ ରୋଡ଼, ଭାସ୍କର ଟକିଜ, ହାଇସ୍କୁଲ କ୍ରସିଂ, ମେଡିକାଲ ରୋଡ଼, ସଲ୍ଟ ଆଇ.ବିରୁ ମଧଖଣ୍ଡି ଗ୍ରାମ ଏବଂ ତାପରେ ହାଟକାନ କ୍ରସିଂ, ଅକ୍ସାରିଆ ଛକ ଗେଟ କେଶପୁର କେନାଲ ବ୍ରିଜ ପର୍ଯ୍ୟନ୍ତ ଏବଂ ତାପରେ ମୀରପାଟଣା, କାକଟ ଲକ ଏବଂ ନୂଆ ବସ ଷ୍ଟାଣ୍ଡ ଶ୍ୟାମସୁନ୍ଦରପୁର ପର୍ଯ୍ୟନ୍ତ ରହିବ। ଗୋପ ପଟୁ ଆସୁଥିବା ଗାଡି ଗୁଡିକୁ ସାନ ମଙ୍ଗଳା ଛକ ଦେଇ କେଶପୁର କେନାଲ ବ୍ରିଜ ଏବଂ ମୀରପାଟଣା ରୋଡ଼, ସେହିପରି ଶ୍ୟାମସୁନ୍ଦରପୁର ପଟୁ ଆସୁଥିବା ନୂଆ ବସ ଷ୍ଟାଣ୍ଡ ପଟକୁ ଯିବେ। ରଥଯାତ୍ରାପାଇଁ ପ୍ରବଳ ଲୋକଙ୍କ ଆଗମନକୁ ଦୃଷ୍ଟିରେ ରଖିବା ସହିତ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହିତ ପରିଚାଳନା ନିମନ୍ତେ ଏପରି ଟ୍ରାଫିକ କଟକଣା କରାଯାଇଛି। ଏଥିରେ ସମସ୍ତ ଜନସାଧାରଣ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ରଥଯାତ୍ରାରେ ପଣା ସରବତ୍‌କୁ ବାରଣ କଲା ପ୍ରଶାସନ

**କେନ୍ଦ୍ରାପଡ଼ା,୨୬।୬ (ସଂଚାର ବ୍ୟୁରୋ):** ପବିତ୍ର ତୁଳସୀକ୍ଷେତ୍ର ର ପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ଶ୍ରୀ ଗୁଣ୍ଡିଚା ରଥଯାତ୍ରା ସମୟରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ଏବଂ ରାଜନୈତିକ ଦଳ ପକ୍ଷରୁ ରଥଯାତ୍ରାରେ ହଜାର ହଜାର ସଂଖ୍ୟକ ଯୋଗ ଦେବାକୁ ଆସୁଥିବା ଭକ୍ତ ମାନଙ୍କ ତୃଷ୍ଣା ମେଣ୍ଟେଇବାକୁ ସେହି ସମୟରେ ଜଳଛତ୍ର, ଦହି ପଣା ସର୍ବତ ଆଦି ବଣ୍ଟନ କରାଯାଇଥାଏ । କିନ୍ତୁ ଚଳିତ ବର୍ଷ କେନ୍ଦ୍ରାପଡ଼ାରେ ହେବାକୁ ଥିବା ଚାରିଦିନ ବ୍ୟାପୀ ଘୋଷଯାତ୍ରା ରେ ଦହି ପଣା ସର୍ବତକୁ ବାରଣ କରାଯାଇଛି। ଡାଇରିଆ କୁ ଦୃଷ୍ଟିରେ ରଖି କୌଣସି ଅନୁଷ୍ଠାନ କିମ୍ବା ରାଜନୈତିକ ଦଳର କାର୍ଯ୍ୟକର୍ତ୍ତା ବଡ଼ଦାଣ୍ଡରେ ଦହି ପାଣି ବଣ୍ଟନ କରିପାରିବେ ନାହିଁ ବୋଲି କେନ୍ଦ୍ରାପଡା ଉପ ଜିଲ୍ଲାପାଳ ଗୁରୁବାର ଏକ ନୋଟିସ ଜାରି କରିଛନ୍ତି।

# କାର୍ଗିଲ ଯୋଦ୍ଧାଙ୍କୁ ଜନ୍ମ ମାଟିରେ ଗାର୍ଡ ଅଫ ଅନର ସହ ଶେଷକୃତ୍ୟ ସମ୍ପନ୍ନ



**ପଟ୍ଟାମୁଣ୍ଡାଇ,୨୬।୬ (ସଂଚାର ବ୍ୟୁରୋ):** କାର୍ଗିଲ ଯୁଦ୍ଧରେ ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରିଥିବା ସିଆରପିଏଫ ଯବାନ କୈବଲ୍ୟ ନାୟକ ଲିଭର ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ସକାଳେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କର ଅକାଳ ବିୟୋଗରେ ତାଙ୍କ ଜନ୍ମମାଟି କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବଡଜରିଆ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୫ବର୍ଷ ବୟସ ହୋଇଥିଲା। କୈବଲ୍ୟଙ୍କ ମରଶରୀର ଗତକାଲି ସନ୍ଧ୍ୟାରେ ଜନ୍ମମାଟିରେ ପହଁଚିବା ପରେ ଗ୍ରାମବାସୀ ବନ୍ଧୁ ଓ ପରିବାର ବର୍ଗଙ୍କ କାନ୍ଦବୋବାଳିରେ ଏକ ଅଭାବନୀୟ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । ଏହା ପରେ ମର ଶରୀରକୁ ସିଆରପିଏଫ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଦେଶପ୍ରେମରେ ଉଦବୁଦ୍ଧ ହୋଇ କୈବଲ୍ୟ ଘର ପରିବାର ଲୋକଙ୍କୁ ଛାଡ଼ି ଆସାମ ରାଜ୍ୟରେ ସିଆରଏଫ ଜବାନ ଭାବେ କାର୍ଯ୍ୟରତ ଥିଲେ।



# ବଳିଦାନ ଦିବସ ପାଳିତ

**ମହାକାଳପଡା,୨୬।୬ (ସଂଚାର ବ୍ୟୁରୋ):** ମହାକାଳପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଶ୍ରମ ବାଲିକୁଦା ସ୍ଥିତ ବାୟାବାବାଙ୍କ ମଠ ପ୍ରାଙ୍ଗଣରେ ସ୍ୱର୍ଗତଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଦେହାନ୍ତ ଦିବସ ବା ବଳିଦାନ ଦିବସ ପାଳିତ ହୋଇଯାଇଛି। ଉକ୍ତ ସଭାରେ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ, ମଣ୍ଡଳ ସଭାପତି ସୌବାଲ୍ୟ ରଞ୍ଜନ ବାହାଲିଆ, ଜିଲ୍ଲା ସମ୍ପାଦକ ବିକ୍ରମାଦିତ୍ୟ ସାହୁ, ଜିବନାନନ୍ଦ ସାହୁ, ପ୍ରଦୀପ ସେଠୀ, ସରପଞ୍ଚ ପ୍ରଜ୍ଞା ପରମିତା କର ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇ ମୁଖାର୍ଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଆରମ୍ଭରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲ୍ଲା ସଭାପତି ଶ୍ରୀ ସେଠୀ ବୁଥ ସଭାପତି ମାନଙ୍କୁ ଦଳର ଆଗାମୀ କାର୍ଯ୍ୟକ୍ରମ ଓ ତୃଣମୂଳ ସ୍ତରରୁ ଦଳକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍ୱାଧୀନ ମହାପାତ୍ର, ବିପିନ ବିହାରୀ ସ୍ୱାଇଁ, କୈଳାସ ସାହୁ, ସଂଗ୍ରାମ ସାମନ୍ତରାୟ, ଚିତ୍ତ ରଂଜନ ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେପି ସରକାର ଉପରେ ବର୍ଷିଲା କଂଗ୍ରେସ

**କେନ୍ଦ୍ରାପଡ଼ା,୨୬।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବିଧାନସଭା ଯୁବ କଂଗ୍ରେସ ପକ୍ଷରୁ ଯୁବ କଂଗ୍ରେସ ର କାର୍ଯ୍ୟକାରୀ ସଭାପତି ଉମେଶ ପାଢ଼ୀ ଙ୍କ ନେତୃତ୍ୱରେ ଓଡ଼ିଶା ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କେନ୍ଦ୍ରାପଡାକୁ ରାଜ୍ୟ ସରକାରଙ୍କ ଚରମ ଅବହେଳା କରିଛନ୍ତି। ମେଡିକାଲ କଲେଜ ଠୁଁ ଆରମ୍ଭ କରି କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ରେ ପରିଣତ କରିବା, ଶିଳ୍ପ ପ୍ରତିଷ୍ଠା, ନାରୀ ସୁରକ୍ଷା, ଦଳିତଙ୍କ ଉପରେ ନିର୍ଯାତନା ପ୍ରସଙ୍ଗକୁ ନେଇ ଯୁବ କଂଗ୍ରେସ ପକ୍ଷରୁ ପ୍ରଥମେ କଲେଜ ପେଟ୍ରୋଲ ଟାଙ୍କି ଛକ ପାଖରୁ କୁଶପୁତ୍ତଳିକା ଧରି ସରକାର ବିରୋଧ ରେ ନାରାବାଜି କରି ପଦଯାତ୍ରା କରି ଆସି କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମୁଖ ରେ ପ୍ରତିବାଦ କରିବା ସହ କୁଷ ପୁତ୍ତଳିକା ଦାହ କରିଥିଲେ ।

ଏହି ପ୍ରତିବାଦ କାର୍ଯ୍ୟକ୍ରମ ରେ ପୂର୍ବତନ ବିଧାୟିକା ଡ଼ା ସିପ୍ରା ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ପୂର୍ବତନ ନଗର ପାଳ ଆକବର ଅଲ୍ଲୀ , ଯୁବ ନେତା ରଶ୍ମୀ ରଞ୍ଜନ ଚୌଧୁରୀ, ଆଇନ ଯିବି ବିଦ୍ୟୁଭୂଷଣ ମହାପାତ୍ର , ସେଖ ଆନସ୍, ଶେଖ କାଲା, ବିପ୍ଳବ ମହାନ୍ତି, ବିଜନ କୁମାର ମଲ୍ଲିକ, ହିମାଂଶୁ ନନ୍ଦ, ପଲକ୍ ପ୍ରିୟଦର୍ଶୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।



### ପଟ୍ଟାମୁଣ୍ଡାଇ ସବ୍‌ଜଜଙ୍କ ମହାନତା

# ମାନସିକ ବିକାରଗ୍ରସ୍ତ ମହିଳାଙ୍କ ଚିକିତ୍ସା ଓ ରହିବା ବ୍ୟବସ୍ଥା କଲେ

**ପଟ୍ଟାମୁଣ୍ଡାଇ,୨୬।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ପରିସରରେ ଦୀର୍ଘ ଦିନ ହେବ ଦିନ ରାତି ଇତସ୍ତତ ଭାବେ ବୁଲାବୁଲି କରୁଥିବା ମାନସିକ ଭାରସ୍ୟାମ ହରାଇଥିବା ଜନୈକା ବୃଦ୍ଧା ମହିଳାଙ୍କୁ ସଯତ୍ନେ ଚିକିତ୍ସା ବ୍ୟବସ୍ଥା କରିବା ସହିତ ସମ୍ମାନେ ମୁଣ୍ଡ ଗୁଞ୍ଜିବା ପାଇଁ ବିଧିବଦ୍ଧ ବ୍ୟବସ୍ଥା କରି ପ୍ରଶଂସା ସାଉଁଟିଛନ୍ତି ପଟ୍ଟାମୁଣ୍ଡାଇ କୋର୍ଟର ମାନ୍ୟବର ସବଜଜ ଅପୂର୍ବା ଚୌଧୁରୀ । ସବ ଜଜଙ୍କ ମହାନତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

ପ୍ରକାଶ ଯେ ଦୀର୍ଘଦିନ ଧରି ମାନସିକ ଭାର ସାମ୍ୟ ହରାଇ ଥିବା ଜନୈକା ବୃଦ୍ଧା କୋର୍ଟ ପରିସରରେ ଇତସ୍ତତ ଭାବେ ବୁଲାବୁଲି କରି ଅନେକ ସମୟରେ ଅସଭ୍ୟ ଭାଷାରେ କୋର୍ଟକୁ ଯାଉଥିବା ମହକିଲ, ଓକିଲ ଓ କୋର୍ଟ କର୍ମଚାରୀଙ୍କୁ ଗାଳି ଗୁଲଜ କରିଆସୁଥିଲା । ଯାହା ଫଳରେ କୋର୍ଟର ଦୈନନ୍ଦିନ କାର୍ଯ୍ୟରେ ଅସୁବିଧା ହେଉଥିଲା । ତେବେ ଉକ୍ତ ମାନସିକ ବିକାରଗସ୍ତ ମହିଳାଙ୍କୁ କୋର୍ଟ ପରିସରରୁ ବାହାର କରିବାକୁ ବହୁ ପଦକ୍ଷେପ ନିଆ ଯାଇଥିଲେ ମଧ୍ୟ ସବୁ ଉଦ୍ୟମ ବିଫଳ ହୋଇଥିଲା । ପଟ୍ଟାମୁଣ୍ଡାଇ ସିନିଅର ସିଭିଲ ଜଜ ତଥା ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧକ୍ଷା ଅପୂର୍ବା ଚୌଧୁରୀଙ୍କ ନିର୍ଦ୍ଦେଶକ୍ରମେ ପାନେଲ ଲୟାର ଧୀରେନ୍ଦ୍ରନାଥ ସାହୁ ଓ ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ସୁରେଶ କୁମାର ନରେନ୍ଦ୍ର ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଯୋଗାଯୋଗ କରିଥିଲେ । ଉପ ଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡ଼ା ନିରାକାର ପରିଡାଙ୍କ ଦ୍ୱାରା ଗଠିତ ମେଡିକାଲ ଟିମ ସମ୍ପୃକ୍ତା ମାନସିକ ବିକାରଗସ୍ତ ମହିଳାଙ୍କୁ ନେଇ କଟକ ଏସ.ସି. ବି ମେଡିକାଲ ମାନସିକ ରୋଗୀ ବିଭାଗରେ ଚିକିତ୍ସା ପାଇଁ ଭର୍ତି କରିଛନ୍ତି । ସେଠାରେ ତାଙ୍କର ଚିକିତ୍ସା କରାଯାଉଛି ।

ସମ୍ପୃକ୍ତ ମହିଳାଙ୍କ ମାନସିକ ସ୍ଥିତି ଓ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିବା ପରେ କଟକର ଏକ ଆଶ୍ରମରେ ରହିବାର ବ୍ୟବସ୍ଥା କରାଯାଇଛି। ପଟ୍ଟାମୁଣ୍ଡାଇ ସବଜଜ ତଥା ତାଲୁକ ଆଇନ ସେବା ସମିତି ଅଧକ୍ଷାଙ୍କ ଏହି ମହନୀୟ ପଦକ୍ଷେପ ପାଇଁ ସବୁ ମହଲରେ ଭୁରି ଭୁରି ପ୍ରଂଶସା କରାଯାଇଛି ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରା ଚାଲାଣ ବିରୋଧରେ ସଚେତନତା କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା,୨୬।୬ (ସଂଚାର ବ୍ୟୁରୋ):** ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରା ଚାଲାଣ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଗୁରୁବାର ପୂର୍ବାହ୍ନ ସମୟରେ ଜିଲ୍ଲା ପ୍ରଶାସନ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଅବକାରୀ ବିଭାଗ ପକ୍ଷରୁ ଗୋଟିଏ ଗୋଟିଏ ସଚେତନତା ରଥ ସହ ଶତାଧିକ ବିଦ୍ୟାଳୟ ଛାତ୍ରଛାତ୍ରୀ, ଜନସାଧାରଣ ଅଙ୍ଗନବାଡି କର୍ମୀ, ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରି ମୁନିସିପାଲିଟି ଟାଉନ ହଲଠାରେ ପହଞ୍ଚିଥିଲା। ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୁପାଲୀ ପ୍ରିୟଦର୍ଶିନୀ ନାୟକ, ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ। ପରେ ପୂର୍ବାହ୍ଣ ୧୦.୩୦ ମିନିଟ ସମୟରେ ମୁନିସିପାଲିଟି ଟାଉନ ହଲ ଠାରେ ସଚେତନତା ସଭା ଆୟୋଜିତ ହୋଇଥିଲା।

### ଓଳାଭର କଲେଜ କେଳଙ୍କାରୀ

# ଅଧକ୍ଷଙ୍କୁ କୋର୍ଟରୁ ସମନ

**ରାଜକନିକା,୨୬।୬ (ସଂଚାର ବ୍ୟୁରୋ):** ବିଭିନ୍ନ ସମୟରେ ପାଠପଢ଼ା ହେଉକି କଲେଜ ଉତ୍ସବରେ ନାଚିବା, ସୂଚନା ଅଧିକାର ତଥ୍ୟ ନ ଦେବା, ସରକାରୀ ଭାବେ ନିଯୁକ୍ତି ପାଇଥିବା ତତ୍‌କାଳୀନ ପରିଚାଳନା ସଭାପତିଙ୍କୁ ଖୋଲା ବିରୋଧ ଓ ଅନ୍ୟ ସଦସ୍ୟଙ୍କ ନାମ ବୃତାନ୍ତ ପରେ ସରକାରଙ୍କୁ ନା ଦେବା ହେଉ ଚର୍ଚ୍ଚାରେ ରହି ଆସିଥିବା ଭାରପ୍ରାପ୍ତ ଅଧକ୍ଷ ଏବେ ଗୋଟେ ସଙ୍ଗୀନ ମାମଲାରେ ଛନ୍ଦି ହୋଇଛନ୍ତି।

ସୂଚନା ଯୋଗ୍ୟ ୨୦୨୧ ମସିହାରେ ତତ୍କାଳୀନ ଅଧକ୍ଷା ନିରୁପମାବଳଙ୍କ ବଦଳି ପରେ ଶ୍ରୀ ବେହେରା ଅଧକ୍ଷ ହେବା ଯଦିଓ ଆଇନ ସଙ୍ଗତ ମାତ୍ର ସେହି ବଦଳି ନିର୍ଦ୍ଦେଶ ଉପରେ ଉଚ୍ଚ ନ୍ୟାୟାଳୟ ରୋକ୍ ଲଗାଇଥିଲେ ଫଳରେ ନିରୁପମା ବଳ କାର୍ଯ୍ୟରେ ଯୋଗ ଦେବାକୁ ଗଲାବେଳେ ହଳଧର ବେହେରା ଓଡ଼ିଆ ଅଧାପକ, ସୁଧୀର ବାରିକ ଓ ତତ୍କଳିନ ମୁଖ୍ୟକିରାଣୀ ନିରଞ୍ଜନ ନାୟକ କଲେଜ୍ ଗେଟ୍‌ରେ ତାଲା ପକାଇବା ସହ ମହିଳା ଅଧକ୍ଷାଙ୍କୁ ବଳପୂର୍ବକ କଲେଜରେ ବିରୋଧ କରି ଫେରାଇ ଦେଇଥିଲେ। ଶ୍ରୀମତୀ ବଳ ଏ ନେଇ କନିକା ଥାନାରେ ଏତଲା ଦେଇଥିଲେ। ଏବଂ ଏହି କେସ ଅଳି ଜେଏମଏଫ୍‌ସି କୋର୍ଟରେ ଚାଲିଥିବା ବେଳେ ଆଇନର ଗଳା ବାଟ ଦେଇ ୩ ଅଭିଯୁକ୍ତ ତାରିଖ ଗଡ଼େଇ ଚାଲିଥିଲେ। ମାତ୍ର ଏଇ କିଛି ମାସ ତଳେ ପ୍ରଥମ ଓ ଏବେ ଦୁଇଟି ସମନ କୋର୍ଟରୁ ଜାରି କରାଯାଇ ଥିବାର ଅନୁସନ୍ଧାନରୁ ଜଣାପଡ଼ିଛି।

ଏହି ପୁରାତନ କଲେଜର ସ୍ୱାଭିମାନ ଆଉ ପ୍ରତିଷ୍ଠାକୁ କଳଙ୍କିତ କରିଥିବା ଭାରପ୍ରାପ୍ତ ଅଧକ୍ଷଙ୍କୁ ଅବସରକାଳୀନ ସୁବିଧା ସୁଯୋଗରୁ ବଞ୍ଚିତ କରି ଉପଯୁକ୍ତ ଦଣ୍ଡ ବିଧାନ ପାଇଁ ବିଭାଗୀୟ ନିର୍ଦ୍ଦେଶକ, ସଚିବ, ମନ୍ତ୍ରୀ ଏବଂ ପରିଚାଳନା କମିଟିର ବର୍ତ୍ତମାନ ସଭାପତି ଥିବା କେନ୍ଦ୍ରାପଡ଼ା ଉପ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବହୁ ଶିକ୍ଷାପ୍ରେମୀ ଦାବି କରିଛନ୍ତି ।

# ଜନ୍ମ ଦିନରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶୁଭେଚ୍ଛା ଜଣାଇ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ





















## ଦଳିତ ଯୁବକଙ୍କୁ ବର୍ବରୋଚିତ ଆକ୍ରମଣକୁ କଂଗ୍ରେସର ନିନ୍ଦା



**ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ):** ଗତ ୨୨ ତାରିଖରେ ଗଞ୍ଜାମର ଧରାକୋଟ ବ୍ଲକ ଅନ୍ତର୍ଗତ ସିଙ୍ଗିପୁର ପଞ୍ଚାୟତରେ ଦୁଇ ଜଣ ଦଳିତ ବୁଲୁ ନାଏକ ଓ ବାବୁଲା ନାଏକଙ୍କୁ ଗାଁ ଦାଣ୍ଡରେ ଅଧା ଲଣ୍ଡା କରି ଚଲାଇବା ଓ ଘାସ ଖୁଆଇବା ସହ ନର୍ଦ୍ଦମା ପାଣି ପିଆଇବା ଭଳି ନିନ୍ଦନୀୟ ଘଟଣା ଘଟିଥିବା ବେଳେ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ଓ ଗୋରକ୍ଷକ ବୋଲି ପରିଚୟ ଦେଇଥିବା ଲୋକେ ଏପରି ଅମାନବୀୟ କାଣ୍ଡ ଘଟାଇଛନ୍ତି। ଏପରି ଏକ ଘଟଣାରେ ରାଜ୍ୟ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହୋଇଛି ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ। ଏହି ଘଟଣାର ଅନୁସନ୍ଧାନ ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଦ୍ୱାରା ଗଠିତ କମିଟିର ନେତୃତ୍ୱ ନେଇଥିବା ଶ୍ରୀ କାଡାମ ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏହି ଘଟଣାରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ସାଂସଦ ପ୍ରିୟଙ୍କା ଗାନ୍ଧି ଦୁଃଖ ପ୍ରକାଶ କରିସାରିଛନ୍ତି। ଏହି ଘଟଣାରେ ସେ ସ୍ଥାନୀୟ ବିଧାୟକ ରମେଶ ଜେନା ଓ ଅନ୍ୟ ୩ ଜଣ ସଦସ୍ୟଙ୍କ ସହ ଦୁଇ ପୀଡ଼ିତଙ୍କୁ ଭେଟି ଘଟଣା ସମ୍ପର୍କରେ ସବିଶେଷ ସୂଚନା ହାସଲ କରିଛନ୍ତି। ଘଟଣାଦିନ ବୁଲୁ ଓ ବାବୁଲା ଗୁମା ଅଞ୍ଚଳରୁ ଗାଈ କିଣି ଘରକୁ ଫେରୁଥିବା ସମୟରେ ଖାରିଗୁମାଠାରେ କେତେକ ଅସାମାଜିକ ଯୁବକମାନେ ଘେରି ସେମାନଙ୍କୁ ଧମକଚମକ ଦେବା ସହ ଟଙ୍କା ଦାବି କରିଥିଲେ। କିନ୍ତୁ ସେମାନେ ଅସାମର୍ଥ୍ୟତା ପ୍ରକାଶ କରିବାରୁ ଅସାମାଜିକ ଯୁବକମାନେ ମାଡ଼ ମାରିବା ସହ ଲଣ୍ଡା କରି ଅତି ଅମାନବୀୟ ଭାବେ ଖାରିଗୁମ୍ମାରୁ ବାହାଡ଼ା ଆଣି ରାସ୍ତାରେ କଙ୍ଗାରୁ କୋର୍ଟ କରି ନିର୍ଯାତନା ଦେଇଥିଲେ। ପୁଲିସ ଥାନାଠାରୁ ମାତ୍ର ୬ କିମି ଦୂରରେ ଏପରି ଏକ ହୃଦୟ ବିଦାରକ ଘଟଣା ଘଟିଥିବାରୁ ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥାର ସ୍ଥିତି କ'ଣ ଏଥିରୁ ସ୍ପଷ୍ଟ ଅନୁମେୟ। ଅଧିକନ୍ତୁ ଘଟଣାର ଅଭିଯୁକ୍ତମାନଙ୍କର ଫଟୋ ସରକାରୀ ଦଳର କର୍ମକର୍ତ୍ତା ଓ ମନ୍ତ୍ରୀଙ୍କ ସହ ଭାଇରାଲ ହେଉଥିବା ବେଳେ ଘଟଣାର ମୁଖ୍ୟ ଅଭିଯୁକ୍ତ ରାଜାକୁ ଅଦ୍ୟାବଧି ଗିରଫ କରାଯାଇନାହିଁ। ଏ ଦିଗରେ ସରକାର ମଧ୍ୟ ଠୋସ୍ ପଦକ୍ଷେପ ନେଇନାହାନ୍ତି। ତେଣୁ ଏହି ମାମଲାରେ ସରକାର ପୀଡ଼ିତଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବା ସହ ରାଜ୍ୟର ଦଳିତ ଓ ଆଦିବାସୀଙ୍କୁ ସୁରକ୍ଷା ଦେବାକୁ ଶ୍ରୀ କାଡାମ ଦାବି କରିଛନ୍ତି। ସେହିପରି ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ଏହି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଘଟଣା ଘଟିବାର ପରଦିନ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲା ଗସ୍ତ କରିଥିଲେମଧ୍ୟ ପୀଡ଼ିତଙ୍କୁ ଭେଟିନାହାନ୍ତି। ସେମାନଙ୍କ ଚିକିତ୍ସା ବାବଦରେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ବିଜେପିର ସମର୍ଥକମାନଙ୍କର ଏହି ଘଟଣା ସହ ସମ୍ପୃକ୍ତି ରହିଥିବାରୁ ମୁଖ୍ୟମନ୍ତ୍ରୀ ମୁହଁ ଖୋଲୁନଥିବା ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ କମିଟି ସଦସ୍ୟ ତଥା ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ତୁଳେଶ୍ୱର ନାୟକ ଓ ବିଜୟ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ।

### ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ଦାବି

## ବାଲୁକା କଳାରେ ବେଦାନ୍ତର ରଥଯାତ୍ରା ଶୁଭେଚ୍ଛା

**ଭୁବନେଶ୍ୱର,୨୬।୬ (ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ରାଜ୍ୟବାସୀଙ୍କୁ ପବିତ୍ର ରଥଯାତ୍ରା ଉପଲକ୍ଷେ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପୁରୀ ବେଳାଭୂମିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏକ ଭବ୍ୟ ବାଲୁକା ମୂର୍ତ୍ତି ଉନ୍ମୋଚନ କରାଯାଇଛି, ଯାହାକୁ ଜଣାଶୁଣା ବାଲୁକା ଶିଳ୍ପୀ ମାନସ କୁମାର ସାହୁ ପ୍ରସ୍ତୁତ କରିଛନ୍ତି। ୧୫ ଫୁଟ ଲମ୍ବ ଓ ୬ ଫୁଟ ଉଚ୍ଚତା ବିଶିଷ୍ଟ ଏହି ବାଲୁକା କଳାକୁ ନିର୍ମାଣ କରିବା ସକାଶେ ପାଖାପାଖି ୧୦ ଟନ୍ ବାଲି ବ୍ୟବହାର କରାଯାଇଛି। ଏଥିସହ ଏହି ବାଲୁକା କଳା ପ୍ରସ୍ତୁତି ପାଇଁ ଶିଳ୍ପୀ ମାନସଙ୍କୁ ଦୁଇ ଦିନ ସମୟ ଲାଗିଛି। ବାଲୁକା କଳାକୁ ବିଭିନ୍ନ ପ୍ରକାରର ରଙ୍ଗ ଓ ଫୁଲ ମାଳାରେ ସଜ୍ଜିତ କରାଯାଇଥିବା ବେଳେ ଏହା ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ବେଦାନ୍ତ ଆଲୁମିନିୟମ ପ୍ରତିବର୍ଷ ରଥଯାତ୍ରା ପାଳନକୁ ଗର୍ବର ସହିତ ସମର୍ଥନ କରିବ ସହ ଓଡ଼ିଶାର ଆଧାତ୍ମିକ ଏବଂ କଳାତ୍ମକ ପରିଚୟକୁ ସଂରକ୍ଷଣ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରେ। ସବୁବର୍ଷ ଭଳି ଏବର୍ଷ ମଧ ବେଦାନ୍ତ ଆଲୁମିନିୟମ ରଥଯାତ୍ରା ଏବଂ ବାହୁଡା ଯାତ୍ରା ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଆୟୋଜନ କରିବ, ଯେଉଁଥିରେ ଅର୍ଣ୍ଣଛତ୍ର-ଭଣ୍ଡାର ମାଧମରେ ଖାଦ୍ୟ ବଣ୍ଟନ, ପାନୀୟ ଜଳ ଏବଂ ଭକ୍ତଙ୍କ ପାଇଁ ଜଳଖିଆର ବ୍ୟବସ୍ତା କରାଯିବା ସହିତ ଏକ ଶାନ୍ତିପୂର୍ଣ୍ଣ ଭଜନ ସନ୍ଧ୍ୟାର ମଧ ଆୟୋଜନ କରାଯିବ, ଯେଉଁଥିରେ ମହାପ୍ରସାଦ ଏବଂ ନିର୍ମାଲ୍ୟ ବଣ୍ଟନ କରାଯିବ ବୋଲି କୁହାଯାଇଛି।




## ମାଦକ ସେବନ ବିରୋଧରେ ୱାଦାର ଯୁଦ୍ଧଂଦେହୀ ଡାକରା




**ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ):** ଅନ୍ତର୍ଜାତୀୟ ମାଦକଦ୍ରବ୍ୟ ସେବନ ଓ ଅବୈଧ ବ୍ୟବସାୟ ବିରୋଧୀ ଦିବସ ଅବସରରେ ୱାର ଏଗେନଷ୍ଟ ଡ୍ରଗ ଆବ୍ୟୁଜ (ୱାଦା) ପକ୍ଷରୁ ସ୍ଥାନୀୟ ଜୟଦେବ ଭବନରେ ଏକ ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ରାଜ୍ୟରେ ମାଦକ ସେବନ ବିରୋଧରେ ଜନସଚେତନତା ବୃଦ୍ଧି, ନୀତି ଗଠନ ଓ ପ୍ରଣୟନ ଏବଂ ଯୁବ ସଂପ୍ରେରଣ ଉପରେ ଗଭୀର ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଓଡ଼ିଶା ହାଇକୋର୍ଟର ପୂର୍ବତନ ନ୍ୟାୟାଧୀଶ ପ୍ରମଥ ପଟ୍ଟନାୟକ, ମୁଖ୍ୟ କାରାପାଳ ସୁଶାନ୍ତ କୁମାର ନାଥ, ରାଜ୍ୟ ବିଜେପି ଉପସଭାପତି ତଥା ୱାଦାର ମୁଖ୍ୟ ପରାମର୍ଶଦାତା ଗୋଳକ ପ୍ରସାଦ ମହାପାତ୍ର ଯୋଗଦେଇଥିଲେ। ସେହିପରି ମୁଖ୍ୟ ବକ୍ତା ଭାବେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଅଧିବକ୍ତା ସୌରଚନ୍ଦ୍ର ମହାପାତ୍ର, ୱାଦା ସମ୍ପାଦକ ଗତିକୃଷ୍ଣ ଶତପଥୀ ମାଦକ ବିରୋଧୀ ଅଭିଯାନର ଆବଶ୍ୟକତା, ସଂସ୍ଥାର ଭୂମିକା ଓ ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ମାଦକ ବିରୋଧୀ ଯୁଦ୍ଧରେ ଅସାଧାରଣ ଭୂମିକା ନିର୍ବାହ କରିଥିବା ବ୍ୟକ୍ତି ଓ ସଂଗଠନଙ୍କୁ ୱାଦା ସୈନିକ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଅତିଥିଗଣ ୱାଦା ଆନ୍ଥେମ, ବ୍ରୋଚର ଓ ଟି ଶାର୍ଟ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ବାସୁଦେବ ନାଥ ପରିଚାଳନା କରିଥିବା ବେଳେ ବିଭୁ ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି, କର୍ମଚାରୀ ମୃତ




**ଭୁବନେଶ୍ୱର, ୨୬।୬ (ସଂଚାର ବ୍ୟୁରୋ) :** ରାଜଧାନୀରେ ଭୟବହ ଅଗ୍ନିକାଣ୍ଡ। ବିଳମ୍ବିତ ରାତିରେ ଲୁଗା ଦୋକାନ ଗୋଦାମରେ ଲାଗିଥିଲା ନିଆଁ । ମା' ତାରିଣୀ ବସ୍ତ୍ରାଳୟ ଲୁଗା ଗୋଦାମରେ ନିଆଁ ଲାଗିବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ମା ତାରିଣୀ ବସ୍ତ୍ରାଳୟର କର୍ମଚାରୀ ହୋଇଥିବା ବେଳେ ଘର ପୁରୀ ଜିଲ୍ଲାରେ । ଏନେଇ ଲକ୍ଷ୍ମୀସାଗର ଥାନା ପକ୍ଷରୁ ସୂଚନା ମିଳିଛି । ରିପୋର୍ଟ ହସ୍ତଗତ ପରେ ପୋଷ୍ଟମର୍ଟମ ହେବ ବୋଲି ସୂଚନା ଦେଇଛନ୍ତି ଥାନା ଅଧିକାରୀ ପି ଶ୍ୟାମ ରାଓ । ଗୋଦାମରେ ନିଆଁ ଲାଗିବା ଯୋଗୁଁ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି । କିନ୍ତୁ ସେନେଇ କୌଣସି ସ୍ପଷ୍ଟ ସୂଚନା ହସ୍ତଗତ ହୋଇନାହିଁ । ବୁଧବାର ବିଳମ୍ବିତ ରାତିରେ ଭୁବନେଶ୍ୱର କଳ୍ପନା ସ୍ଥିତ ମା' ତାରିଣୀ ବସ୍ତ୍ରାଳୟ ଲୁଗା ଗୋଦାମରେ ଘଟିଥିଲା ଅଗ୍ନିକାଣ୍ଡ। ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି । ଗୋଦାମର ଦୁଇଟି ଫ୍ଲୋରକୁ ବ୍ୟାପିଥିଲା ନିଆଁ। ଫାଷ୍ଟ ଫ୍ଲୋରରେ ନିଆଁ ଲାଗି ପରେ ଧିରେ ଧିରେ ଗୋଦାମ ଜଳିଥିଲା । ଏନେଇ ଖବର ପାଇବା ପରେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ ପାଇଁ ଚେଷ୍ଟା କରିଥିଲା । ପରେ ଫସି ରହିଥିବା ଲୋକଙ୍କୁ ମଧ୍ୟ ଉଦ୍ଧାର କରାଯାଇଥିଲା। ନିଆଁ ଲିଭାଇବା ପାଇଁ ତିନୋଟି କଳ୍ପନା ଷ୍ଟେସନର ଦମକଳ ଗାଡ଼ି ସହ ଷ୍ଟ୍ରାଇକିଂ ଫୋର୍ସ ନିୟୋଜିତ ଥିଲେ। 3ଘଣ୍ଟାରେ ସମ୍ପୂର୍ଣ୍ଣ ନିଆଁକୁ ଆୟତ୍ତ କରାଯାଇଥିଲା। ଧୂଆଁ ଭିତରେ ଫସି ରହି ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆଜି ସକାଳୁ ତାଙ୍କର ମୃତ୍ୟ ହୋଇଥିବା ସ୍ପଷ୍ଟ କରିଛତି ଲକ୍ଷ୍ମୀସାଗର ଥାନା ଅଧିକାରୀ । ଦୁଇ ମହଲା ବିଶିଷ୍ଟ ଏହି ଗୋଦାମରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଥିଲା କି ନଥିଲା ସେନେଇ ସୂଚନା ମିଳିନାହିଁ । ଅଗ୍ନିଶମ ବିଭାଗ ପକ୍ଷରୁ କେତେ ଥର ସେଠାରେ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆ ଯାଇଛି ବା ନୋଟିସ ହୋଇଛି ସେନେଇ ମଧ୍ୟ ତଦନ୍ତ ହେବ। ଜନଗହଳି ଲାଗୁଥିବା ଏଭଳି ବଡ଼ ଦୋକାନ ମା' ତାରିଣୀ ବସ୍ତ୍ରାଳୟ ପକ୍ଷରୁ ଅଗ୍ନି ନିରାପତ୍ତା ନିଆଇଯାଇଥିଲା କି ନାହିଁ ? ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରିବ ଅଗ୍ନିଶମ ବିଭାଗ।

## ବଡ଼ ଧରଣର ଡକାୟତି ଯୋଜନା ପଣ୍ଡ, ପୁଲିସ୍ ଚଢ଼ାଉରେ ୩ ଡକାୟତ ଗିରଫ



**ଭୁବନେଶ୍ୱର, ୨୬।୬ (ସଂଚାର ବ୍ୟୁରୋ) :** ରାଜଧାନୀରେ ଲୁଟ ପାଇଁ ଚାଲିଥିଲା ବଡ଼ ପ୍ଲାନ । ସୁରାକ ପାଇ ବଡ଼ ଡକାୟତି ଯୋଜନା ପଣ୍ଡ କଲା ପୋଲିସ । ଭୁବନେଶ୍ୱର ଭରତପୁର ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବାବେଳେ ୩ ଜଣ ଗିରଫ ହୋଇଛନ୍ତି । ସେମାନଙ୍କ ଠାରୁ ବୋଲେରୋ ଗାଡି, ୨ଟି ବନ୍ଧୁକ, ୬ଟି ଅଫୁଟା ଗୁଳି, ଅନେକ ମାରଣାସ୍ତ୍ର ଜବତ କରାଯାଇଛି। ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ଏକାଧିକ ମାମଲା ରହିଛି। ଭରତପୁର ଶ୍ୟାମପୁର ଅଞ୍ଚଳର ଏକ ପେଟ୍ରୋଲ ପମ୍ପରୁ ଲୁଟି କରିବା ପାଇଁ ଆସିଥିବା ବେଳେ ପୋଲିସ ହାତରେ ଧରାପଡ଼ିଛନ୍ତି। ପୋଲିସ କମିଶନର ଏସ ଦେବଦତ୍ତ ସିଂଙ୍କ ସୂଚନା ଅନୁସାରେ, ବୁଧବାର ଦିନ ପାଖାପାଖି ୪ଟା ୫୩ ସମୟରେ, ଭୁବନେଶ୍ୱର ଭରତପୁର ପୋଲିସ ଷ୍ଟେସନ ସୀମା ମଧ୍ୟରେ ୪ରୁ ୫ ଜଣ ଅଜଣା ବ୍ୟକ୍ତି ମାରଣାସ୍ତ୍ର ଧରି ଏକ ଧଳା ବୋଲେରୋ ଗାଡ଼ିରେ ବୁଲୁଥିଲ । ଭରତପୁର ଥାନା ଆଇଆଇସି ଏନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ସନ୍ଦେହ କରାଯାଉଥିଲା ଯେ, ସେମାନେ ଭରତପୁର ସଂପୁରୁ ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପରେ ଡକାୟତି କରିବାକୁ ଯୋଜନା କରୁଛନ୍ତି। ଭୂଦାନ ଅଞ୍ଚଳର ଶ୍ୟାମପୁର ମୌଜା ଅନ୍ତର୍ଗତ ପାଣ୍ଡାକୁଡିଆ ନିକଟରେ ଏକାଠି ହେବାର ସମ୍ଭାବନା ରହିଥିଲା ।

ସେପେଟେ ବରିଷ୍ଠ ଅଧିକାରୀଙ୍କ ନିର୍ଦ୍ଦେଶରେ ଭରତପୁର ଆଇଆଇସି ଏବଂ ଏକ ଟିମ ତୁରନ୍ତ ସୂଚନା ପାଇ ଘଟଣାସ୍ଥଳ ଆଡ଼କୁ ଯାଇ ପାଣ୍ଡାକୁଡିଆ ନିକଟରେ ପହଞ୍ଚିଥିଲେ । ସେଠାରେ ଏକ ଧଳା ବୋଲେରୋ ଗାଡ଼ି ପଡ଼ିଆ ମଝିରେ ଠିଆ ହୋଇଥିବା ଦେଖିବାକୁ ପାଇଥିଲେ । ପୋଲିସ ଗାଡ଼ି ପାଖକୁ ଆସିବା ମାତ୍ରେ, ୫ ଜଣ ସନ୍ଦିଗ୍ଧ ବ୍ୟକ୍ତି ବୋଲେରୋରୁ ଡେଇଁ ଖସି ପଳାଇବାକୁ ଚେଷ୍ଟା କରୁଥିଲେ । ପୋଲିସ ଟିମ ସେମାନଙ୍କୁ ପିଛା କରି ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ । ଅନ୍ୟ ୨ ଜଣ ମାଳିପଡ଼ା ଆଡ଼କୁ ପଳାଇ ଯାଇଥିଲେ । ଖୁବଶୀଘ୍ର ଫେରାର ଅଭିଯୁକ୍ତମାନଙ୍କୁ ଧରାଯିବ । ପୋଲିସ ଏହାକୁ ନେଇ ତଦନ୍ତ ଜାରି ରଖିଛି।" ବୋଲି କହିଛନ୍ତି ପୋଲିସ କମିଶନର ଏସ ଦେବଦତ୍ତ ସିଂ।

## ଗୋପାଳପୁର ବନ୍ଦର ଉନ୍ନତି ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ

- ଜଟାଧାର ମୁହାଣରେ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ୨,୧୦୦ କୋଟି ଟଙ୍କା ନିବେଶ
- ୫୨ ମିଲିଅନ ଟନ୍ ପଣ୍ୟ ପରିବହନ
- ଗୋପାଳପୁର ବନ୍ଦରରେ ୧୬,୫୫୪ କୋଟି ଟଙ୍କା ନିବେଶ
- ପଣ୍ୟ ପରିବହନ କ୍ଷମତା ୫୦ ମିଲିଅନ ଟନ୍‌କୁ ବୃଦ୍ଧି ପାଇବ
- ଏହି ଦୁଇଟି ପ୍ରକଳ୍ପ ମାଧ୍ୟମରେ ରାଜ୍ୟରେ ୮,୪୫୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ
- ସାମୁଦ୍ରିକ ବାଣିଜ୍ୟର ବିକାଶ ରାଜ୍ୟ ସରକାରଙ୍କ ଏକ ମୁଖ୍ୟ ଫୋକସ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ):** ରାଜ୍ୟରେ ବିଭିନ୍ନ ସ୍ଥାନରେ ବନ୍ଦର, ଜେଟି ଓ ଅନ୍ୟାନ୍ୟ ଭିତ୍ତିଭୂମି ସ୍ଥାପନ କରି ଓଡିଶାରେ ସାମୁଦ୍ରିକ ବାଣିଜ୍ୟର ବିକାଶ ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋପାଳପୁର ବନ୍ଦର ଉନ୍ନତିକରଣ ଓ ଜଟାଧାର ମୁହାଣରେ କ୍ୟାପ୍‌ଟିଭ୍ ଜେଟି ନିର୍ମାଣ ପାଇଁ ରିହାତି ଚୁକ୍ତିନାମା ସ୍ୱାକ୍ଷର ଅବସରରେ କହିଛନ୍ତି।

ଜଗତସିଂହପୁର ଜିଲ୍ଲା ଏରସମା ତହସିଲ ଅନ୍ତର୍ଗତ ଜଟାଧାର ମୁହାଣଠାରେ ଏକ କ୍ୟାପ୍‌ଟିଭ୍ ଜେଟି ନିର୍ମାଣ ପାଇଁ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ସହିତ ରାଜ୍ୟ ସରକାରଙ୍କ ରିହାତି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ୫୨ ମିଲିଅନ ମେଟ୍ରିକ ଟନ୍ ପଣ୍ୟ ପରିବହନ କ୍ଷମତା ବିଶିଷ୍ଟ ଏହି ଜେଟି ସ୍ଥାପନ ନିମନ୍ତେ ପ୍ରାରମ୍ଭିକ ସ୍ତରରେ ୨,୧୦୦ କୋଟି ଟଙ୍କା ନିବେଶ କରାଯିବ ଏବଂ ଏହା ମାଧ୍ୟମରେ ୩,୪୫୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ସେହିଭଳି ୧୬,୫୫୪ କୋଟି ଟଙ୍କା ନିବେଶରେ ଗୋପାଳପୁର ବନ୍ଦରର ସଂପ୍ରସାରଣ ଓ ଉନ୍ନତିକରଣ କାର୍ଯ୍ୟ ପାଇଁ ଗୋପାଳପୁର ପୋର୍ଟ୍ସ ଲିମିଟେଡ୍ ଏବଂ ଓଡିଶା ସରକାରଙ୍କ ମଧ୍ୟରେ ରିହାତି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ଉନ୍ନତିକରଣ କାର୍ଯ୍ୟ ପରେ ବନ୍ଦରର ପଣ୍ୟ ପରିବହନ କ୍ଷମତା ୫୦ ମିଲିଅନ ମେଟ୍ରିକ ଟନ ହେବ। ଏହା ମାଧ୍ୟମରେ ପ୍ରାୟ ୫ ହଜାର ଯୁବକଯୁବତୀଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ସୃଷ୍ଟି ହେବ।

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ୍‌ର ପ୍ରେସିଡେଣ୍ଟ ଅନୀଲ କୁମାର ସିଂ ଓ ଗୋପାଳପୁର ପୋର୍ଟ୍ସ ଲିମିଟେଡ୍‌ର ବିଜନେସ ହେଡ ସନ୍ଦୀପ ଜୟସ୍ୱାଲ ଓ ଓଡିଶା ସରକାରଙ୍କ ପକ୍ଷରୁ ବନ୍ଦର ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ରିହାତି ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଲୋକସେବା ଭବନଠାରେ ଆୟୋଜିତ ଏହି ଚୁକ୍ତିନାମା ସ୍ୱାକ୍ଷର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ସାମୁଦ୍ରିକ ବାଣିଜ୍ୟର ବିକାଶ ପାଇଁ ବିଭିନ୍ନ ଘରୋଇ କମ୍ପାନୀ ସହିତ ସହଭାଗିତା ଭିତ୍ତିରେ କାର୍ଯ୍ୟ କରାଯିବାର ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ ଇଞ୍ଚୁଡ଼ି ଓ ବାହୁଡ଼ାଠାରେ ଦୁଇଟି ନୂଆ ବନ୍ଦର ପ୍ରତିଷ୍ଠାର ଲକ୍ଷ୍ୟ ରଖାଯାଇଥିବା ବେଳେ ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗ ବନ୍ଦରର ବିକାଶ ପାଇଁ ମଧ୍ୟ ଯୋଜନା ରହିଛି। ସେ ପୁଣି କହିଥିଲେ ଯେ ଗୋପାଳପୁର ବନ୍ଦର ଲିମିଟେଡ୍ ଓ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲର ଉଭୟ ବନ୍ଦର ବିକାଶ ଓ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଖ୍ୟାତି ରହିଛି। ଏହି ଦୁଇଟି କମ୍ପାନୀ ଆମର ବନ୍ଦର ଭିତ୍ତିକ ବିକାଶ କ୍ଷେତ୍ରରେ ଏକ ନୂଆ ଯୁଗ ସୃଷ୍ଟି କରିବେ ଏବଂ ଏହି ଦୁଇଟି ପ୍ରକଳ୍ପ ମାଧ୍ୟମରେ ରାଜ୍ୟରେ ୮,୪୫୦ ନିଯୁକ୍ତି ସୃଷ୍ଟି ହେବ।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଥିଲେ ଯେ ଓଡିଶାର ସାମଗ୍ରିକ ବିକାଶରେ ବନ୍ଦର ଓ ଜେଟି ଉନ୍ନତିକରଣର ଏକ ପ୍ରମୁଖ ଭୂମିକା ରହିଛି। ଓଡିଶାର ସୁଦୀର୍ଘ ଉପକୂଳରେ ଅନେକ ସମ୍ଭାବିତ ସ୍ଥାନକୁ ନିରୂପିତ କରାଯାଇ ସେଠାରେ ଅଣ-ବୃହତ୍ତ ବନ୍ଦର, ଜେଟି, ମତ୍ସ୍ୟ ପୋତାଶ୍ରୟ ତଥା ଉପକୂଳ ପରିବହନ ଓ ଭିତ୍ତିଭୂମିର ବିକାଶ କରିବା ଆମ ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଓ ଗୋପାଳପୁର ପୋର୍ଟ୍ସ ଲିମିଟେଡର ଅଧିକାରୀମାନେ ଉପସ୍ଥିତ ଥିଲେ। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।

# ହିମାଚଳରେ ବାଦଲଫଟା ବର୍ଷାର ତାଣ୍ଡବ

## ୨ ମୃତ, ଭାସିଗଲେ ୨୦ ଜଣ



**ଶିମଲା,୨୬।୬:** ହିମାଚଳ ପ୍ରଦେଶରେ ବାଦଲଫଟା ବର୍ଷା । ଭୀଷଣ ବର୍ଷା ଯୋଗୁଁ କୁଲୁ ଓ କାଙ୍ଗଡା ଜିଲ୍ଲାରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ ଜଣ ଭାସିଯାଇଛନ୍ତି । ଏନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । କାଙ୍ଗଡ଼ା ଜିଲ୍ଲାର ଖନିୟାରା ଅଞ୍ଚଳରେ ଇନ୍ଦିରା ପ୍ରିୟଦର୍ଶିନୀ ହାଇଡ୍ରୋ ପ୍ରୋଜେକ୍ଟରେ କାମ କରୁଥିବା ୨୦ ଜଣ ଶ୍ରମିକ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଛନ୍ତି । ଏହା ସହ ୨୦୦୦ ପର୍ଯ୍ୟଟକ ଫସିରହିଛନ୍ତି । ମନୁଣି ଖଡ୍କ ନଦୀରେ ଅଚାନକ ବନ୍ୟା ପାଣି ମାଡ଼ି ଆସିବାରୁ ୨୦ ଜଣ ଶ୍ରମିକ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଖବର ପାଇ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ୨ ଜଣ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ନିଖୋଜଙ୍କୁ ଖୋଜାଖୋଜି କରାଯାଉଛି । ବନ୍ୟାରେ କେତେ ଲୋକ ପ୍ରଭାବିତ ହୋଇଛନ୍ତି, ତାହାର ସଠିକ ତଥ୍ୟ ଜଣାପଡ଼ିନି । ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ସେପଟେ ବର୍ଷା ନେଇ ରାଜ୍ୟରେ ଏକ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। କୁଲୁ ଜିଲ୍ଲାର ଚାରୋଟି ଭିନ୍ନ ଭିନ୍ନ ସ୍ଥାନରେ ବାଦଲ ଫଟା ବର୍ଷା ହୋଇଛି। ଯାହାଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି।କୁଲୁ ଜିଲ୍ଲାର ଜିବା ନାଳାରେ ବାପା-ଝିଅଙ୍କ ସମେତ ୩ ଜଣ ଭାସିଯାଇ ନିଖୋଜ ଥିବା ଖବର ମିଳିଛି । ଆଠଟି ଗାଡ଼ି, ୧୦ଟି କଲଭର୍ଟ ଏବଂ ଏକ ବିଦ୍ୟୁତ ପ୍ରକଳ୍ପ ଭାସିଯାଇଛି। ବିଭିନ୍ନ ନଦୀର ଜଳସ୍ତର ବଢ଼ୁଥିବାରୁ ମଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ବ୍ୟାସ ନଦୀକୂଳିଆ ଲୋକଙ୍କୁ ସତର୍କ ରହିବା ପାଇଁ ଜିଲ୍ଲା ପ୍ରଶାସନ ଆଲର୍ଟ ଜାରି କରିଛି। ଏନ୍‌ଡିଆରଏଫ୍ ଦଳ ଘଟଣାସ୍ଥଳରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଅଛି



# ଗୋବର-ବାଉଁଶରେ ଚାଲିବ ଗାଡ଼ି

## ନୀତିନ ଗଡକରୀ ଦେଲେ ଆଶ୍ଚର୍ଯ୍ୟଜନକ ଫର୍ମୁଲା



**ନୂଆଦିଲ୍ଲୀ,୨୬।୬:** ଭାରତ ପ୍ରତିବର୍ଷ କେବଳ ଅଶୋଧିତ ତୈଳ ଆମଦାନୀ ପାଇଁ ୨୨ ଲକ୍ଷ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରେ। ଏହା କେବଳ ଦେଶର ଅର୍ଥନୀତି ଉପରେ ଭାରୀ ବୋଝ ପକାଇ ନ ଥାଏ, ବରଂ ଶକ୍ତି ସୁରକ୍ଷାକୁ ମଧ୍ୟ ବିପଦରେ ପକାଇଥାଏ। ଏବେ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଏହି ପରିସ୍ଥିତିକୁ ପରିବର୍ତ୍ତନ କରିବା ପାଇଁ ଏକ ମିଶନରେ ଅଛନ୍ତି। ତାଙ୍କର ଯୋଜନା ହେଉଛି ଭାରତକୁ ତୈଳ ଆମଦାନୀକାରୀରୁ ଶକ୍ତି ରପ୍ତାନିକାରୀ କରିବା। କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀ ସମ୍ପ୍ରତି ଟୟୋଟା କିର୍ଲୋସ୍କର ମୋଟର ଏବଂ ଓହମିୟମ ଇଣ୍ଟରନ୍ୟାଶନାଲ ମଧ୍ୟରେ ଏକ ଚୁକ୍ତିନାମା ସମୟରେ ସ୍ପଷ୍ଟ କରିଥିଲେ, ଭାରତ ଏବେ ଚାରୋଟି ପ୍ରମୁଖ ବିକଳ୍ପ ଇନ୍ଧନ ଉପରେ ଦ୍ରୁତ ଗତିରେ କାମ କରୁଛି। ଏହି ବିକଳ୍ପଗୁଡ଼ିକ ମଧ୍ୟରେ ସବୁଜ ହାଇଡ୍ରୋଜେନ, ଇଥାନଲ ଏବଂ ଫ୍ଲେକ୍ସ-ଇନ୍ଧନ, ସଂକୁଚିତ ବାୟୋଗ୍ୟାସ (ସିବିଜି) ଏବଂ ଆଇସୋବୁଟାନଲ ଡିଜେଲ ମିଶ୍ରଣ ଅନ୍ତର୍ଭୁକ୍ତ। ଏହି ସମ୍ପୂର୍ଣ୍ଣ ରଣନୀତିର ଲକ୍ଷ୍ୟ ହେଉଛି ଭାରତରେ ସ୍ଥାନୀୟ ଉତ୍ପାଦନକୁ ପ୍ରୋତ୍ସାହିତ କରିବା, ଇନ୍ଧନ ଖର୍ଚ୍ଚ ହ୍ରାସ କରିବା ଏବଂ ଏକ ପ୍ରଦୂଷଣମୁକ୍ତ ଶକ୍ତି ବ୍ୟବସ୍ଥା ସୃଷ୍ଟି କରିବା, ଯାହା ଦେଶକୁ ଶକ୍ତି ଆତ୍ମନିର୍ଭରତା ଆଡ଼କୁ ନେଇଯିବ। ସରକାର ସୂଚନା ଦେଇଛନ୍ତି ଯେ,୫୦୦ କୋଟି ଟଙ୍କା ବ୍ୟୟରେ ୨୭ଟି ହାଇଡ୍ରୋଜେନ ଟ୍ରକ ପରୀକ୍ଷଣ ଆରମ୍ଭ ହୋଇଛି। ଏହି ଟ୍ରକଗୁଡ଼ିକ ଦେଶର ପ୍ରମୁଖ ରାଜପଥ ରୁଟ - ଦିଲ୍ଲୀ-ଆଗ୍ରା, ମୁମ୍ବାଇ-ପୁଣେ, ଜାମନଗର-ବଡୋଦରା, ଭୁବନେଶ୍ୱର-ପୁରୀ ଏବଂ ବିଶାଖାପାଟନମ-ବିଜୟୱାଡାରେ ଚାଲିଥାଏ। ଏହି ଟ୍ରକଗୁଡ଼ିକରେ ହାଇଡ୍ରୋଜେନ ଆଇଇସି (ଆଭ୍ୟନ୍ତରୀଣ ଦହନ ଇଞ୍ଜିନ) ଏବଂ ଇନ୍ଧନ ସେଲ ପ୍ରଯୁକ୍ତିବିଦ୍ୟା ଉଭୟ ବ୍ୟବହାର କରାଯାଉଛି, ଯାହା ସେମାନଙ୍କୁ ପାରମ୍ପରିକ ଡିଜେଲ ଯାନ ତୁଳନାରେ ଅଧିକ ପରିବେଶ ଅନୁକୂଳ କରିଥାଏ। ପରୀକ୍ଷଣକୁ ସମର୍ଥନ କରିବା ପାଇଁ ସାରା ଦେଶରେ ୯ଟି ହାଇଡ୍ରୋଜେନ ରିଫ୍ୟୁଏଲ ଷ୍ଟେଶନ ମଧ୍ୟ ସ୍ଥାପନ କରାଯାଇଛି।

# ୧୩ ମହଲାରୁ ଖସିପଡ଼ି ଯୁବତୀ



**ବେଙ୍ଗାଲୁରୁ,୨୬।୬:** ବେଙ୍ଗାଲୁରୁର ପରପ୍ପାନା ଆଗ୍ରାହାରା ଅଞ୍ଚଳରେ ଜଣେ ୨୦ ବର୍ଷୀୟା ଯୁବତୀ ୧୩ ମହଲାରୁ ପଡ଼ି ମୃତ୍ୟୁ ଘଟିଛି। ଏହି ଘଟଣା ଏକ ନିର୍ମାଣାଧୀନ କୋଠାରେ ଘଟିଛି। ଏଠାରେ ମହିଳା ଜଣକ ସୋସିଆଲ ମିଡିଆ ପାଇଁ ଏକ ରିଲ ଶୁଟିଂ କରୁଥିଲେ ବୋଲି ଜଣାପଡ଼ିଛି। ପୋଲିସ ଅନୁଯାୟୀ, ମହିଳା ଜଣକ ତାଙ୍କ ବନ୍ଧୁମାନଙ୍କ ସହିତ ବିଳମ୍ବିତ ରାତିର ପାର୍ଟି ପାଇଁ ସେହି କୋଠାକୁ ଯାଇଥିଲେ। ଏହି ସମୟରେ, ପ୍ରେମ ସମ୍ପର୍କକୁ ନେଇ ବିବାଦ ହୋଇଥିଲା। ଉତ୍ତେଜନା ମଧ୍ୟରେ, ମହିଳା ଜଣକ 'ସ୍ୟାଡ ରିଲ' କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ହଠାତ୍ ଖସିପଡ଼ି ଲିଫ୍ଟ ଶାଫ୍ଟରେ ପଡ଼ିଗଲେ। କୁହାଯାଉଛି ଯେ, ମୃତକ ଜଣକ ଏକ ସପିଂ ମାର୍ଟରେ କାମ କରୁଥିଲେ ଏବଂ ମୂଳତଃ ବିହାରର ଥିଲେ। ଘଟଣା ପରେ, ତାଙ୍କ ବନ୍ଧୁମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଦକ୍ଷିଣ ପୂର୍ବ ବେଙ୍ଗାଲୁରୁ ଡିସିପି ଫାତିମା ନିଶ୍ଚିତ କରିଛନ୍ତି, ସେମାନେ ଏକ ନିର୍ମାଣାଧୀନ କୋଠାରେ ପାର୍ଟି କରୁଥିଲେ ଏବଂ ତା'ପରେ ଛାତକୁ ଯାଇ ଏକ ରିଲ ତିଆରି କରୁଥିଲେ। ପ୍ରେମ ସମ୍ପର୍କର କୌଣସି କାରଣ ଥିଲା କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ତଦନ୍ତ ଚାଲିଛି।

# ରେଳଲାଇନ୍ ଉପରେ କାର ଚଳାଇଲେ ଯୁବତୀ

### ଟ୍ରେନ୍ ଚଳାଚଳ ୪୫ ମିନିଟ୍ ବାଧାପ୍ରାପ୍ତ

**ହାଇଦ୍ରାବାଦ,୨୬।୬:** ତେଲେଙ୍ଗାନାର କୋଣ୍ଡାକାଲ ରେଳ ଗେଟ ଓ ଶଙ୍କରପାଲ୍ଲୀ ମଧ୍ୟରେ ଗୁରୁବାର ସକାଳେ ଜଣେ ମହିଳା ନିଜ କାରକୁ ରେଳଲାଇନ ଉପରେ ଚଳାଇ ରେଳ ସେବାରେ ବ୍ୟାଘାତ ସୃଷ୍ଟି କରିଛନ୍ତି। ରେଳ ଅଧିକାରୀଙ୍କ କହିବା ଅନୁଯାୟୀ, ମହିଳା ଜଣଙ୍କ ଶଙ୍କରପାଲ୍ଲୀରୁ ହାଇଦ୍ରାବାଦ ଆଡ଼କୁ ରେଳଲାଇନ ଉପରେ କାର ଚଳାଉଥିବା ଦେଖାଯାଇଥିଲା। ରେଳ କର୍ମଚାରୀଙ୍କ ବାରଣ ସତ୍ତ୍ୱେ ସେ ତୀବ୍ର ବେଗରେ କାର ଚଳାଇଥିଲେ, ଯାହାଫଳରେ ଆଗୁଆ ଟ୍ରେନକୁ ସୁରକ୍ଷା ଦୃଷ୍ଟିରୁ ଅଟକାଇବାକୁ ପଡ଼ିଥିଲା। ଏହି ଘଟଣା ଯୋଗୁଁ ବେଙ୍ଗାଲୁରୁରୁ ହାଇଦ୍ରାବାଦ ଆସୁଥିବା ଟ୍ରେନ ସମେତ ଅନେକ ଟ୍ରେନ ପ୍ରାୟ ୪୫ ମିନିଟ ବିଳମ୍ବ ହୋଇଥିଲା। ରେଳ ଅଧିକାରୀଙ୍କ କହିବା ଅନୁସାରେ, କାରକୁ ଅଟକାଇ ଲାଇନ ଖାଲି କରିବା ପାଇଁ ପ୍ରାୟ ୩୦ ମିନିଟ ସମୟ ଲାଗିଥିଲା, ପରେ ରେଳ ଚଳାଚଳ ପୁନଃ ଆରମ୍ଭ ହୋଇଥିଲା। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ତାଙ୍କ କାର ସହ ହେପାଜତକୁ ନେଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ସେ ମଦ୍ୟପାନ କରିଥାଇପାରନ୍ତି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି।



# ଅହମ୍ମଦାବାଦ ବିମାନ ଦୁର୍ଘଟଣା: ବ୍ଲାକ୍ ବକ୍ସରୁ ମିଳିଲା ଡାଟା



**ଅହମ୍ମଦାବାଦ,୨୬।୬:** ଅହମ୍ମଦାବାଦରେ ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଏବଂ ୨୭୪ ଜଣଙ୍କ ମୃତ୍ୟୁ ହେବାର ପ୍ରାୟ ୧୫ ଦିନ ପରେ ସରକାର ଗୁରୁବାର ଘୋଷଣା କରିଛନ୍ତି ଯେ, ବିମାନର ଆଗ ବ୍ଲାକ୍ ବକ୍ସରୁ ଗୁରୁତ୍ୱପୂର୍ଣ୍ଣ ଉଡ଼ାଣ ତଥ୍ୟ ସଫଳତାର ସହ ଉଦ୍ଧାର କରାଯାଇଛି। ଗତକାଲି ଦୁର୍ଘଟଣା ସୁରକ୍ଷା ମଡ୍ୟୁଲ (ସିପିଏମ୍) ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଥିଲା, ଏବଂ ମେମୋରୀ ମଡ୍ୟୁଲ ଆକ୍ସେସ କରାଯାଇଥିଲା ଏବଂ ଏହାର ତଥ୍ୟ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି) ଲ୍ୟାବ୍‌ରେ ଡାଉନଲୋଡ୍ କରାଯାଇଥିଲା। ତେବେ ମିଳିଥିବା ସିଭିଆର୍ ଏବଂ ଏଫ୍‌ଡିଆର୍ ଡାଟାକୁ ନେଇ ଅଧିକ ବିଶ୍ଳେଷଣ ଜାରି ରହିଛି। ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଂଗଠନ (ଆଇସିଏଓ) ନିୟମ ଅନୁଯାୟୀ, ବିମାନ ଦୁର୍ଘଟଣାର ତଦନ୍ତକାରୀ ଦାୟିତ୍ୱରେ ଥିବା ବ୍ୟକ୍ତି ତଦନ୍ତର ସଂଗଠନ, ପରିଚାଳନା ଏବଂ ନିୟନ୍ତ୍ରଣ ପାଇଁ ଦାୟୀ ରହିବେ। ଆଇସିଏଓର ପରିଶିଷ୍ଟ ୧୩ ଯାହା ବିମାନ ଦୁର୍ଘଟଣା ଏବଂ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶାବଳୀକୁ ରୂପରେଖା ଦିଏ, ଏହା ମଧ୍ୟ ଉଲ୍ଲେଖ କରେ ଯେ, ଦୁର୍ଘଟଣାର ୩୦ ଦିନ ମଧ୍ୟରେ ଏକ ପ୍ରାରମ୍ଭିକ ରିପୋର୍ଟ ଦାଖଲ କରିବାକୁ ପଡିବ।

# ଦିଲ୍ଲୀ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ: ୪ ମୃତ, ଅନେକ ଆହତ

**ନୂଆଦିଲ୍ଲୀ,୨୬।୬:** ଦିଲ୍ଲୀର ରିଥାଲାସ୍ଥିତ ଏକ ବହୁତଳ କାରଖାନାରେ ବୁଧବାର ପୂର୍ବାହ୍ନରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । କିଛି ସମୟ ପରେ ସମଗ୍ର ଅଞ୍ଚଳରେ କଳା ଧୂଆଁର ବାଦଲ ଖେଳିଯାଇଥିଲା । ଏହି ଘଟଣାରେ ୪ ଜଣଙ୍କର ମୃତ୍ୟୁ ଘଟିଛି । ଏହା ବ୍ୟତୀତ କିଛି ଲୋକ ଆହତ ହୋଇଛନ୍ତି, ଯେଉଁମାନେ ବର୍ତ୍ତମାନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ଅଗ୍ନିଶମ ବିଭାଗ ଅନୁଯାୟୀ ଆଜି ସକାଳ ୭ଟା ୨୫ରେ କାରଖାନାରେ ଅଗ୍ନିକାଣ୍ଡ ସମ୍ପର୍କରେ ଅଗ୍ନିଶମ ବିଭାଗ ସୂଚନା ପାଇଥିଲା । ପରେ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଏଡିଓ ଅଜୟ ଶର୍ମାଙ୍କ ନେତୃତ୍ୱରେ ୧୬ଟି ଦମକଳ ଗାଡ଼ି ଘଟଣାସ୍ଥଳକୁ ପଠାଯାଇଥିଲା । ଏଥି ସହ ଜାଣିରଖନ୍ତୁ ଯେ, ଏହି ଦୁର୍ଘଟଣା ପୂର୍ବରୁ, ୬୨ ବର୍ଷୀୟ ଦିଲୀପ ସିଂହ ତାଙ୍କ ପୁଅକୁ ଶେଷ ଥର ପାଇଁ ଡାକି କହିଥିଲେ, "ପୁଅ, ମୁଁ ବଞ୍ଚିପାରିବି ନାହିଁ, ମୁଁ ଶ୍ୱାସରୁଦ୍ଧ ହୋଇ ମରିଯିବି ।" ଏହା ଥିଲା ୪୩ ସେକେଣ୍ଡର ଶେଷ କଲ୍, ଯାହାକୁ ପୁଅ ଧରମ ସିଂହ ତାଙ୍କ ଜୀବନ ସାରା ଭୁଲିପାରିବେ ନାହିଁ । ଏହି କୋଠାରେ ଟିସୁ ପେପର ଏବଂ ରାସାୟନିକ ଉତ୍ପାଦନ ସହିତ ଜଡିତ ଅନେକ କାରଖାନା ଚାଲୁଥିଲା ।



# ୩୪୫ଟି ଆରୟୁପିପିକୁ ବାଦ୍ ଦେବା ପ୍ରକ୍ରିୟା ଆରମ୍ଭ କଲେ ଇସିଆଇ



**ନୂଆଦିଲ୍ଲୀ,୨୬।୬:** ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀଙ୍କ ସହ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ୩୪୫ଟି ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ (ଆର୍‌ୟୁପିପି)ଙ୍କୁ ତାଲିକାରୁ ବାହାର କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ଦଳଗୁଡ଼ିକ ଗତ ୨୦୧୯ ପରଠାରୁ ଅଦ୍ୟାବଧି ଗୋଟିଏ ବି ନିର୍ବାଚନ ଲଢ଼ିବା ନେଇ ରହିଥିବା ଜରୁରୀ ସର୍ତ୍ତ ପୂରଣ କରିବାରେ ବିଫଳ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟାଳୟ ମଧ୍ୟ କୌଣସି ସ୍ଥାନରେ ନଥିବାରୁ ସେମାନଙ୍କୁ ବାଦ୍ ଦିଆଯିବା ସକାଶେ ନିଷ୍ପତ୍ତି ହୋଇଛି। ଏହି ୩୪୫ଟି ଆର୍‌ୟୁପିପି ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପଞ୍ଜୀକୃତ ହୋଇଛନ୍ତି। ଏବେ ଇସିଆଇଙ୍କ ସହ ପଞ୍ଜୀକୃତ ୨୮୦୦ରୁ ଅଧିକ ଆର୍‌ୟୁପିପି ମଧ୍ୟରୁ ଅନେକ ଆବଶ୍ୟକ ସର୍ତ୍ତାବଳୀ ପୂରଣ କରିପାରିନାହାନ୍ତି। ତେଣୁ ଇସିଆଇ ପକ୍ଷରୁ ଏପରି ଦଳ ଚିହ୍ନଟ ପାଇଁ ଦେଶବ୍ୟାପୀ ଏକ ଯୋଜନା କରାଯାଇଥିବା ବେଳେ ଇତିମଧ୍ୟରେ ଏପରି ୩୪୫ଟି ଦଳକୁ ଚିହ୍ନଟ କରାଯାଇଛି। କୌଣସି ଦଳକୁ ଅଯଥା ତାଲିକାରୁ ବାହାର ନ କରିବା ପାଇଁ ସମ୍ପୃକ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏପରି ଦଳଗୁଡ଼ିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ କୁହାଯାଇଛି। ଏହାପରେ ସମ୍ପୃକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଶୁଣାଣି ମାଧ୍ୟମରେ ଏହି ଦଳଗୁଡ଼ିକୁ ସୁଯୋଗ ଦିଆଯିବ। ଯେକୌଣସି ଦଳକୁ ବାହାର କରିବା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଇସିଆଇ ନେବେ। ଦେଶର ରାଜନୈତିକ ଦଳଗୁଡ଼ିକ ଲୋକ ପ୍ରତିନିଧିତ୍ୱ ଆଇନ ୧୯୫୧ର ଧାରା ୨୯-ଏ'ର ବ୍ୟବସ୍ଥା ଅନୁଯାୟୀ ଇସିଆଇଙ୍କ ସହ ପଞ୍ଜୀକୃତ ହୋଇଥାନ୍ତି। ଏହି ବ୍ୟବସ୍ଥା ଅନୁଯାୟୀ କୌଣସି ସଂଘ ଥରେ ରାଜନୈତିକ ଦଳ ଭାବେ ପଞ୍ଜୀକୃତ ହେବା ପରେ ସେମାନଙ୍କୁ ଟ୍ୟାକ୍ସ ଛାଡ଼ ଭଳି କିଛି ସୁବିଧା ମିଳିଥାଏ।

# ଇଣ୍ଟରନ୍ୟାସନାଲ ସ୍ପେଶ ଷ୍ଟେଶନରେ ଶୁଭାଂଶୁଙ୍କୁ ଭବ୍ୟ ସ୍ୱାଗତ



**ନୂଆଦିଲ୍ଲୀ,୨୬।୬:** ଭାରତୀୟ ମହାକାଶଚାରୀ ଗ୍ରୁପ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଲାଙ୍କ ସମେତ ସମସ୍ତ ଚାରିଜଣ ମହାକାଶଚାରୀ ଆନ୍ତର୍ଜାତୀୟ ମହାକାଶ ଷ୍ଟେଶନ (ଆଇଏସ୍‌ଏସ୍)ରେ ପ୍ରବେଶ କରିଛନ୍ତି। ମହାକାଶ ଷ୍ଟେଶନରେ ପ୍ରବେଶ କରିବା ପରେ, ସେଠାରେ ଥିବା କ୍ରୁ ସଦସ୍ୟମାନେ ସେମାନଙ୍କୁ ଉଷ୍ମ ସ୍ୱାଗତ କରିଥିଲେ। ଆଇଏସ୍‌ଏସ୍ ରେ ପହଞ୍ଚିବା ପରେ, ସମସ୍ତ ଚାରିଜଣ ମହାକାଶଚାରୀ ହ୍ୟୁଷ୍ଟନରେ ମିଶନ ନିୟନ୍ତ୍ରଣ ଆଡକୁ ହାତ ହଲାଇଥିଲେ, ଯାହାର ଏକ ଭିଡିଓ ସାମ୍ନାକୁ ଆସିଛି। ଭାରତୀୟ ସମୟ ସା ୫ଟା ୪୪ରେ ମହାକାଶ ଷ୍ଟେଶନରେ ଅବତରଣ କରିବା ସମୟରେ ମହାକାଶ ଷ୍ଟେଶନର କ୍ରୁ ସଦସ୍ୟମାନେ ଆକ୍ସିଅମ-୪ ମିଶନ କମାଣ୍ଡର ପେଗି ହ୍ୱିଟସନଙ୍କୁ ସ୍ୱାଗତ କରିଥିଲେ। ମିଶନ ପାଇଲଟ ଶୁଭାଂଶୁ ଶୁକ୍ଲା ହ୍ୱିଟସନଙ୍କ ପଛରେ ଥିଲେ। ଶୁକ୍ଲାଙ୍କ ସହିତ ପୋଲାଣ୍ଡ ଇଞ୍ଜିନିୟର ସ୍ଲାଭୋଜ ଉଜ୍ଞାନସ୍କି-ୱିସନିୱସ୍କି ଥିଲେ, ଯିଏ ଜଣେ ମିଶନ ବିଶେଷଜ୍ଞ ଏବଂ ୟୁରୋପୀୟ ମହାକାଶ ଏଜେନ୍ସି ପ୍ରୋଜେକ୍ଟର ମହାକାଶଚାରୀ।

● ଏସ୍‌ସିଓ ବୈଠକରେ ଭାରତ ବିରୋଧରେ ଚୀନ୍‌ର ଚାଲ୍

# ପହଲଗାମ ବଦଳରେ ବଲୁଚ୍ ପ୍ରସଙ୍ଗକୁ ଗୁରୁତ୍ୱ



ବଲୁଚିସ୍ତାନରେ ଅସ୍ଥିରତାରେ ଭାରତର ସମ୍ପୃକ୍ତି ଅଭିଯୋଗ ଉପରେ ପାକିସ୍ତାନକୁ କଡା ଜବାବ ଦେଲେ ରାଜନାଥ ସିଂ

**ନୂଆଦିଲ୍ଲୀ,୨୬।୬:** ଶାଙ୍ଘାଇ ସହଯୋଗ ସଂଗଠନ(ଏସସିଓ) ବୈଠକରେ ଭାରତ ବିରୋଧରେ ଚାଲ ଖେଳିଛି ପଡୋସୀ ଚୀନ। ପହଲଗାମ ଆତଙ୍କୀ ଆକ୍ରମଣକୁ ନେଇ ପାକିସ୍ତାନର ଅସଲ ମୁଖା ଖୋଲିବାକୁ ଭାରତର ଦାବିକୁ ପ୍ରତ୍ୟାଖାନ କରାଯାଇଛି। ବଦଳରେ ପାକିସ୍ତାନ ବାଲୋଚିସ୍ତାନ ବିଚ୍ଛିନ୍ନତାବାଦୀ ସଙ୍ଗଠନର ହିଂସାତ୍ମକ କାର୍ଯ୍ୟକଳାପକୁ ପ୍ରସଙ୍ଗ କରାଯାଇଛି । ଫଳରେ ଏସସିଓ ମିଳିତ ବିବୃତିରେ ସ୍ୱାକ୍ଷର କରିବାକୁ ମନା କରିଦେଇଛି ଭାରତ । ଏସ୍‌ସିଓ ବିବୃତିରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର କୌଣସି ଉଲ୍ଲେଖ ନଥିଲା, ଯେଉଁଥିରେ ୨୬ ନିରୀହ ଲୋକଙ୍କ ଜୀବନ ଯାଇଥିଲା । କିନ୍ତୁ ବଲୁଚିସ୍ତାନ ଘଟଣା ଉପରେ ଉଲ୍ଲେଖ ଥିଲା, ତେଣୁ ଭାରତ ମିଳିତ ଘୋଷଣାପତ୍ରରେ ହସ୍ତାକ୍ଷର କରିବାକୁ ମନା କରିଦେଇଛି । ଏସସିଓ ମିଳିତ ବିବୃତିରେ ପହଲଗାମ ଆତଙ୍କୀ ଆକ୍ରମଣ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା । ବରଂ ବଲୁଚିସ୍ତାନରେ ଭାରତ ଅଶାନ୍ତି ସୃଷ୍ଟି କରୁଥିବା ନେଇ ଉଲ୍ଲେଖ କରାଯାଇଥିଲା। ବିଚ୍ଛିନ୍ନତାବାଦୀ ସଙ୍ଗଠନମାନଙ୍କ ଦ୍ୱାରା ଭାରତ ସେଠାରେ ଅଶାନ୍ତି ସୃଷ୍ଟି କରୁଥିବା ଅଭିଯୋଗ କରାଯାଇଥିଲା । ପାକିସ୍ତନର ଘନିଷ୍ଠ ସହଯୋଗୀ ଚୀନ ଏହି ଏସସିଓ ବୈଠକର ଅଧ୍ୟକ୍ଷତା କରୁଥିବା ପାକିସ୍ତାନର ଇଙ୍ଗିତରେ ପାହାଲଗାମ ପ୍ରସଙ୍ଗକୁ ବାଦ ଦିଆଯାଇଛି । ବାଲୋଚିସ୍ତାନରେ ଭାରତର ସମ୍ପୃକ୍ତି ସମ୍ପର୍କରେ ପାକିସ୍ତାନର ଅଭିଯୋଗକୁ ଭାରତ ନିରନ୍ତର ଖଣ୍ଡନ କରିଆସୁଛି ।

# ଏକାସାଙ୍ଗେ ୫ ବାଘ ମୃତ

### ବିଷ ଦେଇ ମାରିଥିବାର ଆଶଙ୍କା



**ନୂଆଦିଲ୍ଲୀ,୨୬।୬:** କର୍ଣ୍ଣାଟକର ଏମ୍‌ଏମ୍ ହିଲ୍ସ ବନ୍ୟଜୀବ ଅଭୟାରଣ୍ୟରେ ୫ ବାଘଙ୍କ ମୃତ୍ୟୁ। ଏହି ଘଟଣା ପରେ ସୃଷ୍ଟି ହୋଇଛି ଆତଙ୍କ। ମୃତ ବାଘଙ୍କ ଭିତରେ ବାଘୁଣୀ ଓ ତା'ର ୪ ଶାବକ ଥିବା ନେଇ କୁହାଯାଉଚି। ପ୍ରାରମ୍ଭିକ ଯାଞ୍ଚ ପରେ ମୃତ୍ୟୁର କାରଣ ବିଷ ଦିଆଯାଇଥିବା ବୋଲି ଜଣାପଡିଛି। ତେବେ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ପ୍ରକୃତ କଥା ଜଣାପଡିବ। ଚାମରାଜନଗର ସର୍କଲର ମୁଖ୍ୟ ବନ ସଂରକ୍ଷକ ଟି.ହୀରାଲାଲ କହିଛନ୍ତି ବାଘୁଣୀ ଓ ତା'ର ଶାବକଙ୍କ ମୃତଦେହ ମିନିୟମର ହ୍ୟୁଗମ ରେଞ୍ଜରେ ମିଳିଛି। ଏହା ଏମ୍‌ଏମ୍ ହିଲ୍ସ ଅଭୟାରଣ୍ୟର ଅଂଶ ରହିବ। ସେ କହିଛନ୍ତି, ଏହି ମାମଲା ବିଷ ଦିଆଯାଇଥିବା ନେଇ ଜଣାପଡିଛି। ଏହା ନିଶ୍ଚିତ ରୂପରେ ପ୍ରାକୃତିକ ମୃତ୍ୟୁ ନୁହେଁ।' କୁହାଯାଉଛି ଯେ, ବାଘୁଣୀ ହୁଏତ ପାଖ ଗାଁରେ ଥିବା ଗାଈର ଶିକାର କରିଥିଲା। ଏହାର ମାଂସ ଜଙ୍ଗଲକୁ ନେଇ ଖାଇଥିଲା। ଆଶଙ୍କା ରହିଛି ଯେ, କିଛି ଗ୍ରାମବାସୀ ମାଂସରେ ବିଷ ଦେଇ ସେଇଠି ଛାଡି ଦେଇଥିଲେ, ଯାହାକୁ ବାଘୁଣୀ ଓ ତା'ର ଶାବକ ପରେ ଖାଇବା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। କର୍ଣ୍ଣାଟକ ସରକାର ମାମଲାକୁ ଗମ୍ଭୀରତାର ସହ ନେଇ ତିନି ଦିନ ଭିତରେ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଏହା ସହ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

# ଦିଘା ଜଗନ୍ନାଥ ମନ୍ଦିରରେ ହେବ ପ୍ରଥମ ରଥଯାତ୍ରା

**କୋଲକାତା,୨୬।୬:** ରଥଯାତ୍ରା ମହୋତ୍ସବର ଗୋଟିଏ ଦିନ ପୂର୍ବରୁ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର (ଜୁନ ୨୬, ୨୦୨୫) ଏଠାରେ ନବନିର୍ମିତ ଜଗନ୍ନାଥ ମନ୍ଦିରରେ ଦୀଘା ଶଙ୍କରପୁର ଉନ୍ନୟନ କର୍ତ୍ତୃପକ୍ଷ (ଡିଏସ୍‌ଡିଏ), ପୋଲିସ ଏବଂ ଇସ୍କନ ସନ୍ୟାସୀଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଜଣେ ଡିଏସ୍‌ଡିଏ ଅଧିକାରୀ କହିଛନ୍ତି ଯେ ବୈଠକ ପରେ ମମତା ବାନାର୍ଜୀ ମନ୍ଦିର ନିକଟରେ ରଖାଯାଇଥିବା ପ୍ରଭୁ ଜଗନ୍ନାଥ ଏବଂ ତାଙ୍କ ଭଉଣୀଭାଇ ବଳରାମ ଏବଂ ସୁଭଦ୍ରାଙ୍କ ପାଇଁ ନିର୍ମିତ ତିନୋଟି ରଥ ଯାଞ୍ଚ କରିଥିଲେ। ସେ ଡିଏସ୍‌ଡିଏ ଅଧିକାରୀ ଏବଂ ପୋଲିସ କର୍ମଚାରୀଙ୍କ ସହିତ ଏକ କିଲୋମିଟର ଯାତ୍ରା ମାର୍ଗର ମଧ୍ୟ ସମୀକ୍ଷା କରିଥିଲେ। ମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ, ସେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ରାଜୀବ କୁମାରଙ୍କୁ କହୁଥିବା ଶୁଣିବାକୁ ମିଳିଥିଲା, 'ଏହି ମାର୍ଗ ଅନୁସରଣ କରନ୍ତୁ। ଲୋକଙ୍କ ପାଇଁ ସବୁକିଛି ସୁଗମ ଏବଂ ଉପଯୁକ୍ତ ହେବା ଉଚିତ।' ପୂର୍ବ ମେଦିନୀପୁର ଜିଲାର ସମୁଦ୍ରକୂଳବର୍ତ୍ତୀ ରିସର୍ଟ ସହର ଦୀଘାକୁ ମହୋତ୍ସବ ପୂର୍ବରୁ ଚନ୍ଦନନଗରର କଳାକାରମାନଙ୍କ ଦ୍ୱାରା ଡିଜାଇନ କରାଯାଇଥିବା ମନ୍ଦିର-ଥିମ କଟଆଉଟ, ଦେବୀଦେବତାଙ୍କ ବିଶାଳ ମୂର୍ତ୍ତି ଏବଂ ଆଲୋକର ତାରି ସହିତ ସୁନ୍ଦର ଭାବରେ ସଜାଯାଇଛି।

# ହେଡିଂଲେରେ ପରାଜୟର ୬ କାରଣ



**ହେଡିଂଲେ, ୨୬।୬:** ହେଡିଂଲେ ଟେଷ୍ଟରେ ଭାରତୀୟ କ୍ରିକେଟ୍ ଦଳର ଅପ୍ରତ୍ୟାଶିତ ପରାଜୟ ଅନେକଙ୍କୁ ବିସ୍ମିତ କରିଛି। ଦଳ ତା'ର ଦୁଇଟି ପାଳିରେ ପାଞ୍ଚଟି ଶତକ ଅର୍ଜନ କରିବା ସତ୍ତ୍ୱେ ପରାଜୟର ସମ୍ମୁଖୀନ ହୋଇଥିଲା। ଯାହା ୧୪୮ ବର୍ଷର ଟେଷ୍ଟ ଇତିହାସରେ ପ୍ରଥମ ଘଟଣା ଥିଲା। ବିଶେଷ କରି ଦ୍ୱିତୀୟ ପାଳିରେ ଶୁବମନ୍ ଗିଲ୍‌ଙ୍କ ଦଳର ଦୁର୍ବଳ ବୋଲିଂ ଦଳ ପାଇଁ କାଳ ହୋଇଥିଲା। ତେବେ କେବଳ ଦୁର୍ବଳ ବୋଲିଂ ନୁହେଁ, ଦୃଢ଼ ସ୍ଥିତିରେ ରହିମଧ ଭାରତ ଏହି ମ୍ୟାଚ୍ ହାରିବାର ଅନ୍ୟୁନ ୬ଟି କାରଣ ଥିଲା ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଆସନ୍ତୁ ଏହି ୬ଟି କାରଣ ଉପରେ ନଜର ପକାଇବା।

**ବୁମ୍‌ରାଙ୍କ ଉପରେ ମାତ୍ରାଧିକ ନିର୍ଭରଶୀଳତା**

କେବଳ ହେଡିଂଲେରେ ନୁହେଁ ନିକଟ ଅତୀତରେ ଭାରତୀୟ କ୍ରିକେଟ୍ ଦଳ ଟେଷ୍ଟ କ୍ରିକେଟ୍‌ରେ ଆଶାଜନକ ପ୍ରଦର୍ଶନ କରିପାରିନାହିଁ। ଏପରିକି ଦଳ ଖେଳିଥିବା ଗତ ୯ଟି ଟେଷ୍ଟରୁ ସପ୍ତମ ପରାଜୟ ବରଣ କରିଛି। ଏହାର ଅନ୍ୟତମ କାରଣ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ଉପରେ ଦଳ ମାତ୍ରାଧିକ ନିର୍ଭରଶୀଳ ରହିବା ବୋଲି କୁହାଯାଇପାରେ। ଲିଡ୍‌ସ ଟେଷ୍ଟରେ ବୁମ୍‌ରା ୪୩.୪ ଓଭର ବୋଲିଂ କରି ୩.୨୦ ରନ୍ ହାରରେ ୫ ୱିକେଟ୍ ନେଇଥିଲେ। ଇଂଲଣ୍ଡ ପୂରା ମ୍ୟାଚ୍‌ରେ ଓଭର ପିଛା ୪.୫ ରନ୍ ଲେଖାଏଁ ସଂଗ୍ରହ କରିଥିଲେ ମଧ ବୁମ୍‌ରା ଯଥେଷ୍ଟ କମ୍ ରନ୍ ଖର୍ଚ୍ଚ କରିଥିଲେ। ଅନ୍ୟ ତିନି ଭାରତୀୟ ପେସର୍ ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ମିଳିତ ଭାବେ ୯୨ ଓଭର ବୋଲିଂ କରି ୪୮୨ ରନ୍ ବ୍ୟୟ କରିଥିଲେ। ସେହି ଅନୁସାରେ ଏମାନେ ଓଭର ପିଛା ୫.୨ ରନ୍ ଦେଇଥିଲେ। ଯାହା ଟିମ୍ ଇଣ୍ଡିଆକୁ ଅଡୁଆରେ ପକାଇଥିଲା। ଶେଷ ଦିନରେ ଇଂଲଣ୍ଡକୁ ବିଜୟ ପାଇଁ ୩୫୧ ରନ୍ ଦରକାର ଥିଲା ବେଳେ ଏମାନେ ମାତ୍ରାଧିକ ରନ୍ ବ୍ୟୟ କରିଥିଲେ। ଯାହା ଫଳରେ ବୁମ୍‌ରା ସୃଷ୍ଟି କରୁଥିବା ଚାପ ଆପେଆପେ କମି ଯାଉଥିଲା। ସିରାଜ ଖେଳିଥିବା ଗତ ୧୪ ଟେଷ୍ଟରେ ଗୋଟିଏ ହେଲେ ବି ପାଞ୍ଚ ୱିକେଟ୍ ସଫଳତା ପାଇ ନାହାନ୍ତି। ଶେଷ ଥର ଲାଗି ୨୦୨୪ ଜାନୁଆରିରେ କେପ୍‌ଟାଉନ୍‌ଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୫ ରନ୍ ଦେଇ ୬ ୱିକେଟ୍ କରାୟତ୍ତ କରିଥିଲେ ସେ।

**ବହୁ କ୍ୟାଚ୍ ହାତଛଡ଼ା ହେବା**

କଥାରେ ଅଛି 'କ୍ୟାଚେସ୍ ୱିନ୍ ମ୍ୟାଚେସ୍'। ଲିଡ୍‌ସ ଟେଷ୍ଟରେ କିନ୍ତୁ ଭାରତ ସର୍ବମୋଟ ୮ଟି କ୍ୟାଚ୍ ହାତଛଡ଼ା କରିଥିଲା। କେବଳ ପ୍ରଥମ ପାଳିରେ ଟିମ୍ ଇଣ୍ଡିଆ ଆଶ୍ଚର୍ଯ୍ୟଜନକ ଭାବେ ୬ଟି କ୍ୟାଚ୍ ଖସାଇ ଦେଇଥିଲା। ଗତ ୨୦ବର୍ଷ ମଧରେ ଇଂଲଣ୍ଡରେ ଖେଳିଥିବା କୌଣସି ଟେଷ୍ଟରେ ବିଶ୍ୱର କୌଣସି ଦଳ ଏତେ ସଂଖ୍ୟକ କ୍ୟାଚ୍ ହାତଛଡ଼ା କରି ନଥିଲା। ଓପନର୍ ଯଶସ୍ୱୀ ଜୟସ୍ୱାଲଙ୍କ ହାତରେ ତ ଯେମିତି ତେଲ ଲାଗି ଯାଇଥିଲା। ସେ ଏକାକୀ ୪ କ୍ୟାଚ୍ ଛାଡ଼ିବା ସହ ବୋଲର୍‌ଙ୍କୁ ହତାଶ କରିଥିଲେ। ପ୍ରଥମ ପାଳିରେ ଇଂଲଣ୍ଡ ବିଜୟର ନାୟକ ବେନ୍ ଡକେଟ ୧୫ ରନ୍‌ରେ ଥିଲା ବେଳେ ରବୀନ୍ଦ୍ର ଜାଡ଼େଜା ତାଙ୍କର ଏକ ସହଜ କ୍ୟାଚ୍ ଛାଡ଼ି ଦେଇଥିଲେ। ଏହା ପୂର୍ବରୁ ସେ ୧୧ ରନ୍‌ରେ ଥିଲା ବେଳେ ଜୟସ୍ୱାଲ ତାଙ୍କର ଆଉ ଏକ କ୍ୟାଚ୍ ଛାଡ଼ି ଦେଇଥିଲେ। ଓଲି ପୋପ୍, ହ୍ୟାରି ବ୍ରୁକଙ୍କ ଭଳି ଖେଳାଳି ମଧ ଏକାଧିକ ଜୀବନ ଦାନ ପାଇଥିଲେ। ଯାହା ଭାରତ ପାଇଁ ଅତ୍ୟନ୍ତ ମହଙ୍ଗା ସାବ୍ୟସ୍ତ ହୋଇଥିଲା।

**ନିମ୍ନକ୍ରମ ବିପର୍ଯ୍ୟୟ**

ପାଞ୍ଚଟି ଶତକ ଛଡ଼ା ଏହି ଟେଷ୍ଟରେ ଭାରତ ତା'ର ଉଭୟ ପାଳିରେ ୬ଟି ଡକ୍ (ଶୂନ ସ୍କୋର୍) ମଧ ପାଇଥିଲା। ଉଭୟ ପାଳିରେ ଭାରତର ନିମ୍ନକ୍ରମ ଅତ୍ୟନ୍ତ ନିରାଶ କରିଥିଲା। ପ୍ରଥମ ପାଳିରେ ମାତ୍ର ୩ ୱିକେଟ୍ ହରାଇ ଭାରତ ୪୩୦ ରନ୍ କରି ନେଇଥିଲା। ସେଥିପାଇଁ ଏକ ବିଶାଳ ସ୍କୋର୍ କରିବ ବୋଲି ଆଶା କରାଯାଉଥିଲା। ହେଲେ ହଠାତ୍ ଟିମ୍ ଇଣ୍ଡିଆ ପାଳି ଭୁଶୁଡ଼ି ଯାଇଥିଲା। ପରବର୍ତ୍ତୀ ୭ ୱିକେଟ୍ କେବଳ ୪୧ ରନ୍‌ରେ ହରାଇ ଗିଲ୍ ବାହିନୀ ୪୭୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଅନ୍ୟପକ୍ଷରେ ଇଂଲଣ୍ଡର ନିମ୍ନକ୍ରମ ପ୍ରଥମ ପାଳି ସ୍କୋର୍‌କୁ ୩୯୮/୭ରୁ ୪୬୫କୁ ଟାଣି ନେଇଥିଲା। ଅନୁରୂପ ଭାବେ ଦ୍ୱିତୀୟ ପାଳିରେ ୩୩୩/୫ କରି ଭାରତ ଦୃଢ଼ ସ୍ଥିତିରେ ରହିଥିଲା। ହେଲେ ୩୬୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଭାରତ ୩୧ ରନ୍‌ରେ ୬ ୱିକେଟ୍ ହରାଇବା ପ୍ରଶଂସକଙ୍କ ସହ ବିଶେଷଜ୍ଞମାନଙ୍କୁ ମଧ ବିସ୍ମିତ କରିଥିଲା। ନୀତୀଶ କୁମାର ରେଡ୍ଡୀଙ୍କ ବଦଳରେ ଭାରତୀୟ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ଶାର୍ଦ୍ଦୁଳ ଠାକୁର ଉଭୟ ପାଳିକୁ ମିଶାଇ ୫ ରନ୍ କରିବା ସହ ୨ ୱିକେଟ୍ ନେଇଥିଲେ। ଯାହାର ଭରପୂର ଲାଭ ଇଂଲଣ୍ଡ ଉଠାଇଥିଲା।

**ଅନଭିଜ୍ଞ ଅଧିନାୟକ**

ଭାରତର ସର୍ବକନିଷ୍ଠ ଟେଷ୍ଟ ଅଧିନାୟକ ଭାବେ ଶୁବମନ୍ ଗିଲ୍ ଏହି ମ୍ୟାଚ୍‌ରେ ପ୍ରଥମ ଥର ପାଇଁ ଭାରତୀୟ ଦଳର ନେତୃତ୍ୱ ନେଉଥିଲେ। ଅନେକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ସେ ମାତ୍ରାଧିକ ରକ୍ଷଣାତ୍ମକ ଫିଲ୍ଡ ସଜାଇଥିବା ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍ ତାଙ୍କ ପାଇଁ ନୂଆ ଅଭିଜ୍ଞତା ନେଇ ଆସିଥିଲା। ତେବେ ତାଙ୍କୁ ବହୁତ କିଛି ଶିଖିବାର ଅଛି ବୋଲି ପ୍ରମାଣିତ ବି ହୋଇଥିଲା। ଏପରିକି ଇଂଲଣ୍ଡକୁ ବିଜୟ ପାଇଁ ଆଉ ମାତ୍ର ୨୧ ରନ୍‌ର ଦରକାର ଥିଲା ବେଳେ ବୁମ୍‌ରାଙ୍କୁ ସେ ଦ୍ୱିତୀୟ ନୂଆ ବଲ୍‌ରେ ବୋଲିଂ କରିବାକୁ ଦେଇ ନଥିଲେ। ସିରାଜ ୮୦ ଓଭର ପରେ ନୂଆ ବଲ୍‌ରେ ବୋଲିଂ କରିବାର ସୁଯୋଗ ପାଇଥିଲେ। ବୁମ୍‌ରାଙ୍କ ଉପରେ ମାତ୍ରାଧିକ ଚାପ ଥିଲା ବେଳେ ତାଙ୍କୁ ନିୟମିତ ବ୍ୟବଧାନରେ ବିଶ୍ରାମ ଦେବାକୁ ଗିଲ୍ ପୂରା ବିଫଳ ହୋଇଥିଲେ। ରବୀନ୍ଦ୍ର ଜାଡ଼େଜାଙ୍କୁ ଜାମି ସ୍ମିଥ୍ ବରାବର ଆକ୍ରମଣ କରୁଥିଲେ ମଧ ଗିଲ୍ ତାଙ୍କୁ ବୋଲିଂରୁ ହଟାଇ ନଥିଲେ। ତେବେ ନିଜ ପ୍ରଥମ ମ୍ୟାଚ୍‌ରେ ଗିଲ୍ ସେତେ ବି ଖରାପ ନେତୃତ୍ୱ କରିନାହାନ୍ତି ବୋଲି କିଛି ପୂର୍ବତନ କ୍ରିକେଟର୍ ମତ ରଖିଛନ୍ତି। ସେହିଭଳି ଆଗାମୀ ମ୍ୟାଚ୍‌ରେ ସେ ଆହୁରି ଭଲ କରିବେ ବୋଲି ଦୃଢ଼ ଆଶା ପୋଷଣ କରିଛନ୍ତି।

**ସୁଦର୍ଶନ ଓ କରୁଣଙ୍କ ବିଫଳତା**

ସେହିଭଳି ପଦାର୍ପଣକାରୀ ସାଇ ସୁଦର୍ଶନ ଏବଂ ୮ବର୍ଷ ପରେ ଟେଷ୍ଟ କ୍ରିକେଟ୍‌କୁ ଫେରିଥିବା କରୁଣ ନାୟରଙ୍କ ବିଫଳତା ମଧ ଭାରତ ପରାଜୟର ଅନ୍ୟତମ କାରଣ ଥିଲା। ପ୍ରଥମ ପାଳିରେ ଦୁଇ ଜଣଯାକ ଖାତା ଖୋଲି ପାରି ନଥିଲେ। ଦ୍ୱିତୀୟରେ ସୁଦର୍ଶନ ୩୦ ରନ୍ କରିଥିଲା ବେଳେ କରୁଣ ୨୦ ରନ୍ ଆଗକୁ ବଢ଼ି ନଥିଲେ। ହେଡିଂଲେରେ ଉଭୟ ଦଳ ମୋଟ ଉପରେ ୧୬୭୩ ରନ୍ କରିଥିଲେ। ଯାହା କୌଣସି ଭାରତ-ଇଂଲଣ୍ଡ ଟେଷ୍ଟରେ ସର୍ବାଧିକ ଥିଲା। ହେଲେ ସୁଦର୍ଶନ ଓ କରୁଣ ମିଶିକି ମାତ୍ର ୫୦ ରନ୍ କରିବା ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା।

**ଜାଡ଼େଜାଙ୍କ ସଂଘର୍ଷ**

ଭାରତ ଏହି ମ୍ୟାଚ୍‌ରେ ଏକମାତ୍ର ସ୍ପିନର୍ ଭାବେ ରବୀନ୍ଦ୍ର ଜାଡ଼େଜାଙ୍କୁ ଖେଳାଇଥିଲା। ହେଲେ ପାରମ୍ପରିକ ଭାବେ ବିଦେଶ ମାଟିରେ ଜାଡ଼େଜା ପୁଣି ଥରେ ପ୍ରଭାବହୀନ ପ୍ରଦର୍ଶନ କରିଥିଲେ। ଜାଡ଼େଜା ଘରୋଇ ମାଟିରେ ଖେଳିଥିବା ୪୯ ଟେଷ୍ଟରୁ ୨୩୮ ୱିକେଟ୍ ନେଇଛନ୍ତି। ବିଦେଶ ମାଟିରେ କିନ୍ତୁ ୩୦ ଟେଷ୍ଟ ଖେଳି କେବଳ ୮୧ ୱିକେଟ୍ ଅକ୍ତିଆର କରିଛନ୍ତି। ଇଂଲଣ୍ଡରେ ଆହୁରି ଖରାପ କରି ୧୩ ଟେଷ୍ଟରେ ମାତ୍ର ୨୮ ୱିକେଟ୍ ନେଇଛନ୍ତି। ହେଡିଂଲେ ଟେଷ୍ଟରେ ୩୬ବର୍ଷୀୟ ଜାଡ଼େଜା ପ୍ରଥମ ପାଳିରେ ୱିକେଟ୍ ଶୂନ୍ୟ ରହିଥିଲେ। ୨୩ ଓଭର ବୋଲିଂ କରି ୬୮ ରନ୍ ବ୍ୟୟ କରିଥିଲେ। ଦ୍ୱିତୀୟ ପାଳିରେ ୨୪ ଓଭରରେ ୧୦୪ ରନ୍ ଦେଇ ମାତ୍ର ଗୋଟିଏ ୱିକେଟ୍ ନେଇଥିଲେ। ସେଥିପାଇଁ ଦ୍ୱିତୀୟ ଟେଷ୍ଟରେ କୁଲଦୀପ ଯାଦବ କିମ୍ବା ୱାସିଂଟନ୍ ସୁନ୍ଦରଙ୍କୁ ଖେଳାଇବାକୁ ପୂର୍ବତନ କ୍ରିକେଟର୍‌ମାନେ ପରାମର୍ଶ ଦେଇଛନ୍ତି।

# ଆଇପିଏଲ୍ ତାରକାଙ୍କୁ ଟପିଲେ ଟ୍ରକ୍ ଚାଳକଙ୍କ ପୁଅ



ଲଫ୍‌ବର୍ଗ, ୨୬।୬: ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ୧୯ବର୍ଷରୁ କମ୍ ଦଳର ୱିକେଟ୍‌ରକ୍ଷକ ବ୍ୟାଟର୍ ହରବଂଶ ପଙ୍ଗାଲିଆ ଅନେକ ଆଇପିଏଲ୍ ତାରକାଙ୍କୁ ପଛରେ ପକାଇଛନ୍ତି। ଭାରତୀୟ ୧୯ବର୍ଷରୁ କମ୍ ଦଳରେ ଆୟୁଷ ମହାତ୍ରେ ଓ ବୈଭବ ସୂର୍ଯ୍ୟବଂଶୀଙ୍କ ଭଳି ଖେଳାଳି ଥିଲେ ମଧ ହରବଂଶଙ୍କ ୫୨ ବଲ୍ ୧୦୩ ରନ୍ ପାଳି ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି। ୨୭ ତାରିଖରୁ ଇଂଲଣ୍ଡ ୧୯ବର୍ଷରୁ କମ୍ ଦଳ ବିପକ୍ଷରେ ୫ଟି ଦିନିକିଆ ଏବଂ ଦୁଇଟି ଟେଷ୍ଟ ଖେଳିବା ପୂର୍ବରୁ ମଙ୍ଗଳବାରର ଅଭ୍ୟାସ ମ୍ୟାଚ୍‌ରେ ସେ ଏହି ଶତକ ଅର୍ଜନ କରିଥିଲେ। ନବମ ସ୍ଥାନରେ ବ୍ୟାଟିଂ କରିବାକୁ ଆସି ହରବଂଶ ଏହି ଦୁର୍ଦ୍ଧର୍ଷ ପାଳି ଖେଳିଥିଲେ। ନିଜର ଏହି ବିସ୍ଫୋରକ ପାଳି ଭିତରେ ସେ ୮ଟି ଦର୍ଶନୀୟ ଚୌକା ଏବଂ ୯ଟି ବିଶାଳ ଛକା ମାରିଥିଲେ। ଗୁଜରାଟର ରଣ ଅଫ୍ କଚ୍‌ସ୍ଥିତ ଛୋଟ ସହର ଗାନ୍ଧୀଧାମରୁ ଆସିଥିବା ହରବଂଶ ହେଉଛନ୍ତି ସେଠାକାର ଡିପିଏଲ୍‌ସ୍ ପବ୍ଲିକ୍ ସ୍କୁଲର ପୂର୍ବତନ ଛାତ୍ର। ମାତ୍ର ୫ବର୍ଷ ପୂର୍ବେ ନକୁଳ ଆୟାଚୀ ନାମକ ଜଣେ ସ୍ଥାନୀୟ କ୍ରିକେଟ୍ ପ୍ରଶିକ୍ଷକଙ୍କ ନୀଳକଣ୍ଠ କ୍ରିକେଟ୍ ଏକାଡେମୀରୁ ପ୍ରଶିକ୍ଷଣ ନେବା ଆରମ୍ଭ କରିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ-ଏ' ଦଳ ବିପକ୍ଷରେ ମଧ ସେ ଚମତ୍କାର ପ୍ରଦର୍ଶନ କରିଥିଲେ। ୧୮ବର୍ଷୀୟ ହରବଂଶ ମଧ ବାଂଲାଦେଶ, ଶ୍ରୀଲଙ୍କା, ଜାପାନ ଓ ୟୁଏଇ ୧୯ବର୍ଷରୁ କମ୍ ଦଳ ବିପକ୍ଷରେ ଖେଳି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ମହାତ୍ରେ ଓ ସୂର୍ଯ୍ୟବଂଶୀ ପାଳି ଆରମ୍ଭ କରି କେବଳ ୧୮ ରନ୍ ଭିତରେ ଆଉଟ୍ ହୋଇଯାଇଥିଲେ। ହରବଂଶଙ୍କ ଶତକ ବଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୪୪୨ ରନ୍ କରିଥିଲା। ଏହାର ଜବାବରେ ଇଂଲଣ୍ଡ ୧୯ବର୍ଷରୁ କମ ଦଳ ମାତ୍ର ୨୧୧ ରନ୍ କରିପାରିଥିଲା।

# ସେମିରେ ହାରିଲା ଓଡ଼ିଶା

**ମାଷ୍ଟର୍ସ କପ୍ ହକି**

ଭୁବନେଶ୍ୱର, ୨୫/୬ (ଇମିସ): ଚେନ୍ନାଇରେ ଚାଲିଥିବା ଜାତୀୟ ମାଷ୍ଟର୍ସ କପ୍ ହକି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ହାରିଯାଇଛି ଓଡ଼ିଶା ପୁରୁଷ ଦଳ। ବୁଧବାର ସେମିଫାଇନାଲ୍‌ରେ ଲାଜରୁସ ବାର୍ଲାଙ୍କ ନେତୃତ୍ୱାଧୀନ ଓଡ଼ିଶା ୧-୪ ଗୋଲ୍‌ରେ ମହାରାଷ୍ଟ୍ରଠୁ ହାରିଯାଇଛି। ମହାରାଷ୍ଟ୍ରର ଲିଓନାର୍ଡ କେଥ ପେରେଇରା (୪, ୧୭ ମିନିଟ୍) ଦୁଇଟି ଏବଂ ବିକ୍ରମ ପିଲ୍ଲେ (୩୮ ମିନିଟ୍) ଓ କର୍ଲ ଗୋମ୍ସ (୪୩ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଓଡ଼ିଶା ପକ୍ଷରୁ ଅଧିନାୟକ ଲାଜରୁସ ବାର୍ଲା (୨୮ ମିନିଟ୍) ଗୋଟିଏ ଗୋଲ୍ ଶୁଝିଥିଲେ। ପରାଜୟ ପରେ ଏବେ ଓଡ଼ିଶା କାଂସ୍ୟ ଲାଗି ଶୁକ୍ରବାର ଚଣ୍ଡିଗଡ଼କୁ ଭେଟିବ। ଅନ୍ୟ ଏକ ସେମିଫାଇନାଲ୍‌ରେ ତାମିଲନାଡୁ ୩-୦ ଗୋଲ୍‌ରେ ଚଣ୍ଡିଗଡ଼କୁ ହରାଇ ଫାଇନାଲ୍‌ରେ ପହଞ୍ଚିଥିଲା। ଫାଇନାଲ୍ ମଧ ଶୁକ୍ରବାର ଖେଳାଯିବ।

## ଚତୁଃରାଷ୍ଟ୍ରୀୟ ଯୁବ ହକି: ଭାରତକୁ ଯୁଗଳ କାଂସ୍ୟ

**ବର୍ଲିନ, ୨୬।୬:** ଏଠାରେ ଆୟୋଜିତ ଚତୁଃରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ (ଯୁବ) ହକି ପ୍ରତିଯୋଗିତାରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ କାଂସ୍ୟ ପଦକ ଜିତିଛନ୍ତି। ବୁଧବାର ପୁରୁଷ କାଂସ୍ୟ ମୁକାବିଲାରେ ଭାରତ ୨-୧ ଗୋଲ୍‌ରେ ଅଷ୍ଟ୍ରେଲିଆକୁ ହରାଇଛି। ପ୍ରଥମ ଦୁଇ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା। ୪୦ତମ ମିନିଟ୍‌ରେ ଟବି ମାଲନଙ୍କ ଗୋଲ୍‌ରେ ଅଷ୍ଟ୍ରେଲିଆ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ୪୫ତମ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ରୋହିତ ଗୋଲ୍‌ରେ ପରିଣତ କରି ସ୍ଥିତି ୧-୧କୁ ଆଣିଥିଲେ। ତେବେ ୫୨ତମ ମିନିଟ୍‌ରେ ଅଜିତ ଯାଦବଙ୍କ ଫିଲ୍ଡ ଗୋଲ୍‌ରେ ଭାରତ ବିଜୟ ବାନା ଉଡ଼ାଇଥିଲା। ଲିଗ୍ ପର୍ଯ୍ୟାୟରେ ଭାରତ ୧-୭ରେ ଜର୍ମାନୀ ଓ ୧-୫ରେ ସ୍ପେନଠୁ ହାରିଥିଲା ବେଳେ ଅଷ୍ଟ୍ରେଲିଆକୁ ୩-୧ରେ ହରାଇଥିଲା। ମହିଳାରେ ଭାରତ ୪-୩ ଗୋଲ୍‌ରେ ସ୍ପେନ୍‌କୁ ହରାଇ ଏହି ଗସ୍ତରେ ପ୍ରଥମ ବିଜୟ ପାଇଥିଲା। ଭାରତ ପକ୍ଷରୁ ଲାଲରିନପୁଇ (୨୯, ୪୪ ମିନିଟ୍) ଦୁଇଟି ଏବଂ ହିନା ବାନୋ (୨୩ ମିନିଟ୍) ଓ କନିକା ସିୱଚ (୪୪ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

# ଜାତୀୟ ଜଳକ୍ରୀଡ଼ା: ପ୍ରତ୍ୟାଶାଙ୍କୁ କାଂସ୍ୟ



**ଭୁବନେଶ୍ୱର, ୨୬।୬ (ସଂଚାର ବ୍ୟୁରୋ):** କଳିଙ୍ଗ ଷ୍ଟାଡିୟମ୍ ସନ୍ତରଣାଗାରଠାରେ ଚାଲିଥିବା ୭୮ତମ ଜାତୀୟ ଜଳକ୍ରୀଡ଼ା ପ୍ରତିଯୋଗିତାରେ ବୁଧବାର ଓଡ଼ିଶାକୁ ଗୋଟିଏ କାଂସ୍ୟ ପଦକ ମିଳିଛି। ଏହି ପଦକଟି ପ୍ରତ୍ୟାଶା ରାୟ (୨:୨୪.୭୭) ମହିଳା ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଜିତିଥିଲେ। ତାଙ୍କ ଆଗରେ କର୍ଣ୍ଣାଟକର ଦୁଇ ଖେଳାଳି ବିହିତ ନାରାୟଣ ଲୋଗାନାଥନ (୨:୨୧.୮୫) ଓ ନୈଶା (୨:୨୨.୯୫) ରହି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପାଇଥିଲେ। ୫୦ ମିଟର ବଟରଫ୍ଲାଏର ଫାଇନାଲ୍‌ରେ ପହଞ୍ଚିଥିବା ଓଡ଼ିଆ ଝିଅ ସୃଷ୍ଟି ଉପାଧ୍ୟାୟ (୨୮.୭୬ ସେକେଣ୍ଡ) ଚତୁର୍ଥ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଥିଲେ। କର୍ଣ୍ଣାଟକ ନିନା ଭେଙ୍କଟେଶ (୨୮.୨୫) ସ୍ୱର୍ଣ୍ଣ, ବେଙ୍ଗଲର ସ୍ନିଗ୍ଧା ଓ ମାନବୀ ବର୍ମା (୨୮:୫୫) ରୌପ୍ୟ ପାଇଥିଲେ। ଏହି ପ୍ରତିଯୋଗିତାରେ ବୁଧବାର ୪ ଜାତୀୟ ରେକର୍ଡ ଦେଖିବାକୁ ମିଳିଛି। ପୁରୁଷ ୫୦ମିଟର ବଟରଫ୍ଲାଏରେ ତାମିଲନାଡୁର ବି. ବେନଡିକ୍ଟନ ରୋହିତ (୨୪.୧୧), ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ମହାରାଷ୍ଟ୍ରର ଋଷଭ ଅନୁପମ ଦାସ (୨:୦୦.୬୫), ମହିଳା ୧୦୦ ମିଟର ଫ୍ରିଷ୍ଟାଇଲ୍‌ରେ କର୍ଣ୍ଣାଟକର ଧୀନିଧୀ ଦେସିଙ୍ଘୁ (୫୬.୭୮) ଏବଂ ତାମିଲନାଡୁ ପୁରୁଷ ୪ଗୁଣା ୧୦୦ ମିଟର ଫ୍ରିଷ୍ଟାଇଲ୍ ଦଳ (୩:୨୬.୨୬) ଏହି ରେକର୍ଡ କରିଥିଲେ।

# ବେଙ୍ଗାଲୁରୁ ବ୍ରେଭହାର୍ଟସ୍‌ଠୁ ହାରିଲା କଳିଙ୍ଗ ବ୍ଲାକ୍ ଟାଇଗର୍ସ

**ରଗ୍‌ବି ପ୍ରିମିୟର୍ ଲିଗ୍**

ଭୁବନେଶ୍ୱର, ୨୫/୬ (ଇମିସ): ରଗ୍‌ବି ପ୍ରିମିୟର୍ ଲିଗ୍‌ରେ ଓଡ଼ିଶା ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ବୁଧବାର ବେଙ୍ଗାଲୁରୁ ବ୍ରେଭହାର୍ଟସଠାରୁ ୨୬-୩୪ରେ ହାରି ଯାଇଛି। ଏହି ବିଜୟ ପରେ ବେଙ୍ଗାଲୁରୁ ବ୍ରେଭହାର୍ଟସ ତୃତୀୟ ଦଳ ଭାବେ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଆଜି ମ୍ୟାଚ୍‌ର ପ୍ରଥମ ଦୁଇ କ୍ୱାର୍ଟରକୁ ଟାଇଗର୍ସ ନିୟନ୍ତ୍ରଣରେ ରଖିଥିଲା। ତେବେ ପରବର୍ତ୍ତୀ ଦୁଇ କ୍ୱାର୍ଟରରେ ଲୟ ହରାଇ ପରାଜିତ ହୋଇଥିଲା। ଫଳରେ ଦଳର ସେମିଫାଇନାଲ୍ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭକ୍ତ...

ତାପରେ ଦର୍ପଦଳନ ଓ ପରେ ତାଳଧ୍ୱଜ ରଥକୁ ସିଂହଦ୍ୱାର ସମ୍ମୁଖକୁ ଅଣାଯାଇଛି । ରତ୍ନବେଦୀ ଛାଡି ଭକ୍ତଙ୍କ ଗହଣରେ ମହାପ୍ରଭୁ ଯିବେ ନିଜ ଜନ୍ମବେଦୀକୁ। ଶ୍ରୀଜିଉଙ୍କ ଏହି ଯାତ୍ରା ପାଇଁ ତିନି ରଥ ସହ ବଡଦାଣ୍ଡ ବି ପ୍ରସ୍ତୁତ । ଅପେକ୍ଷା କେତେବେଳେ ରଥାରୁଢ଼ ହେବେ ଶ୍ରୀଜିଉମାନେ ।

ମହାପ୍ରଭୁଙ୍କ ଅନେକ ଲିଳା ମଧ୍ୟରୁ ଏହି ମେଳାର ଏକ ବିଶେଷ ମହାତ୍ମ୍ୟ ରହିଛି । ବଡ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ବଡଦାଣ୍ଡରେ କାଳିଆର ଏହି ଯାତ୍ରାରେ ଧନୀ-ଗରିବ, ଜାତି, ଧର୍ମର ନଥାଏ ବାଛବିଚାର। ଚକା ଆଖି ସମସ୍ତଙ୍କୁ ଦେଖେ, ସେମାନଙ୍କ ଗୁହାରି ବି ଶୁଣେ। ଆସନ୍ତାକାଲି ସକାଳୁ ମଙ୍ଗଳ ଆଳତି, ମଇଲମ, ତଡପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା ଆଦି ଦୈନନ୍ଦିନ ରୀତିନୀତି ପରେ ମହାପ୍ରଭୁଙ୍କ ବେଶ କରାଯିବ। ତା'ପରେ ଖେଚୁଡି ଭୋଗ ଖାଇବେ ତିନି ଠାକୁର। ସ୍ୱସ୍ତିୟ ବ୍ରାହ୍ମଣଙ୍କ ଦ୍ୱାରା ରଥ ପ୍ରତିଷ୍ଠା ହୋଇ ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହେବ । ତାପରେ ଶ୍ରୀଜିଉମାନେ ଧାଡି ପହଣ୍ଡିରେ ଆସିବେ। ପ୍ରଥମେ ସୁଦର୍ଶନ, ତାପରେ ବଡଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ଆସିବେ କାଳିଆ ସାଆଁନ୍ତ। ଶ୍ରୀଜିଉମାନେ ରଥାରୁଢ଼ ହେବା ପରେ ମଦନ ମୋହନ, ଶ୍ରୀରାମ ଓ ଶ୍ରୀକୃଷ୍ଣ ବିଜେ କରିବେ। ଏହାପରେ ଚିତାଲାଗି ଓ ବେଶ ନୀତି ଅନୁଷ୍ଠିତ ହେବ। ପୁରୀ ଗଜପତି ରଥରେ ଛେରାପହଁରା କରିବେ। ତା'ପରେ ଚାରମାଳ ଫିଟାଯାଇ ଘୋଡା ଓ ସାରଥୀ ଯୋଚାଯିବେ। ଅପରାହ୍ଣ ୪ଟାରେ ଆରମ୍ଭ ହେବ ରଥଟଣା। ସେପଟେ ଆସନ୍ତାକାଲି ରଥଯାତ୍ରା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଚଳନ୍ତ ବର୍ଷ ୨ ଶହ ପ୍ଲାଟୁନ ଫୋର୍ସ ସମେତ ୧୦ ହଜାର ପୁଲିସ କର୍ମଚାରୀ ମୁତୟନ ରହିବେ। ୨୭୫ଟି ଏଆଇ ପରିଚାଳିତ କ୍ୟାମେରା ଲଗାଯାଇଛି, ଯାହା ଭକ୍ତଙ୍କ ସୁରକ୍ଷା ଉପରେ ନଜର ରଖିବ। ସମୁଦ୍ରପଥ ସୁରକ୍ଷାକୁ ନେଇ ସବୁ ବ୍ୟବସ୍ଥା କରାଯାଇଥିବାବେଳେ ଇଣ୍ଟିଗ୍ରେଟେଡ଼ କମାଣ୍ଡ କଣ୍ଟ୍ରୋଲ ରୁମ ବ୍ୟବସ୍ଥା କରାଯାଇଛି।

### ଦକ୍ଷତା...

କେନ୍ଦ୍ରରେମା'ମାନେସିଲେଇମେସିନ୍, ହସ୍ତଶିଳ୍ପ, ପଟ୍ଟଚିତ୍ର ନେଇ ପ୍ରଶିକ୍ଷଣ ପାଇପାରିବେ। ଆମର ଭଉଣୀମାନେ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରି ଦେଶ ଦୁନିଆର ଖବର ଜାଣିପାରିବେ। ଏହାଦ୍ୱାରା ଏଠାରେ ଐତିହ୍ୟ ଓ ପରମ୍ପରାକୁ ଆଗକୁ ନେବା ଦିଗରେ ବ୍ୟବସ୍ଥା କରାଯିବା ସହ ଆବଶ୍ୟକତା ଅନୁସାରେ ପ୍ରଶିକ୍ଷଣ ବ୍ୟବସ୍ଥା ହୋଇଛି। ଆଜିର ପଦକ୍ଷେପ ଦ୍ୱାରା ଏହି ଗ୍ରାମ କଳା, ଦକ୍ଷତା ବିକାଶ ଓ ଜ୍ଞାନ ପରିପ୍ରକାଶର କେନ୍ଦ୍ର ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିବା ସହ ଏଥିପାଇଁ ଇଣ୍ଡିଆନ ଅଏଲକୁ ଧନ୍ୟବାଦ ଦେଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ବୀରଗୋବିନ୍ଦପୁର ଏପରି ଏକ ଐତିହାସିକ ଗ୍ରାମ, ଯାହା ତାଙ୍କ ପାଇଁ ଅତ୍ୟନ୍ତ ଶ୍ରଦ୍ଧାର କେନ୍ଦ୍ର। ଏହି ୫୦୦ ବର୍ଷର ପୁରୁଣା ଗ୍ରାମ ଓଡ଼ିଆ ଜାତି, ଓଡ଼ିଆ ପରମ୍ପରାର ତଥା ମହାପ୍ରଭୁଙ୍କ ସଂସ୍କୃତିର ଅନ୍ୟତମ କେନ୍ଦ୍ର। ଏଠାରେ ଜନ୍ମ ନେଇଥିବା ଅନେକ ବ୍ୟକ୍ତିବିଶେଷ ପଦ୍ମ ପୁରସ୍କାର ପାଇବା ସହ ପୁଲିସ ସେବା, ଡାକ୍ତରୀ ସେବା ଓ ରାଜନୀତି ସମେତ ବିଭିନ୍ନ କ୍ଷେତ୍ରରେ ବେଶ୍ ସଫଳତା ଅର୍ଜନ କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିବା ସହ ପିଲାବେଳର ଅନୁଭୂତି ବଖାଣିଥିଲେ। ଭାରତରେ ଅମୂଲ୍ୟ ଜ୍ଞାନ ଭଣ୍ଡାରକୁ ଏକାଠି କରିବାକୁ ପଡ଼ିବ। ଏଆଇ ଟୁଲ୍ ମାଧ୍ୟମରେ ପ୍ରାଚୀନ ଜ୍ଞାନର କିପରି ଉପଯୋଗ କରାଯାଇପାରିବ, ସେ ଦିଗରେ ଯୋଜନା ଜରୁରୀ ବୋଲି ଶ୍ରୀ ପ୍ରଧାନ କହିବା ସହ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତିଚାରଣ କରି ବକୁଳ ବନ ବିଦ୍ୟାଳୟ ମାଧ୍ୟମରେ ସେ ଆରମ୍ଭ କରିଥିବା ଶିକ୍ଷା ଓ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ଉପରେ ମତ ଦେଇଛନ୍ତି। ବକୁଳ ବନ ବିଦ୍ୟାଳୟର ପୁନର୍ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ବିତ୍ତୀୟ ପ୍ରବନ୍ଧନ କରିଥିବା କେନ୍ଦ୍ର ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ପୁରୀ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଓ ଜିଲ୍ଲାର ବିଭିନ୍ନ ବିଧାୟକ ଯୋଗଦେଇଥିଲେ।

### ମୁମ୍ବାଇରେ...

ତାଙ୍କ ମୁମ୍ବାଇ ଗସ୍ତ ସମୟରେ ବିମାନବନ୍ଦରରେ ବିଜେଡି ନେତାମାନେ ଭିଡ ଜମାଇଥିଲେ। ମଉକା ଦେଖି ଗଣମାଧ୍ୟମରେ ମୁହଁ ଦେଖାଇଥିଲେ। ତେବେ ନବୀନଙ୍କ ସହିତ ଛାଇ ଭଳି ରହିବା ସହ ମୁମ୍ବାଇ ଯାଇଥିବା ପାଣ୍ଡିଆନଙ୍କୁ କେହିହେଲେ ଦେଖିବାକୁ ପାଇନଥିଲେ। କାରଣ ସେ ଥିଲେ ପ୍ରଚାର ପ୍ରସାରଠାରୁ ଦୂରରେ। ସେଠାରେ ସେ ନବୀନଙ୍କ ଚିକିତ୍ସା ଖବର ବୁଝୁଥିବା ସମସ୍ତେ ଜାଣିଛନ୍ତି। ମୁମ୍ବାଇରେ ନବୀନଙ୍କ ସଫଳ ଅସ୍ତ୍ରପଚାର ପରେ ମଧ୍ୟ ପାଣ୍ଡିଆନଙ୍କୁ ଦେଖିବାକୁ ମିଳିନଥିଲା। ଗଣମାଧ୍ୟମରେ ନବୀନଙ୍କ ଚିକିତ୍ସା ସୂଚନା ତାଙ୍କ ଡାକ୍ତର ରମାକାନ୍ତ ପଣ୍ଡା ଦେଇଥିଲେ। ଏହାପରେ ନବୀନଙ୍କ ବଡ ଭାଇ ଭିଡିଓ ଜାରିକରି ନବୀନ ଦ୍ରୁତ ଆରୋଗ୍ୟଲାଭ କରୁଥିବା କହିଥିଲେ। ତେବେ ଚିକିତ୍ସାର ସମସ୍ତ କଥା ବୁଝୁଥିବା ପାଣ୍ଡିଆନ କିନ୍ତୁ ଏହି ପ୍ରକ୍ରିୟାରୁ ଦୂରେଇ ରହି ନବୀନଙ୍କ ସେବା କରୁଥିଲେ। ପ୍ରେମ୍ ପଟ୍ଟନାୟକ ଭିଡିଓ ଜାରି କରିବା ପରେ ବିଜେଡି ନେତାଙ୍କ ଭିଡ ମୁମ୍ବାଇରେ ଲାଗିଥିଲା। ଦଳ ଦଳ ହୋଇ ନବୀନ ଚିକିତ୍ସିତ ହେଉଥିବା ଡାକ୍ତରଖାନାରେ ପହଞ୍ଚି ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ଗଣମାଧ୍ୟମକୁ ଛାଡିଥିଲେ। କିଏ ଡାକ୍ତରଖାନା ଭିତରେ ଓ ଆଉ କିଏ ଡାକ୍ତରଖାନା ବାହାରେ ଫଟୋ ଉଠାରେ ମାତିଥିଲେ। ଯଦିଓ ସମସ୍ତେ ଜାଣିଥିଲେ ଯେ ନବୀନ ଚିକିତ୍ସିତ ହେଉଥିବା କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ଡାକ୍ତରଖାନାରେ ସେମାନଙ୍କୁ ନବୀନଙ୍କ ସହ ସାକ୍ଷାତର ସୁଯୋଗ ମିଳିବ ନାହିଁ। ତଥାପି ଓଡ଼ିଶାବାସୀଙ୍କୁ ଜଣାଇବା ପାଇଁ ସେଠାରେ ପହଞ୍ଚି ଫଟୋ ଉଠାଇ ସଚିତ୍ର ଖବର ଛାପିଥିଲେ। କିଛି ବିଜେଡି ନେତା ଡାକ୍ତର ପଣ୍ଡାଙ୍କ ସହିତ ଉଠାଇଥିବା ଫଟୋ ମଧ୍ୟ ଛାଡିଥିଲେ।

ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, କିଛି ବିଜେଡି ନେତା ସେଠାରେ ଫଟୋଉଠା ସାରିବା ପରେ ମୁମ୍ବାଇରେ ବୁଲାବୁଲି କରିବା ସହ ଏକ ତାରକା ହୋଟେଲରେ ମେଳି ହୋଇଥିଲେ। ଅବଶ୍ୟ ସେଠାରେ କି ଆଲୋଚନା ହୋଇଛି, ତାହା ହୋଟେଲ ଚାରିକାନ୍ଥ ବାହାରକୁ ଆସିପାରିନାହିଁ। ନବୀନଙ୍କୁ ସମବେଦନା ଜଣାଇବା ନାଁରେ ବିଜେଡି ନେତାଙ୍କ ମୁମ୍ବାଇ ଗସ୍ତ ଖବର କିଭଳି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବ, ତା'ର ବ୍ୟବସ୍ଥା ହୋଇଥିବା ବେଳେ ଏବେ ଏମାନଙ୍କ କବାଟକିଳା ଆଲୋଚନାର ବିଷୟବସ୍ତୁକୁ ଅନେକ ଅପେକ୍ଷା କରିଛନ୍ତି।

### ହସ୍ପିଟାଲ...

ଜଣାଇବାକୁ ହସ୍ପିଟାଲ ବେଡ୍‌ରୁ ଦେଇଥିବା ଭିଡିଓ ବାର୍ତ୍ତା ହିଁ ସମସ୍ତଙ୍କ ମୁହଁ ବନ୍ଦ କରିଦେଇଛି। ସେପଟେ ନବୀନଙ୍କ ସହ ଟେଲିଫୋନରେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ। ସମସ୍ତେ ନବୀନଙ୍କ ସହ କଥା ହେବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏଥିସହ ସେମାନେ ନବୀନଙ୍କ ଆଶୁ ଆରୋଗ୍ୟ ମଧ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ନବୀନଙ୍କ ସହ କଥା ହେବା ପରେ ତାଙ୍କ ଚିକିତ୍ସା ଦାୟିତ୍ୱରେ ଡାକ୍ତରଙ୍କ ସହ ମଧ୍ୟ ଆଲୋଚନା କରିଥିବା ଜଣାପଡ଼ିଛି। ଏଥିସହ ସୋସିଆଲ ମିଡିଆରେ ବିଭିନ୍ନ ରାଜନୈତିକ ଦଳର ଜାତୀୟ ସ୍ତରର ନେତାମାନେ ମଧ୍ୟ ସୋସିଆଲ ମିଡିଆରେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରୁଛନ୍ତି।

### କ୍ୟାପିଟାଲ୍...

ମେଡିକାଲ କଲେଜ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଡ. ମହାଲିଙ୍ଗ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଏଠାରେ ଅଦ୍ୟାବଧି ପିଜି ସିଟ୍ ସଂଖ୍ୟା ୭୮ରେ ପହଞ୍ଚିସାରିଛି। ପ୍ରଥମ ବର୍ଷରେ ୨୪ ଜଣ ପିଜି ଛାତ୍ରଛାତ୍ରୀ ଏଠାରୁ ଉତ୍ତୀର୍ଣ୍ଣ ହେବେ। କ୍ୟାପିଟାଲ ହସ୍ପିଟାଲର ପୁନଃବିକାଶ ସହ ପିଜି ସହ ୟୁଜି ଖୋଲାଯିବାର ଅଛି। ସେହିପରି ଆଗାମୀ ଦିନରେ କ୍ୟାପିଟାଲ୍ ହସ୍ପିଟାଲ୍‌ର କଳେବର ମଧ୍ୟ ବଢ଼ିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ସେହିପରି କ୍ୟାପିଟାଲ ହସ୍ପିଟାଲ ଆଣ୍ଡ ମେଡିକାଲ କଲେଜର ନିର୍ଦ୍ଦେଶକ ଡାକ୍ତର ସୁଜାତା ମିଶ୍ର କହିଛନ୍ତି ଯେ ସ୍ୱାସ୍ଥ୍ୟ ମନ୍ତ୍ରୀ ସମୀକ୍ଷା କରିଥିବା ବେଳେ ଆସନ୍ତା ଜୁଲାଇ ୩୧ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କୋଠା ଆମକୁ ହସ୍ତାନ୍ତର ହୋଇଯିବ। ଏବେ ପାଠ ପଢ଼ିବା ପାଇଁ ୧୫ଟି ବିଭାଗ ରହିଥିବା ବେଳେ ସେଥିମଧ୍ୟରୁ ୮ଟି ବିଭାଗ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇସାରିଛି। ଏଥିସହ ଆଉ ୨ଟି ବିଭାଗ ଖୋଲିବା ନେଇ ମଧ୍ୟ ପ୍ରସ୍ତାବ ଦିଆଯାଇଛି।

### କାର୍ଯ୍ୟନିବୃତ୍ତିରେ...

ଦୁଇ ବର୍ଷରେ ୧୦ ପ୍ରତିଶତ ଲେଖାଏଁ ବୃଦ୍ଧି ପାଇବ ବୋଲି ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏହି ବୃଦ୍ଧି ପାଇଁ ଅର୍ଥ ବିଭାଗର ଅନୁମୋଦନ ଆବଶ୍ୟକତା ପଡ଼ିବ ନାହିଁ। ବିଭାଗମାନେ ନିଜେ ପ୍ରତି ଦୁଇ ବର୍ଷରେ ଏହି ପରିମାଣ ବୃଦ୍ଧି କରିପାରିବେ ବୋଲି କୁହାଯାଇଛି।

### ଧର୍ମେନ୍ଦ୍ରଙ୍କୁ ...

ଆଦିତ୍ୟନାଥ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ, ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ୍, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ, ଗୋଆ ମୁଖ୍ୟମନ୍ତ୍ରୀ, ହରିୟାଣା ମୁଖ୍ୟମନ୍ତ୍ରୀ, ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, ସାଂସଦ, ବିଧାୟକ, ଦଳୀୟ ନେତୃବୃନ୍ଦ ଓ ବ୍ୟକ୍ତିବିଶେଷ ମଧ୍ୟ ବଧେଇ ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଜୀଙ୍କୁ ଜନ୍ମଦିନର ଶୁଭେଚ୍ଛା। ଭାରତର ଶିକ୍ଷା କ୍ଷେତ୍ରକୁ ଉନ୍ନତ କରିବା ଦିଗରେ ତାଙ୍କର ପ୍ରୟାସ, ଗବେଷଣା ଏବଂ ନବସୃଜନ ସଂକ୍ରାନ୍ତ ଦୃଷ୍ଟି ପ୍ରଶଂସନୀୟ। ଏହା ଭାରତର ଯୁବଶକ୍ତି ପାଇଁ ଯଥେଷ୍ଟ ଲାଭଦାୟକ ହୋଇଛି। ସେ ଦୀର୍ଘ ଏବଂ ସୁସ୍ଥ ଜୀବନଯାପନ କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ କାମନା କରିଛନ୍ତି। ସେହିପରି ଶ୍ରୀ ଶାହ ଉଲ୍ଲେଖ କରିଛନ୍ତି ଯେ ମୋର କ୍ୟାବିନେଟ୍ ସହଯୋଗୀ ଧର୍ମେନ୍ଦ୍ର ପ୍ରଧାନଜୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା।

ମୋଦିଜୀଙ୍କ ମାର୍ଗଦର୍ଶନରେ ଶିକ୍ଷା କ୍ଷେତ୍ରରେ ଆପଣଙ୍କର ଅବଦାନ ଆମ ଯୁବପିଢ଼ିକୁ ସେମାନଙ୍କର ସ୍ୱପ୍ନ ପୂରଣ କରିବା ପାଇଁ ପଥ ପ୍ରଶସ୍ତ କରୁଛି। ଜାତିର ସେବା ଜାରି ରଖିବା ଦିଗରେ ମହାପ୍ରଭୁଙ୍କ ଆଶୀର୍ବାଦ ସର୍ବଦା ଆପଣଙ୍କ ସହ ରହୁ।ର ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁରର ଲୋକପ୍ରିୟ ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲେଶ୍ୱରୀ ଆପଣଙ୍କୁ ସୁଖୀ, ନିରୋଗ ଓ ଦୀର୍ଘାୟୁ କରିବା ସହ ଜନସେବା ପାଇଁ ଅସୀମ ଶକ୍ତି ପ୍ରଦାନ କରନ୍ତୁ। ଆପଣଙ୍କ ନେତୃତ୍ୱ ଓ ଦୂରଦୃଷ୍ଟିରେ ଦେଶର ଶିକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେଉ। ଉଲ୍ଲେଖନୀୟ ଯେ କେନ୍ଦ୍ରମନ୍ତ୍ରୀଙ୍କ ଜନ୍ମ ଦିବସ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଚାରାରୋପଣ, ରକ୍ତଦାନ ଶିବିର, ଖାଦ୍ୟ ବଣ୍ଟନ ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଛି।

### ରଥଯାତ୍ରା...

ଜାଲି ବଦଳାଯିବ। ଏହା ବଦଳରେ ସେହି ଯାଗାରେ ଷ୍ଟେନଲେସ୍ ଷ୍ଟିଲର ଫ୍ରେମ୍ ସହ ଜାଲି ସ୍ଥାପନ କରାଯିବ।

ସେହିପରି ଜୁନ୍ ୨୯ ତାରିଖ ଦିନ ଶ୍ରୀମନ୍ଦିରର ବାର୍ଷିକ ବୈଷୟିକ ନିରୀକ୍ଷଣ ମଧ୍ୟ କରାଯିବ। ଶ୍ରୀମନ୍ଦିର ବୈଷୟିକ କମିଟି ଅଧ୍ୟକ୍ଷ ପ୍ରଫେସର ଏସ୍. କେ. ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନ, ଏଏସଆଇ ଏବଂ ପୂର୍ତ୍ତ ବିଭାଗର ମିଳିତ ଟମ୍ ଏହି ନିରୀକ୍ଷଣ କରିବେ।

### ମଝି ଚିଲିକାରେ...

ମତ୍ସ୍ୟଜୀବୀମାନେ ଅନ୍ୟ ଜଣଙ୍କୁ ଧରି ଲଗାତାର ଭାବେ ଗୁଳି ଫୁଟାଇଥିଲେ। ଗୁରୁତର ହୋଇଥିବା ମତ୍ସ୍ୟଜୀବୀ ଜଣଙ୍କ ହେଲେ ଚନ୍ଦ୍ରାପୁଟ ଗ୍ରାମର ବୀର ଜାଲି। ତେବେ ସଦ୍ୟ ଖବର ଅନୁସାରେ, ଅଧିକ ଚିକିତ୍ସା ପାଇଁ ବୀରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ତେବେ କେଉଁ କାରଣରୁ ଏପରି ଗୁଳିକାଣ୍ଡ ହୋଇଛି, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ।

# ମାଟିତଳୁ କଢାଯିବ ମହିଳାଙ୍କ ଶବ



ବଲାଙ୍ଗିର,୨୬।୬(ସଂଚାର ବ୍ୟୁରୋ): ମୃତ୍ୟୁର ୩ ଦିନ ପରେ ମାଟି ତଳୁ କଢାଯିବ ଶବ । ପୋଷ୍ଟମର୍ଟମ ହେବ, ମୃତ୍ୟୁ ପଛର ପ୍ରକୃତ ସତ ସାମ୍ନାକୁ ଆସିବ। ଡାକ୍ତରଙ୍କ ଚିକିତ୍ସା ଅବହେଳାରୁ ଜଣେ ମହିଳାଙ୍କ ମୃତ୍ୟୁ ଅଭିଯୋଗ ଘଟଣାରେ ଏଭଳି ପଦକ୍ଷେପ ନେଇଛି ବଲାଙ୍ଗୀର ଟାଉନ ପୋଲିସ । ଘଟଣାଟି ସୋନପୁର ଜିଲ୍ଲା ରାଣୀସରଡ଼ା ଗ୍ରାମର। ଅଭିଯୋଗ ମୁତାବକ, ଗତ ୨୩ ତାରିଖ ଦିନ ରାଣୀସରଡ଼ା ଗାଁର ସୌଦାମିନୀ ନାଗଙ୍କ ପେଟରେ ଷ୍ଟୋନ୍ ହୋଇଥିବାରୁ ବଲାଙ୍ଗିର ମାଳପଡାରେ ଥିବା ଏକ ପ୍ରାଇଭେଟ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତେବେ ଅପରେସନ୍ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଗଲା । ଏହାପରେ ତାଙ୍କୁ ଡାକ୍ତର ଆମ୍ବୁଲାନ୍ସରେ ଅନ୍ୟ ଏକ ମେଡିକାଲକୁ ପଠାଇଦେଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ ଭୁଲ୍ ଚିକିତ୍ସା ଯୋଗୁଁ ସୌଦାମିନୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ଏନେଇ ପୁଲିସରେ ମାମଲା ପରେ ତଦନ୍ତ ଆରମ୍ଭ ହୋଇଛି । ତେଣେ ଗାଁ ମଶାଣୀରେ ପୋତାଯାଇଥିବା ମୃତଦେହର ପୋଷ୍ଟମର୍ଟମ ହୋଇନଥିବାରୁ ପୋଲିସ ଗାଁକୁ ଯାଇଛି। ମାଟି ତଳୁ ମୃତଦେହ କାଢି ପୋଷ୍ଟମର୍ଟମ ପାଇଁ ପଠାଇବା ପରେ ପ୍ରକୃତ ସତ ସାମ୍ନାକୁ ଆସିବ। ଆଉ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଫୋନ୍ ଯୋଗେ ସୂଚନା ଦେଇଛନ୍ତି ବଲାଙ୍ଗିର ଏସଡିପିଓ ସରୋଜ କୁମାର ଉପାଧ୍ୟାୟ। ତେଣେ ପୂରା ଘଟଣା ନେଇ ସମ୍ପୃକ୍ତ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା: ସ୍ତ୍ରୀଙ୍କ ସମେତ ୩ ଗିରଫ



ବରଗଡ଼,୨୬।୬(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲା ଭଟଲି ଥାନା ତରାଜୁଙ୍ଗା ଗ୍ରାମରେ ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଭଟଲି ପୁଲିସ ଏହି ଘଟଣାରେ ସ୍ତ୍ରୀ ସୁନୀତାଙ୍କ ସମେତ ମୋଟ ତିନି ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅନ୍ୟ ଦୁଇ ଜଣ ହେଲେ ଶାଶୂ ଓ ଶ୍ୱଶୁର। ଆଜି ସେମାନଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଏ ନେଇ ଭଟଲି ଥାନାରେ ଭାରତୀୟ ନ୍ୟାୟ ସଂହିତା ୧୦୩(୧) ଓ ୩(୫) ଦଫାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଛତିଶଗଡ଼ ରାଜ୍ୟର ଉସରତ୍ ଗ୍ରାମର ଭାନୁ ଚୌହାନ ତରାଜୁଙ୍ଗା ଗ୍ରାମର ଗଜାନନ କଲିୟାରୀଙ୍କ ଝିଅ ସୁନିତାଙ୍କୁ ବିବାହ କରିଥିଲେ । ସୁନିତା ବର୍ଷେ ହେବ ନିଜ ମାଆବାପାଙ୍କ ସହ ରହୁଥିଲେ ତେବେ ଗତ ୨୫ ତାରିଖ ସ୍ୱାମୀ ଭାନୁ ତାଙ୍କୁ ନେବା ପାଇଁ ଶ୍ୱଶୁର ଘରକୁ ପହଞ୍ଚିଥିଲେ। ସେଠାରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କଳିଗୋଳ ହୋଇଥିଲା। ଭାନୁଙ୍କୁ ସ୍ତ୍ରୀଙ୍କ ସହ ଶାଶୂ ଓ ଶ୍ୱଶୁରଙ୍କ ମିଶି ଭାନୁଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏପରିକି ସେ ଗୁରୁତର ଆହତ ହୋଇଥିବା ବେଳେ ସେମାନେ ତାଙ୍କୁ ଘରେ ବନ୍ଦ କରିରଖିଥିଲେ। ପରେ ପୁଲିସ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ବନ୍ଦ ଘରୁ ଭାନୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଭାନୁଙ୍କ ମୃତ୍ୟୁ ଘଟିଥିଲା।

# ଲଗାଣ ବର୍ଷାରେ ଭାସିଗଲା ଅସ୍ଥାୟୀ ପୋଲ ଯାତାୟାତ ବାଧାପ୍ରାପ୍ତ



**ନବରଙ୍ଗପୁର, ୨୬।୬ (ସଂଚାର ବ୍ୟୁରୋ) :** ଲଗାଣ ବର୍ଷାରେ ନବରଙ୍ଗପୁର ଜିଲ୍ଲା ବେହାଲ ହୋଇଛି। ଗତକାଲି ଓ ଆଜି ଲଗାଣ ବର୍ଷା ଯୋଗୁଁ ଜିଲ୍ଲର ପପଡାହାଣ୍ଡି ବ୍ଲକର ଜଟାବାଲ ଗ୍ରାମ ନିକଟ ଗୁଣ୍ଟାକ ନଦୀର ଅସ୍ଥାୟୀ ପୋଲ ବନ୍ୟା ଜଳରେ ଭାସି ଯାଇଛି। ଫଳରେ ୩୯ ନମ୍ବର ରାଜ୍ୟ ରାଜପଥରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ତେଣୁ ନବରଙ୍ଗପୁର ଠାରୁ ଉମରକୋଟ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପ୍ରଶାସନ ପକ୍ଷରୁ ଗାଡି ମଟର ଯାତାୟାତ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ଉମରକୋଟ ଆଡୁ ଆସୁଥିବା ଗାଡି ଗୁଡିକ ଡାବୁଗାଁରୁ ମୈଦାଲପୁର ଦେଇ ଯିବେ, ନବରଙ୍ଗପୁର ଆଡୁ ଯାଉଥିବା ଗାଡି ପାପଡାହାଣ୍ଡିରୁ ଘାଟଗୁଡା ଦେଇ ଜାଟାବାଲ ରାସ୍ତାରେ ଯାତାୟାତ ପାଇ ପରାମର୍ଶ ଦେଇଛନ୍ତି। ବନ୍ୟା ଜଳରେ କେହି ଯେମିତି ନଯିବେ ସେଥିପାଇଁ ପୋଲର ଉଭୟ ପାର୍ଶ୍ୱରେ ପୁଲିସ ପ୍ରଶାସନକୁ ଜଗାଇ ଦିଆଯାଇଛି

ସୂଚନାଯୋଗ୍ୟ ଯେ, ପାପଡାହାଣ୍ଡି ଠାରୁ ଉମରକୋଟ ପର୍ଯ୍ୟନ୍ତ ରାସ୍ତା ପ୍ରଶାସ୍ତିକରଣ କାର୍ଯ୍ୟ ଚାଲିଥିବା ବେଳେ ନଦୀ ଓ ନାଳ ଗୁଡିକ ଉପରେ ଥିବା ପୋଲ ଭାଙ୍ଗି ନୂଆ କାର୍ଯ୍ୟ ଚାଲିଛି। ଏଥି ସକାଶେ ଅସ୍ଥାୟୀ ପୋଲ ଗୁଡିକ ନିର୍ମାଣ କରାଯାଇଛି। ଅସ୍ଥାୟୀ ପୋଲ ଗୁଡିକର ଉଚ୍ଚାତା ଅପେକ୍ଷାକୃତ କମ ରହୁଥିବା ଯୋଗୁଁ ଅଳ୍ପ ବର୍ଷା ହେଲେ ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି।

ଗତକାଲି ଜିଲ୍ଲାରେ ହାରାହାରି ୫୭.୫ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ପାପଡାହାଣ୍ଡି ବ୍ଲକରେ ସର୍ବାଧିକ ୧୨୦ମିମି ବର୍ଷା ରେକର୍ଡ ହୋଇଛି।

# 'ବିକାଶ କ୍ଷେତ୍ରରେ ଅସ୍ତରଙ୍ଗ ହେବ ମାଇଲ୍‌ଖୁଣ୍ଟ'



**କାକଟପୁର/ଅସ୍ତରଙ୍ଗ, ୨୬।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଏକ ଉପକୂଳବର୍ତ୍ତୀ ଅଞ୍ଚଳ। ଅଞ୍ଚଳର ବିକାଶ ପାଇଁ ଆପଣ ଯେଉଁ ଭରସା ରଖି ଡବଲ ଇଂଜିନ ସରକାର ଭେଟି ଦେଇଛନ୍ତି ସେଇ ଭରସା ଦେଉଛି କାକଟପୁର ନିର୍ବାଚନ ମଣ୍ଡଳୀ ସମେତ ଅସ୍ତରଙ୍ଗ ବ୍ଲକର ବିକାଶ କ୍ଷେତ୍ରରେ ଏକ ମାଇଲି

## ଗାଁ ଛୁଇଁବ ବିକାଶର ଶୀର୍ଷ

ଖୁଣ୍ଟ ହେବ। ୪୦କୋଟି ଟଙ୍କା ବ୍ୟୟରେ ଗ୍ରାମୀଣ ରାସ୍ତା ବିକାଶର ପ୍ରକଳ୍ପର ବିଭିନ୍ନ ଉନୟନ୍ନ ମୂଳକ କାର୍ଯ୍ୟର ଶିଳାନ୍ୟାସ ଉତ୍ସବରେ ପଞ୍ଚାୟତରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀଯୁକ୍ତ ରବି ନାରାୟଣ ନାଏକ ଏଭଳି ସୂଚନା ଦେଇଛନ୍ତି।

ଗୁରୁବାର ଦିନ କାକଟପୁର ଠାରୁ ପାଟସୁନ୍ଦରପୁର ରାସ୍ତାର ଦୈର୍ଘ୍ୟ ୫.୪୨କିମିକୁ ୭କୋଟି ଟଙ୍କାର ବ୍ୟୟ ଅଟକଳ ନିର୍ମାଣ ପାଇଁ ଶିଳାନ୍ୟାସ ଆନୁଷ୍ଠାନିକ ଭାବେ ମନ୍ତ୍ରୀ, ସାଂସଦ ଓ କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ କରିଥିଲେ। ପରେ ପଞ୍ଚାୟତରାଜ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଅସ୍ତରଙ୍ଗ କଲେଜ ପରିସରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବାଙ୍ଗୁରିଗାଁ ଠାରୁ ସିରେଇ ରାସ୍ତାର ପ୍ରାଚୀ ନଦୀ ଉପରେ ସୁଉଚ୍ଚ ସେତୁ ନିର୍ମାଣ ପାଇଁ ୨୩କୋଟି ଟଙ୍କାର ଶିଳାନ୍ୟାସ, ଇନ୍ଦିରା ବଜାର ଠାରୁ କନ୍ତିମାଳ ରାସ୍ତା ୩. ୩୦କିମି ପାଇଁ ୩କୋଟି ଟଙ୍କା, ମାଳଦା ନିକଟ ମହାବିଦ୍ୟାଳୟ ଠାରୁ ଆଙ୍ଗୁଅ ଭାୟା ଅମରାଲୁ, କଣ୍ଟାପଡ଼ା ରାସ୍ତା ୪. ୮୦କିମି ପାଇଁ ୪କୋଟି, ଓଥକା (ଆନନ୍ଦ ବଜାର ) ଠାରୁ ବାଙ୍ଗୁରିଗାଁ ରାସ୍ତା ୨. ୭୫କିମି ପାଇଁ ୩ କୋଟି ବ୍ୟୟରେ ଶୁଭଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଅସ୍ତରଙ୍ଗ ବ୍ଲକ ଗ୍ରାମାଞ୍ଚଳର ଉନ୍ନତି କରଣ ପାଇଁ ୧. ୯୫୫କୋଟି ଟଙ୍କାର ୪୭ଗୋଟି ପ୍ରକଳ୍ପର ଶୁଭଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହା ସହ ଅସ୍ତରଙ୍ଗ ଡିଗ୍ରୀ ମହାବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ, ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ, ରତନପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ, ଅସ୍ତରଙ୍ଗ ଅଡ଼ିଟୋରିୟମ ନିର୍ମାଣ, ଐଶାନେଶ୍ୱର ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ, ଓଲରା ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜଗତସିଂହପୁର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ, ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ, ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ୧୦ଜଣଙ୍କୁ ନୂତନ ଭତ୍ତା ଓ ୫ଜଣଙ୍କୁ ରାସନ କାର୍ଡ ବଣ୍ଟନ ହୋଇଥିଲା

# ଗାନ୍ଧୀ ନଗର ଛକରେ ବଢୁଛି ଦୁର୍ଘଟଣା, ହମ୍ପସ୍ ନିର୍ମାଣ ଦାବିକଲେ ବିଜେପି ନେତା



**ବ୍ରହ୍ମପୁର, ୨୬।୬ (ସଂଚାର ବ୍ୟୁରୋ):** ସହରର ଜନଗହଳି ପୂର୍ଣ୍ଣ ସ୍ଥାନ ମଧ୍ୟରୁ ଗୋଟିଏ ହେଉଛି ଗାନ୍ଧୀ ନଗର ଛକ। ପ୍ରତିଦିନ ହଜାର ହଜାର ଯାତ୍ରୀ ଓ ଗାଡି ଚାଳକ ଏହି ରାସ୍ତା ଉପରେ ନିର୍ଭର। କିନ୍ତୁ ଏହି ପ୍ରମୁଖ ଛକ ଏବେ ମରଣଯନ୍ତା ପାଲଟିଛି। ପ୍ରତ୍ୟେକ ଦିନ ଏଠି ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଛି। ଅନେକ ଲୋକ ଆହତ ହେଉଥିବା ନଜରକୁ ଆସୁଛି। ଉକ୍ତ ଛକରୁ ଚାରିପଟକୁ ରାସ୍ତା ରହିଛି। ଦ୍ରୁତ ଗତିରେ ଗାଡି ଚାଳକମାନେ ଯେ କୌଣସି ସମୟରେ ଆସୁଥିବାରୁ ପରସ୍ପର ଧକ୍କା ହୋଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏପରିକି ଏହି ଛକରେ ସକାଳ ଓ ସନ୍ଧ୍ୟା ସମୟରେ ବୁଲା ଗାଈଗୋରୁଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ସେହିପରି ଉକ୍ତ ଅଂଚଳରେ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକ ରହିଛି। ସ୍କୁଲ/କଲେଜ ଯିବା ପାଇଁ ଛାତ୍ରଛାତ୍ରୀମାନେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। କିନ୍ତୁ ଗାଡି ତ ଦୂରର କଥା ଚାଲିକି ଯିବାକୁ ମଧ ସାଧାରଣ ଲୋକ ଏବଂ ଛାତ୍ରଛାତ୍ରୀ ଉଚିତ୍ ମନେ କରୁନାହାନ୍ତି। ତେଣୁ ତୁରନ୍ତ ମହାନଗର ନିଗମ ଏ ପ୍ରତି ଦୃଷ୍ଟି ଦେଇ ଏହି ଛକରେ ହମ୍ପସ୍ ନିର୍ମାଣ କରିବାକୁ ବରିଷ୍ଠ ବିଜେପି ନେତା ତଥା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଦାବି କରିଛନ୍ତି। ଯାହା ଫଳରେ ଛକରେ ଘଟୁଥିବା ଦୁର୍ଘଟଣା ହ୍ରାସ ପାଇବା ସହ ଦ୍ରୁତ ଗାଡି ଚାଳନା ଉପରେ ରୋକ୍ ଲଗାଯାଇ ପାରିବ ବୋଲି ଶ୍ରୀ ପତି କହିଛନ୍ତି।

# ଜୟପୁର ଠାରେ ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ମକ୍ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ




**ବୋରିଗୁମ୍ମା/ଜୟପୁର, ୨୬।୬ (ସଂଚାର ବ୍ୟୁରୋ) :** ଆଜି ଜୟପୁର ଠାରେ ଭାରତୀୟ ଜନତା ଯୁବମୋର୍ଚ୍ଚା, କୋରାପୁଟ ପକ୍ଷରୁ ମୋକ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା ଏବଂ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, କୋରାପୁଟ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବିଶ୍ୱ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଯୁବ ପ୍ରତିଯୋଗୀ ମାନଙ୍କୁ ସଂସଦୀୟ ବ୍ୟବସ୍ଥା ଏବଂ ଜରୁରୀକାଳୀନ ପରିସ୍ଥିତିର ଭୟାଭୟତା ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ଦିଦି, କୋରାପୁଟ ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି ଉପସ୍ଥିତ ଥିଲେ । ସମସ୍ତ ପ୍ରତିଯୋଗୀଙ୍କ ଉପସ୍ଥାପନା ଓ ଭାଗିଦାରିତା ଅତି ଉଚ୍ଚ କୋଟିର ହୋଇଥିବା ଦେଖିବାକୁ ମିଳିଥିଲା । ଶେଷରେ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

# ବିଜେପିରେ ମିଶିଲେ ଆଳସାହି ସରପଞ୍ଚ



**କାକଟପୁର/ଅସ୍ତରଙ୍ଗ, ୨୬।୬ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକ ଆଳସାହି ପଞ୍ଚାୟତର ସରପଞ୍ଚ ଶ୍ରୀ ମତୀ ଶ୍ରୀୟା ବରାଳ ଓ ସମାଜସେବୀ ଶ୍ରୀଯୁକ୍ତ ପ୍ରଦେଶ ବରାଳ ବିଜେପିରେ ସାମିଲ ହୋଇଛନ୍ତି। ଗୁରୁବାର ଦିନ ଅନୁଷ୍ଠିତ ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ କଲେଜ ପରିସରରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡି ଛାଡି ବିଜେପିରେ ଯୋଗଦାନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ପଞ୍ଚାୟତରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଜଗତସିଂହପୁର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ, ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ, ମଣ୍ଡଳ ୧ର ସଭାପତି ଶ୍ରୀଯୁକ୍ତ ଇନ୍ଦ୍ରମଣି ଜେନା ପ୍ରମୁଖ ଉପସ୍ଥିତ ରେ ଆଳସାହି ସରପଞ୍ଚ ଶ୍ରୀୟା ବରାଳ ଓ ସମାଜସେବୀ ପ୍ରଦେଶ ବରାଳ ଙ୍କୁ ଅତିଥି ମାନେ ଦଳୀୟ ଉତ୍ତରୀୟ ଓ ଟୋପି ଦେଇ ସ୍ୱାଗତ କରିଥିବା ବେଳେ ଆଗାମୀ ଦିନରେ ଆଳସାହି ପଞ୍ଚାୟତ ରେ ବିଜେପି ତାର ଶକ୍ତି ବୃଦ୍ଧି କରିବ ବୋଲି କହିଥିଲେ।

# ଦୁର୍ଷ୍କମ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

**ବାଲେଶ୍ୱର, ୨୬।୬ (ସଂଚାର ବ୍ୟୁରୋ):** ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଦୋଷୀ ପୋକ୍ସୋ କୋର୍ଟ ଦ୍ୱାରା ଦଣ୍ଡିତ ହୋଇଛି। ଦୋଷୀକୁ ଆଜୀବନ ଜେଲ ଦଣ୍ଡ ଶୁଣାଇଛନ୍ତି ମାନ୍ୟବର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜର୍ଜ। ୨୦ ଜଣ ସାକ୍ଷୀ ଓ ୨୭ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି ରାୟ ଶୁଣାଇଛନ୍ତି ମାନ୍ୟବର କୋର୍ଟ। ଏହାସହ ୧୦ ହଜାର ଟଙ୍କା ଜୋରିମାନା ସହ ଅନାଦେୟ ୧ ବର୍ଷ ଅଧିକ ଜେଲ ଦଣ୍ଡାଦେଶ ହୋଇଛି। ଏଥିସହିତ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲା ସହଦେବ ଖୁଣ୍ଟା ଥାନାରେ କେସ ନମ୍ବର ୧୪୫/୨୪ରେ ରୁଜୁ ହୋଇଥିବା ବେଳେ ଏହି କେସରେ ସରକାରଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିଲେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର।

# ସାମ୍ବାଦିକ ଭବନରେ ରକ୍ତଦାନ ଶିବିର, ୭୫ ୟୁନିଟ୍ ସଂଗ୍ରହ

● ରକ୍ତଦାନରେ ଅର୍ଦ୍ଧଶତକ ପୂରଣ କଲେ ଜିଲ୍ଲା ପରିଷଦ ଅଧକ୍ଷ



**ନୟାଗଡ଼, ୨୬।୬ (ସଂଚାର ବ୍ୟୁରୋ):** ନୟାଗଡ଼ ସାମ୍ବାଦିକ ଭବନ ପରିସରରେ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ଭବନ ଓ ରୋଟାରୀ କ୍ଲବ ସହଭାଗିତାରେ ଅନୁଷ୍ଠିତ ଏହି ଶିବିରକୁ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଉଦଘାଟନ କରିବା ସହ ପ୍ରଥମ ରକ୍ତଦାତା ଭାବେ ରକ୍ତଦାନ କରିଥିଲେ । ତାଙ୍କ ଜୀବନର ଏହା ୫୦ ତମ ରକ୍ତଦାନ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ ଏବଂ ସମାଜସେବୀ ଦାମୋଦର ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସରୋଜ କୁମାର ରଣସିଂହ ଯୋଗ ଦେଇଥିଲେ । ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ଅନୀଲ କୁମାର ପଣ୍ଡା, ରୋଟାରୀ କ୍ଲବ ସଭାପତି ଶ୍ରୀକାନ୍ତ କୁମାର ଖଟେଇ, ସମ୍ପାଦକ ଅବିନାଶ ସାହୁ, ଧିରେନ୍ଦ୍ର ପଟ୍ଟନାୟକ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଭିନ୍ନ ଗଣମାଧମରେ କାର୍ଯ୍ୟରତ ଜିଲ୍ଲା ପ୍ରତିନିଧି ଏବଂ ସେମାନଙ୍କ ପରିବାଦ ସଦସ୍ୟ ରକ୍ତଦାନ କରିଥିଲେ। ସେହିଭଳି ଭାବେ ବଣିକ ସଂଘ, ଡ୍ରାଇଭର ସଂଘ, ୟୁନିଟେକ ରେସିଡେନ୍ସିଆଲ୍ କଲେଜ, ଡିଭାଇନ୍ କଲେଜ ଏବଂ ନୟାଗଡ଼ ସ୍ୱଂୟ ଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାମିଲ ହୋଇ ରକ୍ତଦାନ କରିଥିଲେ। ନୟାଗଡ଼ ବ୍ଲକ ବ୍ୟାଙ୍କ ପକ୍ଷରୁ ଡା. ଦେବୀଦତ୍ତ ଦିବ୍ୟରଞ୍ଜନ ମିଶ୍ର, କାଉନସିଲର ଅଜୟ କୁମାର ପଟ୍ଟନାୟକ, ରବୀନ୍ଦ୍ର ନାଥ ସାହୁ, ଅଭିମନ୍ୟୁ ସାହୁ, ପବିତ୍ର କୁମାର ସାହୁ, ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ମୋଟ ୭୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ଜଣାପଡ଼ିଛି।

# ବିଡିଓଙ୍କ ମନୋମୁଖୀ କାର୍ଯ୍ୟକୁ ନେଇ ଜିଲାପାଳଙ୍କୁ ଲିଖିତ ଅଭିଯୋଗ

**ନାଉଗାଁ, ୨୬।୬ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଭାରାପ୍ରାପ୍ତ ବିଡିଓଙ୍କ ମନୋମୁଖୀ କାର୍ଯ୍ୟକୁ ନେଇ ବଛାଲୋ ପଞ୍ଚାୟତ ସମିତି ସଭ୍ୟ ଚନ୍ଦନ କୁମାର ଲେଙ୍କା ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଉକ୍ତ ପଞ୍ଚାୟତର ଅଲଣା-୨ ଓ ପୋକାମୂଳ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ପାଇଖାନା ନିର୍ମାଣ ପାଇଁ ୩୬ ହଜାର ଟଙ୍କାର ପ୍ରକଳ୍ପ ରହିଅଛି। ଉକ୍ତ ପ୍ରକଳ୍ପ ବ୍ଲକ ସେୟାରରେ ନିର୍ମାଣ କରିବାକୁ ଥିବା ବେଳେ ବ୍ଲକ ଅଧକ୍ଷା, ପଞ୍ଚାୟତର ସମିତି ସଭ୍ୟ ଓ କନିଷ୍ଠ ଯନ୍ତ୍ରୀଙ୍କ ଅଗୋଚରରେ ଉକ୍ତ କାର୍ଯ୍ୟ କରାଯାଉଅଛି। ଏବିଷୟରେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରେ ବିଡିଓଙ୍କ ନିର୍ଦ୍ଦେଶରେ ଉକ୍ତ କାର୍ଯ୍ୟ ଚାଲିଥିବା କହିଥିଲେ। କାର୍ଯ୍ୟ ବିଷୟରେ ବିଡିଓଙ୍କୁ ଫୋନ କିମ୍ବା ହ୍ୱାଟସ ଆପ ମାଧମରେ ଜଣାଇଲେ ମଧ ସେ କୌଣସି ଉତର ଦେଉନାହାନ୍ତି। ପ୍ରକାଶଯୋଗ୍ୟ ଯେ ବିଡିଓ ଆଶୁତୋଷ ମିଶ୍ର ଆଜକୁ ୧୨୮ ଦିନ ହେବ ବ୍ଲକ ଦାୟିତ୍ୱରେ ରହିଥିଲେ ମଧ ୮ ଦିନ ବ୍ଲକ କାର୍ଯ୍ୟାଳୟକୁ ଆସିନାହାନ୍ତି। ପୂର୍ବରୁ ବିଡିଓ ମନୋମୁଖୀ ଭାବେ ଉକ୍ତ ପଞ୍ଚାୟତରେ ଏକ ବ୍ୟାଙ୍କ ଗୃହ ନିର୍ମାଣ କରୁଥିବା ବେଳେ ଗ୍ରାମବାସୀ ଓ ପଞ୍ଚାୟତ ପ୍ରତିନିଧିମାନେ ଏହାକୁ ବିରୋଧ କରିଥିଲେ। ପରବର୍ତୀ ସମୟରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତ ପ୍ରତିନିଧିମାନେ ଧାରଣାରେ ବସିଥିଲେ। ତେଣୁ ବିଡିଓଙ୍କ ମନୋମୁଖୀ କାର୍ଯ୍ୟକୁ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏବିଷୟରେ ବିଡିଓ ଆଶୁତୋଷ ମିଶ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରି ନଥିଲା।

# ପୂଜା ସାମଗ୍ରୀ ଗୋଦାମରୁ ଚୋରି, ଥାନାରେ ଅଭିଯୋଗ



**ନାଉଗାଁ, ୨୬।୬ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ନାଉଗାଁ ବଜାରର ଷ୍ଟେଟ ବ୍ୟାଙ୍କ ଏଟିଏମ ପାର୍ଶ୍ୱରେ ଥିବା ପୂଜା ସାମଗ୍ରୀ ଦୋକାନର ଗୋଦାମ ଗୃହରେ ଗଚ୍ଛିତ ଥିବା ସାମଗ୍ରୀ ଚୋରି ଯାଇଥିବା ନେଇ ଦୋକାନର ମାଲିକ ସୁମନ୍ତ ଲେଙ୍କା ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ବୁଧବାର ରାତିରେ ସେ ଦୋକାନ ସହ ପଛ ପାର୍ଶ୍ୱରେ ଥିବା ଗୋଦାମ ଗୃହକୁ ବନ୍ଦ କରିଥିଲେ। ଗୁରୁବାର ପୂର୍ବାହ୍ନ ସମୟରେ ଦୋକାନ ଖୋଲିବା ପରେ ଗୋଦାମ ଗୃହ ଖୋଲିବାକୁ ଯିବା ସମୟରେ ଗୃହର କବାଟ ତଡା ଯାଇଥିବା ଦେଖିବାକୁ ମିଳିଥିଲା। ଗୋଦାମ ଗୃହରେ ଥିବା ବିଭିନ୍ନ କମ୍ପାନୀ ଧୂପକାଠି, ପାନ ମସଲା ଆଦିକୁ ମିଶାଇ ଦେଢ ଲକ୍ଷ ଟଙ୍କାର ସାମଗ୍ରୀ ନଥିବା ଦେଖିବାକୁ ମିଳିଥିଲା। ବଜାରରେ ଦୋକାନ ସବୁ ବନ୍ଦ ହେବା ପରେ କେହି ଦୁବୃତ୍ତ ଏପରି କାଣ୍ଡ ଘଟାଇ ଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପାଇବା ପରେ ତଦନ୍ତ ଜାରି ରହିଥିବା ଥାନାଧିକାରୀ ପ୍ରଦୀପ୍ତ କାନୁନଗୋ ପ୍ରକାଶ କରିଛନ୍ତି।

# ଓଡ଼ିଶା ଗଠନରେ ବିକ୍ରମ ଦେବଙ୍କ ଅବଦାନ ନେଇ ଆଲୋଚନା




**ବୋରିଗୁମ୍ମା, ୨୬।୬ (ସଂଚାର ବ୍ୟୁରୋ) :** ସ୍ଥାନୀୟ ଭୈରବ ଉଚ୍ଚ ମାଧମିକ ବିଦ୍ୟାଳୟ ଠାରେ ରଜର୍ଷି ବିକ୍ରମ ଦେବ ବର୍ମାଙ୍କ ଜୟନ୍ତୀ ସପ୍ତାହ ଉପଲକ୍ଷେ ତାଙ୍କର ସାମଗ୍ରିକ କୃତି ଓ ସ୍ୱତନ୍ତ୍ର ଉତ୍କଳ ଗଠନରେ ଥିବା ତାଙ୍କରି ଭୂମିକା ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଯାଇଅଛି। ଅଧକ୍ଷ ଦାଶରଥି ଗୌଡ଼ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶତାଧିକ ଛାତ୍ରଛାତ୍ରୀ ମାନଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଭଗ ନେଇ ଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ତଥା ଅଧାପକ ଡ . ପ୍ରଦିପ କୁମାର ସ୍ୱାଇଁ ଯୋଗ ଦେଇ ବିକ୍ରମ ଦେବଙ୍କ ଜୀବନୀ, ସାହିତ୍ୟ ସାଧନା ଓ ଉତ୍କଳ ଗଠନ ଓ ସେଥିରେ ଜୟପୁର ଅଂଚଳ ର ଯୋଗଦାନ ବିଷୟରେ ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରି ଥିଲେ। ଅନ୍ୟ ସମ୍ମାନୀତ ବକ୍ତା ଭାବେ ଅଧାପକ ଡ ସୁଧାଂଶୁ ଶେଖର ପଟ୍ଟନାୟକ ଯୋଗ ଦେଇ ବିକ୍ରମ ଦେବଙ୍କ ଶିକ୍ଷା, ସାହିତ୍ୟ କ୍ଷେତ୍ର ସହ ସ୍ୱତନ୍ତ୍ର ଉତ୍କଳ ଗଠନରେ ଥିବା ତାଙ୍କରି ଭୂମିକା ଅବଦାନ ଉପରେ ଆଲୋଚନା କରି ଗୌରବ ମୟ ଇତିହାସକୁ ନେଇ ଗର୍ବ ଅନୁଭବ କରି ବା ପାଇଁ ଉଦବୋଧନ ଦେଇଥିଲେ। ଏଭଳି ଗୌରବ ମୟ ଇତିହାସ ଲୋକଲୋଚନକୁ ଆଣିବା ପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି ବକ୍ତାମାନେ ମତପୋଷଣ କରିଥିଲେ।

# ସମ୍ ହସ୍ପିଟାଲରେ ଅଗ୍ନିଶମ କର୍ମଚାରୀଙ୍କୁ ପ୍ରଶିକ୍ଷଣ

**ଭୁବନେଶ୍ୱର, ୨୬।୬ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ଜରୁରୀକାଳୀନ ମେଡିସିନ୍ ବିଭାଗ ପକ୍ଷରୁ ଆୟୋଜିତ ଏକ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରରେ ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କୁ ବେସିକ୍ ଲାଇଫ ସପୋର୍ଟ (ବିଏଲ୍ଏସ୍), କାର୍ଡିଓ ପଲ୍‌ମୋନାରୀ ରିସସିଟେସନ୍ ( ସିପିଆର) ଓ ପେସେଂଟ ସେଫ୍ଟି ଟ୍ରେନିଂ ପ୍ରଦାନ କରାଯାଇଛି।



ଏହି ପ୍ରଶିକ୍ଷଣ ଶିବିରରେ ପ୍ରାୟ ୬୫ ଜଣ ଅଗ୍ନିଶମ କର୍ମଚାରୀ (ଆଗ୍ନିକ)ଙ୍କୁ ୮ଟି ଦଳରେ ବିଭକ୍ତ କରାଯାଇ ଚଳିତ ବର୍ଷ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ପୂର୍ବ ପ୍ରାକ୍ ପ୍ରସ୍ତୁତି ପ୍ରଶିକ୍ଷଣ କରିବା ସହିତ ଜରୁରୀକାଳୀନ ପରିସ୍ଥିତିରେ ଅଚେତ ହୋଇଥିବା ଲୋକଙ୍କୁ କିପରି ସିପିଆର୍, ବିଏଲ୍ଏସ୍ ଏବଂ ଆହତ ଅବସ୍ଥାରେ ରୋଗୀକୁ କିପରି ପ୍ରାଥମିକ ଚିକିତ୍ସା ପ୍ରଦାନ ସହିତ ସ୍ଥାନାନ୍ତର କରାଯିବ ସେ ନେଇ ସମ୍ ହସ୍ପିଟାଲ ପରିସରରେ ୮ ଘଣ୍ଟା ପ୍ରଶିକ୍ଷିତ କରାଯାଇଥିଲା। ଏହି ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଅଗ୍ନିଶମ ସେବାର ଆଡିସ୍‌ନାଲ ଡିଜି ଡକ୍ଟର ସୁଧାଂଶୁ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ କୌଣସି ଲୋକ ଯଦି ଅଚେତ ହୋଇଯାଏ ତାକୁ କିପରି ସଙ୍ଗେ ସଙ୍ଗେ ପ୍ରାଥମିକ ଚିକିତ୍ସା, ସିପିଆର ଏବଂ ବିଏଲ୍ଏସ୍ ପ୍ରଦାନ କରାଯିବ ସେ ନେଇ ଆଗ୍ନିକମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ନିତାନ୍ତ ଆବଶ୍ୟକ।

ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସ୍ୱାଗତ ଭାଷଣ ଦେଇଥିଲେ। ପାଲିଆଟିଭ୍ ତଥା ଜରୁରୀକାଳୀନ ମେଡିସିନ୍ ବିଭାଗର ମୁଖ୍ୟ ତଥା ପ୍ରଫେସର (ଡାକ୍ତର) ଶୁକଦେବ ନାୟକ ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ପ୍ରଶିକ୍ଷିତ ହୋଇଥିବା ସମସ୍ତ ଅଗ୍ନିଶମ କର୍ମଚାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସେମାନଙ୍କୁ ଥିଓରି ଓ ପ୍ରାକ୍ଟିକାଲ୍ ଶିକ୍ଷା ମାଧମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ଗୋପାଳନକୁ ଜୀବିକା କରିଛନ୍ତି ଉଚ୍ଚଶିକ୍ଷିତ ଇର୍‌ଫାନ୍



**ନବରଙ୍ଗପୁର, ୨୬।୬ (ସଂଚାର ବ୍ୟୁରୋ) :** ଶିକ୍ଷାଗତ ଯୋଗ୍ୟତା ଏମ୍‌ବିଏ, କିନ୍ତୁ ଜୀବିକା ଗୋପାଳନ। ଶୁଣିବାକୁ ଟିକିଏ ଅଡୁଆ ଲାଗୁଛି କିନ୍ତୁ ଏହା ସତ। ନବରଙ୍ଗପୁର ସଦର ବ୍ଲକ ତାରାଗାଁ ଗ୍ରାମର ଇରଫାନ ଖାନ ଶିକ୍ଷାକୁ କିପରି କୃଷି କ୍ଷେତ୍ରରେ ବ୍ୟବହାର କରିଛନ୍ତି ତାହା ପ୍ରମାଣିତ କରିପାରିଛନ୍ତି। ଇରଫାନ ସେହି ସମୟର ଏମ୍‌ବିଏ ଛାତ୍ର ମାତ୍ର ହାତଗଣତି କେଇ ଜଣ ଏମ୍‌ବିଏ ଡିଗ୍ରୀ ହାସଲ କରିପାରୁଥିଲେ। ସେ କୌଣସି କମ୍ପାନୀରେ ଚାକରି କରି ବହୁତ ଟଙ୍କା ଉପାର୍ଜନ କରି ପାରିଥାନ୍ତେ। କିନ୍ତୁ ଆଜି ଗୋପାଳନରୁ ଏକ ସଫଳ ଚାଷୀର ପରିଚୟ ଦେଇଛନ୍ତି। ନିଜେ ରୋଜଗାରକ୍ଷମ ହେବା ସହ ଦଶ ଜଣଙ୍କୁ ନିଜ ଡ଼ାଇରୀ ଫାର୍ମରେ ରୋଜଗାରର ସୁଯୋଗ ଦେଇଛନ୍ତି।

ଆଜି ଇରଫାନଙ୍କ ଡ଼ାଇରୀ ଫାର୍ମରେ ଷାଠିଏରୁ ଅଧିକ ଗାଈ ଥିବା ବେଳେ ପ୍ରତିଦିନ ୫୦୦ ଲିଟରରୁ ଅଧିକ କ୍ଷୀର ଉତ୍ପାଦନ କରି ବଜାରରେ ବିକ୍ରି କରୁଛନ୍ତି। ଇଛା ଥିଲେ ସୁଯୋଗ ଆପେ ଆପେ ଆସେ, ପାଠପଢି କେବଳ ଚାକିରି ପଛରେ ନ ପଡ଼ି ବ୍ୟବସାୟ କରି ନିଜକୁ ସ୍ୱାବଲମ୍ବୀ କରିବା ଆବଶ୍ୟକ ରହିଛି ବୋଲି ପରାମର୍ଶ ଦେଇଛନ୍ତି ଇରଫାନ ଖାନ।

## ପାଲଟିଛନ୍ତି ଉଦାହରଣ



ଗୋପାଳନ କରି ବାର୍ଷିକ ୧୨ରୁ ୧୪ଲକ୍ଷ ଲାଭ ପାଉଥିବା ସେ କହିଛନ୍ତି।

ଇରଫାନ୍ ଖାନ୍ ବ୍ରହ୍ମପୁରରେ ପାସ୍ ପରେ ୨୦୦୫ରୁ ଗୋପାଳନ ଓ ମାଛଚାଷ ଆରମ୍ଭ କଲେ। ଏଥିରେ କିଛି ଲାଭ ଦେଖାଗଲା। ଏହାପରେ ୨୦୧୩ରୁ ଅତ୍ୟାଧୁନିକ ଗୋଶାଳା କରି ଜର୍ସି ଓ ଏଚ୍ଏଫ୍ ଜାତୀୟ ଗାଈ ଓ ମଇଁଷି ପାଳନ କଲେ। ମେସିନ ମାଧମରେ କ୍ଷୀର କାଢ଼ିବା ସହିତ ତାହାକୁ ଶୀତଳ କରିବା ସହ ନବରଙ୍ଗପୁର ଡେଏରି ପ୍ରଡକ୍ଟ ନାମରେ କାଚ ବୋତଲରେ ପ୍ୟାକେଜିଂ କରି ପାପଡ଼ାହାଣ୍ଡି ଓ ନବରଙ୍ଗପୁର ସ୍ଥାନୀୟ ବଜାର, ବିଭିନ୍ନ ହୋଟେଲକୁ ଲିଟର ପିଛା ୫୪ ଟଙ୍କାରେ କ୍ଷୀର ବିକ୍ରି କରୁଛନ୍ତି। ଅନ୍ୟ କମ୍ପାନୀମାନେ କ୍ଷୀରରୁ ଲହୁଣି ଓ ଘିଅ ଆଦି ବାହାର କରି କ୍ଷୀରକୁ ପ୍ୟାକେଟ ବଜାରରେ ବିକ୍ରି କରୁଥିବାବେଳେ ଇରଫାନ୍ ଗାଈରୁ କ୍ଷୀର ବାହାର କରିବା ପରେ ସିଧାସଳଖ ବଜାରକୁ ଛାଡ଼ନ୍ତି। ତେଣୁ ବଜାରରେ ଏହାର ଚାହିଦା ଅଧିକ ରହିଛି।



ପୁରୀ ବେଳାଭୂମିରେ ମା'ଠାରୁ ବିଚ୍ଛିନ୍ନ ହୋଇଯାଇଥିବା ଜନୈକ ନାବାଳକଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୁଲିସ।

## ହତ୍ୟାକାଣ୍ଡ ମାମଲାରେ ମିଳିଲାନି ପ୍ରମାଣ, ଡି' ବ୍ରଦର୍ସ ଖଲାସ

କଟକ,୨୬।୬(ସଂଚାର ବ୍ୟୁରୋ): କଟକର ବହୁଚର୍ଚ୍ଚିତ ଓମ୍ ଓ ଦୀପୁ ହତ୍ୟା ମାମଲାରେ ଆଜି ସବୁ ଅଭିଯୁକ୍ତ ଦୋଷମୁକ୍ତ ହୋଇଛନ୍ତି। ଏହି ମାମଲାରେ ଡି' ବ୍ରଦର୍ସ ଅର୍ଥାତ ଧଳସାମନ୍ତ ଭ୍ରାତାଙ୍କ ସମେତ ୮ ଜଣ ଅଭିଯୁକ୍ତ ଥିଲେ। କିନ୍ତୁ ସେମାନଙ୍କ ବିରୋଧରେ କୌଣସି ପ୍ରଭାବ ମିଳିନପାରିବାରୁ ସେମାନଙ୍କୁ କଟକ ଜିଲ୍ଲା ଓ ଦୌରାଜଜ୍ ଦୋଷମୁକ୍ତ କରିଛନ୍ତି। ତେବେ ବେଆଇନ ଭାବେ ଅସ୍ତ୍ର ରଖିବା ଅଭିଯୋଗରେ ଧଳସାମନ୍ତ ଭ୍ରାତା ସୁଶାନ୍ତ ଓ ସୁଶୀଲଙ୍କୁ କୋର୍ଟ ଦଣ୍ଡିତ କରିଛନ୍ତି। ଦୀପୁ ଓ ଓମ୍ ହତ୍ୟା ମାମଲାରେ ଆଜି ରାୟ ପ୍ରକାଶ ପାଇଥିବା ବେଳେ ଏଥିସକାଶେ ଅଭିଯୁକ୍ତ ଧଳସାମନ୍ତ ଭ୍ରାତାଙ୍କ ସହ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଗତ ୨୦୧୩ ନଭେମ୍ବରରେ ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ ପ୍ରଥମେ ଉଭୟଙ୍କୁ କଟକସ୍ଥିତ ଘରୁ ଅପହରଣ କରି ନିଆଯାଇଥିଲା। ପରେ ଆଠଗଡ଼ ଖୁଣ୍ଟକଟା ଫାର୍ମ ହାଉସରେ ସେମାନଙ୍କୁ ଅଭିଯୁକ୍ତମାନେ ପିଟିପିଟି ହତ୍ୟା କରିଥିଲେ। ସେମାନଙ୍କ ମୃତଦେହକୁ ଝାଡ଼ଖଣ୍ଡରେ ଫିଙ୍ଗି ହତ୍ୟାକାରୀମାନେ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ସ୍ଥାନୀୟ ପୁଲିସ୍ ତଦନ୍ତ ଆରମ୍ଭ କରିବା ପରେ ଉଭୟଙ୍କ ମୃତଦେହକୁ ଝାଡ଼ଖଣ୍ଡର ଗୁଆ ଥାନାଞ୍ଚଳରୁ ଉଦ୍ଧାର କରିଥିଲା। ପ୍ରାୟ ୩ ବର୍ଷ ପରେ ଚାଉଳିଆଗଞ୍ଜ ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ହତ୍ୟା, ଅପହରଣ, ଦାଦାବଟି ଆଦାୟ ଓ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଆଦି ଅଭିଯୋଗରେ ପ୍ରାୟ ୨୦ଟି ମାମଲା ଦରଜ ହୋଇଥିଲା। ତେବେ ଆଜି ବିଚାର ସମୟରେ ଅନ୍ୟ ମାମଲା ସବୁ ରୁଜୁ ହେବା ପରେ ଦୀପୁ ଓ ଓମ୍ ହତ୍ୟା ମାମଲା ସେମାନଙ୍କ ନାଁରେ ଯୋଡ଼ା ହୋଇଥିଲା ବୋଲି ଅଭିଯୁକ୍ତଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର। ସେ କହିଛନ୍ତି ଯେ ଘଟଣା ଘଟିବାର ୩ ବର୍ଷ ପରେ ପୁଲିସ୍ ଦୁଇ ଭାଇଙ୍କ ନାଁରେ ଯୋଡ଼ାଯୋଡ଼ି କରି ମାମଲା ରୁଜୁ କରିଥିଲା। ପ୍ରମାଣକୁ ମଧ୍ୟ ପୁଲିସ୍ ନିଜେ ଫ୍ରେମ୍ କରିଥିଲା। ତେଣୁ ସେ ଏହାକୁ ଦୃଢ଼ ବିରୋଧ କରିଥିଲେ। ଏପରିକି ଡିଏନଏ ଟେଷ୍ଟ ଉପରେ ମଧ୍ୟ ସେ ପ୍ରଶ୍ନ ଉଠାଇଥିଲେ। ସରକାରଙ୍କ ପକ୍ଷରୁ କେସ୍‌କୁ ଯୋଡ଼ିବାକୁ ଉଦ୍ୟମ କରାଯାଇଥିବା ବେଳେ ଆମେ ତାକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲୁ ବୋଲି ଆଇନଜୀବୀ ଶ୍ରୀ ମହାପାତ୍ର ଯୁକ୍ତି ଦର୍ଶାଇଥିଲେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ କୋର୍ଟ ଅଭିଯୁକ୍ତମାନଙ୍କୁ ହତ୍ୟା ମାମଲାରୁ ପ୍ରମାଣ ଅଭାବ ପରିପ୍ରେକ୍ଷୀରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ ଯେ ଅଦ୍ୟାବଧି ଏହି ଧଳସାମନ୍ତ ଭ୍ରାତା ୧୨ଟି ମାମଲାରୁ ଖଲାସ ହୋଇସାରିଛନ୍ତି।



## ଦୀଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ବର୍ଷିଲେ ଶଙ୍କରାଚାର୍ଯ୍ୟ



ପୁରୀ, ୨୬।୬ (ସଂଚାର ବ୍ୟୁରୋ) : ପଶ୍ଚିମବଙ୍ଗର ଦୀଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ଗୁରୁବାର ପ୍ରବଳ ବର୍ଷିଛନ୍ତି ଗୋବର୍ଦ୍ଧନ ପୀଠ ମୁଖ୍ୟ ତଥା ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ। ସେ କହିଛନ୍ତି, ଏହି ମନ୍ଦିରର ନିର୍ମାଣ ଧର୍ମୀୟ ଭାବନା ପାଇଁ ନୁହେଁ, ଆୟ ପାଇଁ ଏହା କରାଯାଇଛି। ବହୁତ ସଂଖ୍ୟାରେ ଭକ୍ତ ପଶ୍ଚିମବଙ୍ଗରୁ ପୁରୀକୁ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଜାଣିଶୁଣି ଦୀଘାରେ ଜଗନ୍ନାଥ ମନ୍ଦିର କରିଛନ୍ତି।

## ଲାଞ୍ଚୁଆ ଆର୍‌ଆଇ ଓ ଅମିନଙ୍କୁ ଧରିଲା ଭିଜିଲାନ୍ସ



କଟକ,୨୬।୬(ସଂଚାର ବ୍ୟୁରୋ): କଟକ ଜିଲ୍ଲାର କନ୍ଦରପୁର ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ) ଓ ଅମିନ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଣେ ବ୍ୟବସାୟୀଙ୍କଠାରୁ ୧୨ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଅଧିକାରୀ ଉକ୍ତ ଦୁଇ କର୍ମଚାରୀଙ୍କୁ ମାଡ଼ିବସିଥିଲେ। ଧରାପଡ଼ିଥିବା ଦୁଇ ଅଭିଯୁକ୍ତ ହେଲେ ଆରଆଇ ମନୋଜ କୁମାର ବେହେରା ଓ ଅମିନ ବିଚିତ୍ରାନନ୍ଦ ଶତପଥୀ। ଆରଆଇ କାର୍ଯ୍ୟାଳୟ ନିକଟରେ ଦୋକାନ କରିଥିବା ଜଣେ ବ୍ୟବସାୟୀ ଚାଷ ଜମିର କିସମ ପରିବର୍ତ୍ତନ କରି ଘରବାଡ଼ି ଡିହ ପଟ୍ଟା ପ୍ରଦାନ କରିବା ପାଇଁ ଆବେଦନ କରିଥିଲେ। ଆରଆଇ ଓ ଅମିନ ତାଙ୍କ ନିକଟରୁ ଏନେଇ ଟଙ୍କା ଦାବି କରିଆସୁଥିଲେ। ବ୍ୟବସାୟୀ ଜଣଙ୍କ କିଛି ଟଙ୍କା ଦେଇଥିଲେ। ଦୁଇ କର୍ମଚାରୀ ସେଥିରେ ସନ୍ତୁଷ୍ଟ ନଥିଲେ। ବ୍ୟବସାୟୀ ଜଣଙ୍କ ଆରଆଇ କାର୍ଯ୍ୟାଳୟକୁ ଦୀର୍ଘଦିନ ହେଲା ଦୌଡ଼ୁଥିଲେ ହେଁ ନିରାଶ ହୋଇଆସୁଥିଲେ। ଏଥିରେ ନିରାଶ ହୋଇ ସମ୍ପୃକ୍ତ ବ୍ୟବସାୟୀ ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ ଭିଜିଲାନ୍ସର ଯୋଜନା ମୁତାବକ ବ୍ୟବସାୟୀ ଜଣଙ୍କ ନଗଦ ୧୨ ହଜାର ଟଙ୍କାର କେମିକାଲବୋଳା ନୋଟ ନେଇ ଆର୍‌ଆଇ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ବ୍ୟବସାୟୀ ଜଣଙ୍କ ଟଙ୍କା ନେଇ ଆରଆଇ ଓ ଅମିନଙ୍କୁ ଟଙ୍କା ଦେବା ମାତ୍ରେ ସେଠାରେ ଛକିରହିଥିବା ଭିଜିଲାନ୍ସ ଟିମ ଦୁଇ କର୍ମଚାରୀଙ୍କୁ ଟଙ୍କା ସହ କାବୁ କରିନେଇଥିଲା। ଭିଜିଲାନ୍ସର ଆଉ ତିନୋଟି ଟିମ୍ ଅଭିଯୁକ୍ତଙ୍କ ଘର ସମେତ କାର୍ଯ୍ୟାଳୟ ଉପରେ ଚଢ଼ାଉ ଜାରି ରଖିଛି।

### 'କଂଗ୍ରେସ ଦ୍ୱାରା ଗଣତନ୍ତ୍ରକୁ କୁଠାରଘାତ ଇତିହାସର ୫୦ ବର୍ଷର କାହାଣୀ' ଆଲୋଚନାଚକ୍ର

# ସାମନ୍ତବାଦୀ ଚିନ୍ତାଧାରା ଛାଡ଼ିନି କଂଗ୍ରେସ: ଧର୍ମେନ୍ଦ୍ର



- 'ଜରୁରୀକାଳୀନ ପରିସ୍ଥିତି'କୁ ଦେଶ ଭୁଲିପାରିବନି
- ଏମର୍ଜେନ୍ସି ସମୟରେ ଓଡ଼ିଶା ଆସିଥିଲେ ମୋଦି
- ରାଷ୍ଟ୍ର ହିତକୁ ଅଗ୍ରାଧିକାର ବିଜେପିର ଧର୍ମ
- ଓୟୁଏଟିରେ ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ): ଏମର୍ଜେନ୍ସିର ଗୋଟିଏ ମୂଳ କାରଣ ଥିଲା, ଇନ୍ଦିରା ଗାନ୍ଧୀଙ୍କ ପରିବାର ପ୍ରତି ମୋହ। ମୁଁ ଓ ମୋର ପୁତ୍ର ସଞ୍ଜୟ ଗାନ୍ଧି ଓ ପରିବାର ଦେଶକୁ ଚଲାଇବାର ମାନସିକତା। ଆଜି ମଧ୍ୟ କଂଗ୍ରେସ ପାଖରେ ସେହି ସାମନ୍ତବାଦୀ, ଏକଛତ୍ରବାଦୀ ଓ ଅହଙ୍କାର ମାନସିକତା ରହିଛି ବୋଲି ଗୁରୁବାର ଏଠାରେ ବିଜେପି ପକ୍ଷରୁ 'କଂଗ୍ରେସ ଦ୍ୱାରା ଗଣତନ୍ତ୍ରକୁ କୁଠାରଘାତ ଇତିହାସର ୫୦ ବର୍ଷର କାହାଣୀ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କଂଗ୍ରେସ ଦ୍ୱାରା ଜାରି କରାଯାଇଥିବା ଜରୁରୀକାଳୀନ ପରିସ୍ଥିତିର କଳା ଅଧ୍ୟାୟର ୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସେମିନାରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ୧୯୭୫ ଜୁନ୍ ୨୫ ତାରିଖରେ 'ଜରୁରୀକାଳୀନ ପରିସ୍ଥିତି' ଭାରତୀୟ ଗଣତନ୍ତ୍ର ଉପରେ କଂଗ୍ରେସ ଦ୍ୱାରା ଲଗାଯାଇଥିବା ଏକ କଳା ଫର୍ଦ୍ଦ, ଯାହାକୁ ଦେଶ କେବେ ଭୁଲିପାରିବ ନାହିଁ। ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ପାଇଁ ସେହି ଅନ୍ଧାର ସମୟରେ ଲକ୍ଷ ଲକ୍ଷ ଦେଶପ୍ରେମୀ ଯେଉଁ ଯନ୍ତ୍ରଣା ଓ ନିର୍ଯାତନା ସହିଥିଲେ, ତାହା ଇତିହାସର ଏକ ଅଲିଭା ଅଧ୍ୟାୟ। 'ଏମର୍ଜେନ୍ସି' ଲାଗୁ ହେଲା ପରେ ସାଧାରଣ ଭାରତୀୟ ନାଗରିକର ବାକ୍ ସ୍ୱାଧୀନତାକୁ ଦମନ କରାଯିବା ସହ ଚତୁର୍ଥ ସ୍ତମ୍ଭ ସ୍ୱାଧୀନତା ଉପରେ ମଧ୍ୟ ଅଙ୍କୁଶ ଲଗାଯାଇଥିଲା। ସାଧାରଣ ଭାରତୀୟ ନାଗରିକଙ୍କୁ ବାଧ୍ୟତାମୂଳକ ଭାବରେ ବନ୍ଧ୍ୟାକରଣ କରିବା ସହ ବାକ୍ ସ୍ୱାଧୀନତା ଛଡେଇ ନିଆଯାଇଥିଲା। ସମସ୍ତ ବିରୋଧୀନେତାଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରାଯାଇ ଜେଲରେ ପୂରାଇ ନିର୍ଯାତନା ଦିଆଯାଇଥିଲା। ଓଡ଼ିଶା ମାଟିର ଶୀର୍ଷନେତା ଡ. ହରେକୃଷ୍ଣ ମହତାବ, ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ପବିତ୍ର ମୋହନ ପ୍ରଧାନ, ସାମ୍ବାଦିକ ରାଧାନାଥ ରଥ, ବିଶ୍ୱଭୂଷଣ ହରିଚନ୍ଦନ, ହରିଶ୍ଚନ୍ଦ୍ର ବକ୍ସିପାତ୍ର ପ୍ରମୁଖ ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦୀ, ଅସହିଷ୍ଣୁ ତଥା ଆକ୍ରୋଶମୂଳକ ପଦକ୍ଷେପର ଶିକାର ହୋଇଥିଲେ। କିଶୋର କୁମାରଙ୍କ ଭଳି ଗୀତକୁ ଅଲ୍ ଇଣ୍ଡିଆ ରେଡିଓରେ ପ୍ରସାରଣ କରିବା ପାଇଁ ବିରୋଧ ହୋଇଥିଲା। ସେତେବେଳେ ଏତେ ଅସହିଷ୍ଣୁ ଥିଲା ପରିବାର ସର୍ବୋପରି। ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦୀ ନୀତି ଯୋଗୁଁ ଏହା ଭାରତୀୟ ଗଣତନ୍ତ୍ରରେ ଚିରଦିନ ପାଇଁ କଳାଦାଗ ହୋଇ ରହିଛି ବୋଲି ଶ୍ରୀ ପ୍ରଧାନ କହିବା ସହ 'ଜରୁରୀକାଳୀନ'ର ୫୦ ବର୍ଷ ପୂରଣ ଅବସରରେ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ସଂଘର୍ଷ ଓ ବଳିଦାନ ଦେଇଥିବା ମହାପୁରୁଷଙ୍କୁ ପ୍ରଣାମ ଜଣାଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଏମର୍ଜେନ୍ସି' ଆମ ଇତିହାସର କେବଳ ଏକ ଘଟଣା ନୁହେଁ, ବରଂ କଂଗ୍ରେସ ମାନସିକତାର ଜ୍ୱଳନ୍ତ ପ୍ରମାଣ। ଇନ୍ଦିରାଙ୍କ ସ୍ୱେଚ୍ଛାଚାରୀ ମାନସିକତାର ପ୍ରତିଫଳନ ଆଜି ବି କଂଗ୍ରେସ ନେତୃତ୍ୱରେ ଦେଖିବାକୁ ମିଳେ। ଏବେ ବି କଂଗ୍ରେସଶାସିତ ରାଜ୍ୟରେ ସାମ୍ବାଦିକଙ୍କ ଉପରେ ମାମଲା ରୁଜୁ କରାଯାଉଛି, ସାମାଜିକ ଗଣମାଧ୍ୟମରେ ପୋଷ୍ଟିକୁ ନେଇ ଗିରଫଦାରୀ କରାଯାଉଛି। ବର୍ତ୍ତମାନ ସମୟରେ ଦେଶର ସୁରକ୍ଷା, ସେନାର କାର୍ଯ୍ୟାନୁଷ୍ଠାନ, ବୈଦେଶିକ ନୀତିକୁ ନେଇ କଂଗ୍ରେସ ଯେଉଁଭଳି ଭାବେ ପ୍ରଶ୍ନବାଚୀ ସୃଷ୍ଟି କରିବାରେ ଲାଗିଛି, ତାହା କେବଳ ରାଜନୈତିକ ଫାଇଦା ପାଇଁ ନୁହେଁ ବରଂ ରାଷ୍ଟ୍ରହିତର ବିରୋଧ। ଜରୁରୀକାଳୀନ ପରସ୍ଥିତିର କଳାଫର୍ଦ୍ଦରୁ ଶିକ୍ଷା ନେବାର ଅଛି ଯେ ଭାରତବର୍ଷର ସାଧାରଣ ମଣିଷର ଅଧିକାରର ସୁରକ୍ଷା ହେଉଛି ଗଣତାନ୍ତ୍ରିକ ଓ ସାମ୍ବିଧାନିକ ମୂଲ୍ୟବୋଧର ଆଧାର। ଏଥିରେ କେବେହେଲେ ସାଲିସ ହେବା ଅନୁଚିତ।

## ପୁରୀ ଯାତ୍ରୀଙ୍କୁ ବାଟ ଦେଖାଇବ ଚାଟ୍‌ବଟ୍

ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ): ଦୁଇଚକିଆ, ଚାରିଚକିଆ ଏବଂ ବସରେ ଆସୁଥିବା ପର୍ଯ୍ୟଟକଙ୍କୁ ସହାୟତା କରିବା ପାଇଁ ଓଡ଼ିଶା ପୋଲିସ ହ୍ୱାଟ୍ସଆପ୍ ଚାଟବଟ୍ ଜାରି କରିଛି। ଏହା ପରିଦର୍ଶକମାନଙ୍କ ବାସ୍ତବ ସମୟ ଲାଇଭ୍ ଲୋକେସନ ବ୍ୟବହାର କରିବ ଏବଂ ନିକଟତମ ପାର୍କିଂ ସ୍ଥାନକୁ ରାସ୍ତା ପ୍ରଦାନ କରିବ। ଯାନବାହନ ଅନୁଯାୟୀ ସମସ୍ତ ପାର୍କିଂ ସ୍ଥାନକୁ ଜିଓ ମାର୍କ କରାଯାଇଛି ଏବଂ ଚାଟବଟ୍ ରେ ନିର୍ଦ୍ଦିଷ୍ଟ ମାର୍ଗ ମ୍ୟାପ୍ କରାଯାଇଛି। ହ୍ୱାଟ୍ସଆପ୍ ଚାଟବଟ୍‌ର ଲିଙ୍କ ଭାବରେ ଏକ କ୍ୟୁଆର୍ କୋଡ୍ ଲଞ୍ଚ କରାଯାଉଛି। ଏହାକୁ ସ୍କାନ କରିବା/ଡାଉନଲୋଡ୍ କରିବା ଦ୍ୱାରା ତୁରନ୍ତ ଚାଟବଟ୍ ଆଡ଼କୁ ଅଗ୍ରସର ହେବ। ଜନସାଧାରଣଙ୍କ ପ୍ରତିକ୍ରିୟା ପରେ ହ୍ୱାଟ୍ସଆପ୍ ଚାଟବଟ୍ ରେ ନିୟମିତ ଭାବରେ ଅଧିକ ବୈଶିଷ୍ଟ୍ୟ ଯୋଡ଼ାଯିବ ନିୟମିତ ଭାବରେ ଜନସାଧାରଣଙ୍କ ପ୍ରତିକ୍ରିୟା ପରେ ହ୍ୱାଟ୍ସଆପ୍ ଚାଟବଟ୍ ରେ ଅଧିକ ବୈଶିଷ୍ଟ୍ୟ ଯୋଡାଯିବ।

## ୫ ବର୍ଷରେ ୯ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଲକ୍ଷ୍ୟ

ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ): ଆଗାମୀ ପାଞ୍ଚ ବର୍ଷରେ ସମଗ୍ର ରାଜ୍ୟରେ ଓଡ଼ିଶା ଉଠାଜଳସେଚନ ନିଗମ ଦ୍ୱାରା ୯ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇଦେବାକୁ ଏକ ବୈଠକରେ ପରିଚାଳନା ନିର୍ଦ୍ଦେଶକା ସ୍ୱଧା ଦେବ ସିଂ ଘୋଷଣା କରିଛନ୍ତି। ପ୍ରତି ଜିଲ୍ଲାର ସମସ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ମାସିକ ବୈଠକରେ ଯୋଗଦେଇ ନିଗମ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ସବିଶେଷ ସମୀକ୍ଷା କରି ଶ୍ରୀମତୀ ସିଂ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ଦ୍ୱାରା ସ୍ଥିରୀକୃତ ହୋଇଥିବା ଏହି ପାଞ୍ଚବର୍ଷିଆ ଯୋଜନା ନେଇ ଘୋଷଣା କରିଛନ୍ତି। ନିଗମ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାର ଗତିକୁ ତ୍ୱରାନ୍ୱିତ କରିବା, ନୂତନ ନିଯୁକ୍ତି ଦିଗରେ ପଦକ୍ଷେପ ନେବା, ତ୍ୱରିତ ନିଷ୍ପତ୍ତି ପୂର୍ବକ ସମସ୍ତ ଟେଣ୍ଡର ପ୍ରକ୍ରିୟା ସାରିବା, ବିଭିନ୍ନ ସ୍ତରରେ ସମସ୍ୟାର ଯଥାଶୀଘ୍ର ସମାଧାନ, ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ, ହାୟର ପେନସନ ବ୍ୟବସ୍ଥା ପାଇଁ ଆରପିଏଫ୍ କମିଶନ୍‌ଙ୍କ ସହ କଥାବାର୍ତ୍ତା ମାଧ୍ୟମରେ ସମାଧାନର ବାଟ ବାହାର କରିବା ଭଳି ବିଭିନ୍ନ ପ୍ରସଙ୍ଗରେ ଶ୍ରୀମତୀ ସିଂ କର୍ମଚାରୀମାନଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ. ବିଚିତ୍ର କୁମାର ସାମଲ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ବେଆଇନ ମାଦକ କାରବାର ବିରୋଧରେ ୱାକାଥନ



ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ): ଅବକାରୀ ବିଭାଗ ପକ୍ଷରୁ ବେଆଇନ ମାଦକ କାରବାର ବିରୋଧରେ ପ୍ରଥମ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମର ଶେଷଦିନରେ ଏକ ଗ୍ରାଣ୍ଡ ୱାକାଥନ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ୱାକାଥନ ବେଆଇନ ମାଦକ ଦ୍ରବ୍ୟର ବ୍ୟବହାର ଓ ଅବୈଧ ଚାଲାଣ ବିରୋଧରେ ସଚେତନତା ସୃଷ୍ଟି କରିବା ନେଇ ଆୟୋଜିତ ଏହି ୱାକାଥନ ଆଜି ପ୍ରାତଃ ସାଢ଼େ ୬ଟାରୁ କଳିଙ୍ଗ ଷ୍ଟାଡିୟମର ଗେଟ୍ ନମ୍ବର ୪ରୁ ଆରମ୍ଭ ହୋଇ ଜନତା ମୈଦାନ ପର୍ଯ୍ୟନ୍ତ ଯାଇଥିଲା। ଏହି ୱାକାଥନକୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରି କହିଛନ୍ତି ଯେ ବର୍ତ୍ତମାନର ଯୁବ ସମାଜକୁ ବେଆଇନ ମାଦକଦ୍ରବ୍ୟ କବଳରୁ ଦୂରେଇ ରଖି ଏକ ସୁସ୍ଥ ଓ ନିରାମୟ ସମାଜ ଗଠନ କରିବା ଆମର ଲକ୍ଷ୍ୟ। ଏଣୁ ସବୁବର୍ଗର ଲୋକଙ୍କୁ ନେଇ ବେଆଇନ ମାଦକ ଦ୍ରବ୍ୟ ବିରୋଧରେ ବର୍ଷବ୍ୟାପୀ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ସେ ଆହ୍ୱାନ ଦେଇଥିଲେ। ଉତ୍ସବରେ ବିଭାଗର କମିଶନର ତଥା ଆୟୁକ୍ତ ଗୁହା ପୁନମ ତାପସ କୁମାର, ଅବକାରୀ କମିଶନର ଧର୍ମେନ୍ଦ୍ର ମଲ୍ଲିକ, ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିଃର ପରିଚାଳନା ନିର୍ଦ୍ଦେଶକ ଅମ୍ବର କରଙ୍କ ସମେତ ବରିଷ୍ଠ ଅଧିକାରୀ ଓ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍‌ମାନେ ଉପସ୍ଥିତ ଥିଲେ ।

ଏହି ଅବସରରେ ମୋକ୍ଷ ଡାନ୍ସ ଗ୍ରୁପ୍ ପକ୍ଷରୁ ' ଆମ ସଂକଳ୍ପ' ନାମକ ଅଭିଯାନ ସଂଗୀତରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ପରେ ଲିପ୍‌ସା ଗ୍ରୁପ୍ ଦ୍ୱାରା ନିଶା ମୁକ୍ତି ଉପରେ ଏକ ନାଟକ ପରିବେଷିତ ହୋଇଥିଲା । ଶେଷରେ 'ଭିଗ୍‌ନାଞ୍ଚ ବ୍ୟାଣ୍ଡ' ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଗତ ମେ' ୩୧ରେ ଆରମ୍ଭ ହୋଇଥିବା ଏହି ମାସବ୍ୟାପୀ ଅଭିଯାନକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହି ଅବଧି ମଧ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ବିଭିନ୍ନ ବିଭାଗ, ସ୍ୱୟଂସେବୀ ସଂସ୍ଥା, ବିଦ୍ୟାର୍ଥୀ, ସାଧାରଣ ଲୋକ ଓ ଖ୍ୟାତନାମା ବ୍ୟକ୍ତିମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବେଆଇନ ନିଶା କାରବାର ବିରୋଧରେ ସଚେତନତା ସୃଷ୍ଟି, ଅବୈଧ ଭାବେ ଉତ୍ପାଦିତ ଓ ଅପମିଶ୍ରିତ ମାଦକ ଦ୍ରବ୍ୟ ରୋକିବା ଓ ଅନ୍ୟାନ୍ୟ ନିଷିଦ୍ଧ ପଦାର୍ଥ ବିରୋଧରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ବର୍ଷବ୍ୟାପୀ ହେବ ସଚେତନତା କାର୍ଯ୍ୟକ୍ରମ: ଅବକାରୀ ମନ୍ତ୍ରୀ**



## ଧର୍ମେନ୍ଦ୍ରଙ୍କ ଜନ୍ମଦିନରେ ବିଜେପି ଯୁବମୋର୍ଚ୍ଚାର ରକ୍ତଦାନ ଶିବିର

କଟକ,୨୬।୬(ସଂଚାର ବ୍ୟୁରୋ): ବିଜେପି ଯୁବ ମୋର୍ଚ୍ଚାର ସଦସ୍ୟମାନେ ଓଡ଼ିଶା ବିଜେପିର ମୁଖ୍ୟ ବିନ୍ଧାଣି ତଥା ମୋଦି ସରକାରରେ ତିନି ଥର କେନ୍ଦ୍ର ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ଆଜି ଜନ୍ମଦିନ ହୋଇଥିବା ବେଳେ ଏହି ଅବସରରେ ଏଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଯୁବ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ତଥା କର୍ପୋରେଟର ଗଗନ ଓଝା ଏହାର ନେତୃତ୍ୱ ନେଇଥିବା ବେଳେ ଏଥିରେ ପୂର୍ବତନ ସାଂସଦ ଅନୁଭବ ମହାନ୍ତି, ବିଜେପି ନେତା ତଥା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, କର୍ପୋରେଟର ଦୀପକ ଦାସ, କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ କଟକ ମହାନଗର ନିଗମର ପ୍ରତିନିଧି ଜ୍ୟୋତିରଞ୍ଜନ ରାୟ, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, କେଦାର ବେହେରା, ଆଇନଜୀବୀ କୃଷ୍ଣ ମଲ୍ଲିକ, ଧର୍ମେଶ ନାୟକ, ସ୍ୱପ୍ନ ଫାଉଣ୍ଡେସନର ସଭାପତି ସୁଧାଂଶୁ ଶେଖର ପାତ୍ର, ବିଜେପି ପୂର୍ବତନ ଜିଲ୍ଲା ସଭାପତି ଲକ୍ଷ୍ମୀଧର ପ୍ରଧାନ, କାଠଗଡ଼ାସାହି ସଭାପତି ବିଜନ ସିହ୍ନା, ସମ୍ପାଦକ ସଦାଶିବ ଓଝା, ନିମସାହି ସମ୍ପାଦକ ହେମନ୍ତ ସେଠୀ, ପୂର୍ବତନ ସମ୍ପାଦକ ପ୍ରଦୀପ ମହାରଣା, ନିମାଇଁ ଦାସ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ନିମସାହିସ୍ଥିତ ସାଗର ମଣ୍ଡପରେ ଅନୁଷ୍ଠିତ ଏହି ଶିବିରରୁ ମୋଟ ୧୦୪ ୟୁନିଟ ରକ୍ତ ସଂଗୃହୀତ ହୋଇଛି।

# ବିଧାନସଭାରେ ଗୋପବନ୍ଧୁଙ୍କ ଶ୍ରାଦ୍ଧଦିବସ ପାଳିତ



ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ): ମାନବସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ନିରାଶ୍ରୟ ଓ ନିଃସହାୟ ବ୍ୟକ୍ତିମାନଙ୍କର ସେବାକରି ନିଜର ସେବା ମନୋବୃତ୍ତିକୁ ଯେଭଳି ଚରିତାର୍ଥ କରିଥିଲେ, ସେଭଳି ଯୁବସମାଜକୁ ଆଦର୍ଶ ମାର୍ଗରେ ଗଢ଼ି ତୋଳିବା ପାଇଁ ସର୍ବଦା ତତ୍ପର ଥିଲେ । ବନ୍ୟା, ବାତ୍ୟା, ମରୁଡ଼ି, ଦୁର୍ବିପାକରେ ପ୍ରପୀଡ଼ିତ ଜନତାଙ୍କୁ ନିଃସ୍ୱାର୍ଥ ସେବା, ସାହାଯ୍ୟ ଓ ସହାନୁଭୂତି ଯୋଗାଇଦେଇ ପଣ୍ଡିତ ଗୋପବନ୍ଧୁ ମାନବୀୟ ଗୁଣ ଏବଂ ଚିନ୍ତା-ଚେତନାରେ ଉତ୍କଳୀୟ ଭାବନା ରଖି ଜାତୀୟତାର ଉଦାହରଣ ସୃଷ୍ଟି କରିଯାଇଛନ୍ତି ବୋଲି ଆଜି ବିଧାନସଭା ପରିସରସ୍ଥିତ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରାଦ୍ଧଦିବସ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଅତିଥିଗଣ ମତ ଦେଇଛନ୍ତି।

ସେମାନେ କହିଛନ୍ତି ଯେ ଲାଲା ଲାଜପତ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ଲୋକସେବକ ମଣ୍ଡଳର ଆଜୀବନ ସଭ୍ୟ ଭାବେ ପଣ୍ଡିତ ଗୋପବନ୍ଧୁ ମନୋନୀତ ହୋଇଥିବା ବେଳେ ପରେ ସତ୍ୟବାଦୀ ପ୍ରେସ୍ ଓ 'ସମାଜ'କୁ ଲୋକସେବକ ମଣ୍ଡଳକୁ ହସ୍ତାନ୍ତର କରିଥିଲେ। ନିଜେ ଏହାର ଉପସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ ବୋଲି ଅତିଥିମାନେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ସହ ଅତିଥିଗଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଉତ୍କଳ ସମ୍ମିଳନୀର କାର୍ଯ୍ୟକର୍ତ୍ତା, ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବିଧାନସଭାର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଶାଶ୍ୱତୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ସର୍ବୋଚ୍ଚ ସ୍ତର ଛୁଇଁଲା ସେନସେକ୍ସ-ନିଫ୍ଟି

## ନିବେଶକ ମାଲେମାଲ



ମୁମ୍ବାଇ,୨୬।୬: ଶୁକ୍ରବାର ଭାରତୀୟ ଷ୍ଟକ ମାର୍କେଟ ସୂଚକାଙ୍କ ସେନସେକ୍ସ ଓ ନିଫ୍ଟି ୨୦୨୫ର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ମେଟାଲ ସେକ୍ଟର ଷ୍ଟକ ଏହି ଉତ୍ଥାନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବେଳେ ଆର୍ଥିକ ଓ ବ୍ୟାଙ୍କିଙ୍ଗ ସେକ୍ଟର ହେଭିୱେଟ ଷ୍ଟକମାନେ ମଧ ଏହାକୁ ତ୍ୱରାନ୍ୱିତ କରିଛନ୍ତି। ବିଏସଇ ସେନସେକ୍ସ ୧,୦୦୦.୩୬ ପଏଣ୍ଟ ବୃଦ୍ଧି ପାଇ ୮୩,୭୫୫.୮୭ରେ ବନ୍ଦ ହୋଇଥିବା ବେଳେ ଏନଏସଇ ନିଫ୍ଟି୫୦ ୩୦୪.୨୫ ପଏଣ୍ଟ ବୃଦ୍ଧି ପାଇ ୨୫,୫୪୯.୦୦ରେ ସମାପ୍ତ ହୋଇଛି।

ବିଶେଷଜ୍ଞଙ୍କ କହିବା ଅନୁସାରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧବିରତି ସ୍ଥିରତା ଯୋଗୁଁ ଯୋଗାଣ ଶୃଙ୍ଖଳା ବାଧା ସମ୍ପର୍କିତ ଚିନ୍ତା ହ୍ରାସ ପାଇଛି, ଯାହା ବିନିଯୋଗକାରୀଙ୍କ ମଧ୍ୟରେ ଦୃଢ଼ ଆତ୍ମବିଶ୍ୱାସ ସୃଷ୍ଟି କରିଛି। ସେ ଆହୁରି କହିଛନ୍ତି, "ଯୁକ୍ତରାଷ୍ଟ୍ର ଆମେରିକା ଓ ଭାରତର ୧୦ ବର୍ଷିଆ ବଣ୍ଡ ଉତ୍ପାଦ ମଧ୍ୟରେ ସଂକୁଚିତ ଫରକ ଯୋଗୁଁ ବିଦେଶୀ ସଂସ୍ଥାଗତ ବିନିଯୋଗକାରୀ (ଏଫଆଇଆଇ) ନିଜ ଅଂଶଧନ ହ୍ରାସ କରୁଛନ୍ତି, କିନ୍ତୁ ଦେଶୀୟ ସଂସ୍ଥାଗତ ବିନିଯୋଗକାରୀ (ଡିଆଇଆଇ) ଉନ୍ନତ ତରଳତା ଓ ଦେଶୀୟ ଉପଭୋଗରେ ପୁନରୁଦ୍ଧାର ଯୋଗୁଁ ନେଟ କ୍ରେତା ଭାବେ ଉଭା ହୋଇଛନ୍ତି।"

ସେନସେକ୍ସରେ ଟାଟା ଷ୍ଟିଲ ୨.୬୨% ବୃଦ୍ଧି ସହ ଶୀର୍ଷ ଲାଭକାରୀ ହୋଇଥିବା ବେଳେ ବଜାଜ ଫାଇନାନ୍ସ ୨.୫୦%, ଭାରତୀ ଏୟାରଟେଲ ୨.୪୮%, ଅଦାନୀ ପୋର୍ଟସ ୨.୪୬%, ଓ ଆଇକର ମୋଟର୍ସ ୨.୪୫% ବୃଦ୍ଧି ପାଇଛି। ଅନ୍ୟପକ୍ଷେ, ଟ୍ରେଣ୍ଟ ୦.୪୦%, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ୦.୩୯%, ଟେକ ମହିନ୍ଦ୍ରା ୦.୩୯%, ମାରୁତି ସୁଜୁକି ୦.୩୬%, ଓ ଏମଏଣ୍ଡଏମ ୦.୩୦% ହ୍ରାସ ପାଇଛି। ନିଫ୍ଟି ସୂଚକାଙ୍କ ମଧ୍ୟରେ ନିଫ୍ଟି ମିଡକ୍ୟାପ ୧୦୦ ୦.୫୯% ଓ ନିଫ୍ଟି ସ୍ମଲକକ୍ୟାପ ୦.୪୨% ବୃଦ୍ଧି ପାଇଛି। ଇଣ୍ଡିଆ ଭିଆଇଏକ୍ସ ୨.୮୭% ହ୍ରାସ ପାଇଛି, ଯାହା ବଜାରରେ ଅସ୍ଥିରତା ହ୍ରାସକୁ ସୂଚାଇଛି। ଅଧିକାଂଶ ସେକ୍ଟର ଲାଭ ସହ ବନ୍ଦ ହୋଇଛି। ନିଫ୍ଟି ତୈଳ ଓ ଗ୍ୟାସ ୧.୮୬%, ନିଫ୍ଟି ଫାଇନାନସିଆଲ ସର୍ଭିସେସ ୧.୫୩%, ନିଫ୍ଟି ମେଟାଲ ୨.୩୧%, ନିଫ୍ଟି ପ୍ରାଇଭେଟ ବ୍ୟାଙ୍କ ୧.୦୩%, ନିଫ୍ଟି ରିଅଲ୍ଟି ୧.୦୦%, ନିଫ୍ଟି କନଜ୍ୟୁମର ଡ୍ୟୁରାବଲସ ୦.୮୭%, ନିଫ୍ଟି ଏଫଏମସିଜି ୦.୬୮%, ନିଫ୍ଟି ଅଟୋ ୦.୫୬%, ନିଫ୍ଟି ପିଏସୟୁ ବ୍ୟାଙ୍କ ୦.୪୩%, ଓ ନିଫ୍ଟି ହେଲଥକେୟାର ୦.୩୮% ବୃଦ୍ଧି ପାଇଛି। କେବଳ ନିଫ୍ଟି ମିଡିଆ ୧.୦୯% ଓ ନିଫ୍ଟି ଆଇଟି ୦.୧୩% ହ୍ରାସ ପାଇଛି, କିନ୍ତୁ ନିଫ୍ଟି ଫାର୍ମା ୦.୦୨% ସାମାନ୍ୟ ବୃଦ୍ଧି ହାସଲ କରିଛି।

## ଦୁଇଚକିଆ ଯାନ ପାଇଁ ବି ଦେବାକୁ ହେବ ଟୋଲ ଟାକ୍ସ!



ନୂଆଦିଲ୍ଲୀ, ୨୬।୬: ଜାତୀୟ ରାଜପଥ ବ୍ୟବହାର କରୁଥିବା ଦୁଇ ଚକିଆ ଯାନମାନଙ୍କ ପାଇଁ ଏକ ବଡ଼ ଖବର ଆସୁଛି। ସୂଚନା ଅନୁଯାୟୀ, ଏବେ ଦୁଇ ଚକିଆ ଯାନଗୁଡ଼ିକଠାରୁ ଜାତୀୟ ରାଜପଥର ଟୋଲ୍ ଟିକସ ଆଦାୟ ପାଇଁ ସରକାର ବିଚାର କରୁଛନ୍ତି। ଏହି ନିୟମ ୧୫ ଜୁଲାଇରୁ ଲାଗୁ ହୋଇପାରେ । ତେବେ ଏ ନେଇ କୌଣସି ସରକାରୀ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଉଲ୍ଲେଖନୀୟ ଯେ ଯେତେବେଳେ ଆପଣ ଦୁଇ ଚକିଆ ଯାନ କିଣନ୍ତି, ସେହି ସମୟରେ ଟୋଲ୍ ଟିକସ ଆଦାୟ କରାଯାଏ। ଏପରି ପରିସ୍ଥିତିରେ, ଯେତେବେଳେ ଦୁଇ ଚକିଆ ଯାନ ଜାତୀୟ ରାଜପଥର ଟୋଲ୍ ପ୍ଲାଜା ଦେଇ ଯାଆନ୍ତି, ସେମାନଙ୍କଠାରୁ ଟୋଲ୍ ଟିକସ ନିଆଯାଏ ନାହିଁ। କେବଳ ଜାତୀୟ ରାଜପଥରେ ଚାରି ଚକିଆ କିମ୍ବା ତା'ଠାରୁ ଅଧିକ ଯାନରୁ ଟୋଲ୍ ଟିକସ ଆଦାୟ କରାଯାଏ। କିନ୍ତୁ ନୂତନ ନିୟମ ଅନୁଯାୟୀ, ଦୁଇଚକିଆ ଯାନଗୁଡ଼ିକୁ ଫାଷ୍ଟାଗ୍ ମାଧ୍ୟମରେ ଟୋଲ୍ ଦେବାକୁ ପଡିବ। ଯଦି କୌଣସି ବ୍ୟକ୍ତି ଏହି ନିୟମ ଉଲ୍ଲଂଘନ କରନ୍ତି, ତେବେ ତାଙ୍କୁ ୨୦୦୦ ଟଙ୍କା ଜରିମାନା ଦେବାକୁ ପଡିବ। ସରକାର ଏହି ନିୟମ ଯଦି ଲାଗୁ କରନ୍ତି ତେବେ ଦୁଇଚକିଆ ଯାନ ଚାଳକମାନଙ୍କୁ ବି ଫାଷ୍ଟାଗ୍ କିଣିବାକୁ ହେବ ଓ ତାହାକୁ ନିଜର ବ୍ୟାଙ୍କ ଖାତା କିମ୍ବା ଡିଜିଟାଲ ୱାଲେଟ୍ ସହ ଲିଙ୍କ କରିବାକୁ ପଡିବ।

## ସରକାରୀ ପ୍ରତିଭୂତିରେ ୧୦୦% ପେନ୍‌ସନ୍ ପାଣ୍ଠି ନିବେଶକୁ ଅନୁମତି

ଭୁବନେଶ୍ୱର, ୨୫/୬(ଇମିସ): ସରକାରୀ ପ୍ରତିଭୂତିରେ ନିଜର ୧୦୦ ପ୍ରତିଶତ ପେନ୍‌ସନ୍ ପାଣ୍ଠି ନିବେଶ କରିବା ଲାଗି ଅର୍ଥ ବିଭାଗ ପକ୍ଷରୁ ସ୍ୱୟଂଶାସିତ ସଂସ୍ଥା ଓ ରାଜ୍ୟ ଉଦ୍ୟୋଗଗୁଡ଼ିକର କର୍ମଚାରୀମାନଙ୍କୁ ଅନୁମତି ପ୍ରଦାନ କରାଯାଇଛି। ଜାତୀୟ ପେନ୍‌ସନ୍ ସ୍କିମ୍ (ଏନ୍‌ପିଏସ୍)ର ଟାୟାର-୧ ଅଧୀନରେ ଥିବା ବିକଳ୍ପ ଅନୁସାରେ ଯେଉଁ କର୍ମଚାରୀମାନେ କମ୍ ରିସ୍କ ସହ ରିଟର୍ଣ୍ଣ ପାଇବାକୁ ଚାହୁଛନ୍ତି ସେମାନେ ନିଜ ୧୦୦ ପ୍ରତିଶତ ପାଣ୍ଠିକୁ ସରକାରୀ ପ୍ରତିଭୂତିରେ ନିବେଶ କରିପାରିବେ। ସଦସ୍ୟମାନଙ୍କୁ ପେନ୍‌ସନ୍ ଫଣ୍ଡ୍ ମ୍ୟାନେଜର ଚୟନ କରିବାର ସ୍ୱାଧୀନତା ଦିଆଯାଇଛି। ସେମାନେ ଘରୋଇ କ୍ଷେତ୍ରରୁ ମଧ୍ୟ ଚୟନ କରିପାରିବେ। ବର୍ଷକୁ ଥରେ ସେମାନେ ଫଣ୍ଡ୍ ମ୍ୟାନେଜର ବଦଳାଇପାରିବେ। ଅଧିକ ରିସ୍କ ନେବାକୁ ଚାହୁଁଥିବା କର୍ମଚାରୀମାନଙ୍କ ଲାଗି ଦୁଇ ପ୍ରକାର ନିବେଶ ସ୍କିମ୍ ରହିଛି। ଗୋଟିଏ ହେଉଛି ରକ୍ଷଣଶୀଳ ଜୀବନଚକ୍ର ଫଣ୍ଡ୍, ଯେଉଁଥିରେ ସର୍ବାଧିକ ୨୫ ପ୍ରତିଶତ ରାଶି ଇକ୍ୱିଟିରେ ନିବେଶ କରାଯାଇପାରିବ। ସେହିପରି ମଧ୍ୟମ ଜୀବନ ଚକ୍ର ଫଣ୍ଡରେ ସର୍ବାଧିକ ୫୦ ପ୍ରତିଶତ ରାଶି ଇକ୍ୱିଟିରେ ନିବେଶ ହୋଇପାରିବ। ଯୋଗ୍ୟ କର୍ମଚାରୀମାନେ ସେମାନଙ୍କ ନିବେଶ ଢାଞ୍ଚାକୁ ଗୋଟିଏ ଆର୍ଥିକ ବର୍ଷରେ ଦୁଇ ଥର ବଦଳାଇପାରିବେ।

## ମଣିପାଲ ହସ୍ପିଟାଲ୍‌ରେ ଜଟିଳ ଅସ୍ତ୍ରୋପଚାର



ଭୁବନେଶ୍ୱର, ୨୫/୬: ମଣିପାଲ ହସ୍ପିଟାଲ୍‌ରେ ଏକ ଜଟିଳ ଲାପ୍ରୋସ୍କୋପିକ୍ ଅସ୍ତ୍ରୋପଚାର ଜରିଆରେ ଉତ୍ତରପ୍ରଦେଶର ଜଣେ ୪୫ ବର୍ଷୀୟ ବ୍ୟକ୍ତିଙ୍କ ଜୀବନ ରକ୍ଷା କରାଯାଇଥିବା ହସ୍ପିଟାଲ୍ ପକ୍ଷରୁ କୁହାଯାଇଛି। ଏହି ବ୍ୟକ୍ତି ଜଣକ ବହୁଦିନ ଧରି ପେଟ ବ୍ୟଥା ସମସ୍ୟାରେ ପୀଡ଼ିତ ଥିଲେ। ତାଙ୍କଠାରେ ନେକ୍ରୋଟାଇଜିଂ ପ୍ୟାନ୍‌କ୍ରିଆଟାଇଟିସ୍ ଚିହ୍ନଟ କରାଯିବା ସହ ତାହାର ଚିକିତ୍ସା କରାଯାଇଥିଲା। ତା' ସତ୍ତ୍ୱେ ତାଙ୍କ ପ୍ୟାନ୍‌କ୍ରିଆସିସ୍‌ରେ ଗୋଲାକାର ସିଷ୍ଟ ହୋଇଥିଲା, ଯାହା ଦିନକୁ ଦିନ ବଡ଼ ହେବାରୁ ସେ ପେଟରେ ଯନ୍ତ୍ରଣା ଭୋଗିଥିଲେ। ବିଭିନ୍ନ ସ୍ଥାନରେ ଦେଖାଇ ବିଫଳ ହେବା ପରେ ତାଙ୍କ ପରିବାର ମଣିପାଲ ହସ୍ପିଟାଲ୍ ଆସିଥିଲେ। ଏଠାରେ ବରିଷ୍ଠ ଶଲ୍ୟ ବିଶେଷଜ୍ଞ ଡାକ୍ତର ରମ୍ୟ ରଞ୍ଜନ ବେହେରା ତାଙ୍କ ଚିକିତ୍ସା କରିଥିଲେ। ତାଙ୍କଠାରେ ପ୍ୟାନ୍‌କ୍ରିଆଟିକ୍ ସ୍ୟୁଡୋସିଷ୍ଟ ସହ ଗଲ୍ ବ୍ଲାଡର୍‌ରେ ଅନେକ ଷ୍ଟୋନ୍ ଚିହ୍ନଟ ହୋଇଥିଲା। ଅସ୍ତ୍ରୋପଚାର କରି ଗଲ୍ ବ୍ଲାଡର୍ କଢ଼ାଯିବା ସହ ପ୍ୟାନ୍‌କ୍ରିଆସ୍‌ରୁ ସିଷ୍ଟ ବାହାର କରାଯାଇଥିଲା। ଲାପ୍ରୋସ୍କୋପିକ୍ ଜରିଆରେ ମାତ୍ର ୪-୫ଟି ଛୋଟ କଣା ଜରିଆରେ ଏହି ଅସ୍ତ୍ରୋପଚାର ହୋଇଥିଲା। ମାତ୍ର ୩ ଦିନରେ ସେ ସୁସ୍ଥ ହୋଇ ଘରକୁ ଫେରିଥିଲେ।

## ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପକ୍ଷରୁ ଆକର୍ଷଣୀୟ ରଥଯାତ୍ରା ଅଫର ଉନ୍ମୋଚିତ

ଭୁବନେଶ୍ୱର, ୨୬।୬(ସଂଚାର ବ୍ୟୁରୋ): ସେନ୍‌କୋ ଗୋଲ୍ଡ ଲିମିଟେଡ ୮୫ ବର୍ଷରୁ ଉର୍ଦ୍ଧ୍ୱ ବିରାସତ ସହିତ ଭାରତର ଏକ ଅଗ୍ରଣୀ ଜୁଏଲାରୀ ରିଟେଲର ଏବଂ ସର୍ବାଧିକ ସଂଖ୍ୟକ ଶୋ'ରୁମ୍ ସହ ପୂର୍ବ ଭାରତର ସର୍ବବୃହତ ଜୁଏଲାରୀ ରିଟେଲର। ଯାହାର ଦୁବାଇ, ୟୁଏଇରେ ଗୋଟିଏ ଶୋ'ରୁମ୍ ସମେତ ୧୭ଟି ରାଜ୍ୟରେ ୧୭୫ରୁ ଅଧିକ ଶୋ'ରୁମ୍ ରହିଛି। ସେନ୍‌କୋ ଗୋଲ୍ଡ ପକ୍ଷରୁ ପବିତ୍ର ରଥଯାତ୍ରାକୁ ପାଳନ କରିବା ପାଇଁ ସୌନ୍ଦର୍ଯ୍ୟ ଓ ସମ୍ମାନକୁ ପ୍ରତିଫଳନ କରୁଥିବା ଅଳଙ୍କାର ଗୁଡିକ ସହିତ ସ୍ୱତନ୍ତ୍ର ଡିଜାଇନ୍ ଓ ଅଫର୍ ଲଞ୍ଚ କରାଯାଇଛି। ରଥର ପର୍ବ ଭାବେ ପରିଚିତ ରଥଯାତ୍ରା ହେଉଛି ହିନ୍ଦୁମାନଙ୍କର ଏକ ପ୍ରମୁଖ ପର୍ବ। ଯାହା ପ୍ରତିବର୍ଷ ବର୍ଷା ଋତୁରେ ପାଳିତ ହୋଇଥାଏ। ରଥଯାତ୍ରା ବିଶ୍ୱବ୍ୟାପୀ ପାଳିତ ହୋଇଥାଏ କିନ୍ତୁ ସବୁଠାରୁ ପ୍ରସିଦ୍ଧ ଓ ବିଶାଳ ଉତ୍ସବ ଓଡ଼ିଶା ଓ ପଶ୍ଚିମବଙ୍ଗରେ ଅନୁଷ୍ଠିତ ହୋଇଥାଏ। ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ରଥଯାତ୍ରାର ପ୍ରତୀକାତ୍ମକତା ଓ ମହାନତା ଦ୍ୱାରା ବିଶେଷ ଭାବେ ଅନୁପ୍ରାଣିତ ଅନନ୍ୟ ଜୁଏଲାରୀ ପିସ୍ ଗୁଡିକର ଏକ ବିସ୍ତୃତ ସିଲେକ୍ସନକୁ ଡିଜାଇନ କରିଛି। ଆମର ଦକ୍ଷ କାରିଗର ମାନେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ସୂକ୍ଷ୍ମ କାରୁକାର୍ଯ୍ୟ, ରଥ ଓ ପବିତ୍ର ପ୍ରତୀକଗୁଡିକୁ ଏହି ଅସାଧାରଣ ଡିଜାଇନ ଗୁଡିକରେ ଅନ୍ତର୍ଭୁକ୍ତ କରିଛନ୍ତି। ଯାହା ଏହି ପବିତ୍ର ପର୍ବ ସହ ଜଡିତ ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଶ୍ରଦ୍ଧାଞ୍ଜଳି ଜଣାଉଛି। ପ୍ରତ୍ୟେକ ପିସ୍‌ର ଜୁଏଲାରୀକୁ ସର୍ବାଧିକ ଯତ୍ନର ସହ ହଲ୍‌ମାର୍କ ଗୋଲ୍ଡର ବ୍ୟବହାର କରି ନିର୍ମାଣ କରାଯାଇଛି, ଯାହା ନିଶ୍ଚିତ କରୁଛି ଯେ, ଏହି ଜୁଏଲାରୀଗୁଡିକ ପିଢି ପରେ ପିଢି ମୂଲ୍ୟବାନ ସମ୍ପତ୍ତିରେ ପରିଣତ ହେବ। ଏହି ଅବସରରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ମାର୍କେଟିଂ ଆଣ୍ଡ ଡିଜାଇନ ବିଭାଗର ନିର୍ଦ୍ଦେଶକ ଓ ମୁଖ୍ୟ ଜୋଇତା ସେନ୍ କହିଛନ୍ତି, "ସେନ୍‌କୋ ଗୋଲ୍ଡ ଓ ଡାଇମଣ୍ଡସରେ ଆମେ ରଥଯାତ୍ରାର ମହତ୍ୱ ଏବଂ ଏହି ସମୟରେ ଅଳଙ୍କାର କ୍ରୟ କରିବାର ପବିତ୍ରତାକୁ ବୁଝିଛୁ, କାରଣ ଆମେ ମହାପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରିଥାଉ। ଆମର ଦକ୍ଷ କାରିଗର ଓ ଡିଜାଇନରମାନଙ୍କ ଟିମ୍ ଯତ୍ନର ସହିତ ଅଳଙ୍କାର ପିସ୍ ଗୁଡିକର ଏକ ଆକର୍ଷଣୀୟ କଲେକ୍ସନ ପ୍ରସ୍ତୁତ କରିଛନ୍ତି ଯାହା ପରମ୍ପରା ସହ ସମସାମୟିକ ଷ୍ଟାଇଲକୁ ଉପଯୁକ୍ତ ଭାବେ ମିଶ୍ରଣ କରିଛି। ସୂକ୍ଷ୍ମ ଭାବେ ଡିଜାଇନ କରାଯାଇଥିବା ଗୋଲ୍ଡ ଓ ଡାଇମଣ୍ଡ ପେଣ୍ଡାଣ୍ଟ ଠାରୁ ଆରମ୍ଭ କରି ମୀନାକାରୀ ଇୟରିଂ ପର୍ଯ୍ୟନ୍ତ, ଆମ ପାଖରେ ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାଦ ଓ ପସନ୍ଦ ସହ ମେଳ ଖାଉଥିବା ଅଳଙ୍କାର ଉପଲବ୍ଧ ରହିଛି।" ସେହିପରି ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଏମ୍‌ଡି ଓ ସିଇଓ ଶୁଭଙ୍କର ସେନ୍ କହିଛନ୍ତି, " ଆପଣଙ୍କର ରଥଯାତ୍ରା ସପିଂ ଅନୁଭୂତିକୁ ଉନ୍ନତ କରିବା ପାଇଁ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଆମର ଶୋ'ରୁମ୍ ଗୁଡିକରେ ସୁନା ଅଳଙ୍କାର କ୍ରୟ ଉପରେ ମେକିଂ ଚାର୍ଜରେ ପ୍ରତି ଗ୍ରାମ ପିଛା ୫୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ସହିତ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ବ୍ରାଣ୍ଡ୍ ପକ୍ଷରୁ ହୀରା ଅଳଙ୍କାର ମୂଲ୍ୟ ଉପରେ ୧୫% ପର୍ଯ୍ୟନ୍ତ ରିହାତି, ପୁରୁଣା ସୁନାର ଏକ୍ସଚେଞ୍ଜ ଉପରେ ୦% ଡିଡକ୍ସନ ଏବଂ ମେକିଂ ଚାର୍ଜ ଉପରେ ୧୦% ରିହାତି ଦିଆଯାଉଛି। ସୁନା ମୂଲ୍ୟ ଅଧିକ ବୃଦ୍ଧି ପାଇଥିବାରୁ ଆମେ ଫ୍ଲେକ୍ସି ପ୍ରାଇସ୍ ଅଫରର ଶୁଭାରମ୍ଭ କରିଛୁ, ଯେଉଁଠାରେ ଗ୍ରାହକ ମାନେ ଆଜିର ମୂଲ୍ୟରେ ସୁନା ବୁକିଂ କରିପାରିବେ ଏବଂ ପରବର୍ତ୍ତୀ ସମୟରେ ଆଜିର ମୂଲ୍ୟରେ କ୍ରୟ କରିବାର ସୁବିଧା ପାଇବେ। ଯଦି ମୂଲ୍ୟ ବୃଦ୍ଧି ହୁଏ ତେବେ ତାଙ୍କୁ ଅଧିକ ଅର୍ଥ ପଇଠ କରିବାକୁ ପଡିବ ନାହିଁ। ଯଦି ମୂଲ୍ୟ ହ୍ରାସ ହୁଏ ତେବେ ସେ ହ୍ରାସ ହୋଇଥିବା ଦରରେ ସୁନା କ୍ରୟ କରିବେ। ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏକ ବିବିଧ ଜୁଏଲାରୀ କଲେକ୍ସନ ଯେପରିକି ସୁନା, ହୀରା, ପ୍ଲାଟିନମ୍ ଓ ଷ୍ଟଡେଡ ଜୁଏଲାରୀ ପ୍ରଦାନ କରୁଛି। କମ୍ପାନୀର ବ୍ରାଣ୍ଡ ଗୁଡିକରେ ଏଭରଲାଇଟ ଲାଇଟୱେଟ ଜୁଏଲାରୀ ଏବଂ ଗସିପ, ଦ ସିଲଭର ଓ କଷ୍ଟ୍ୟୁମ ଜୁଏଲାରୀ ବ୍ରାଣ୍ଡ୍ ସାମିଲ ରହିଛି। ଏହା ଭାରତରେ ଡି'ସିଗ୍ନିଆ ଶୋ'ରୁମ୍ ଗୁଡିକର ମଧ ଲଞ୍ଚ କରିଛି ଯାହା ଏକ ପ୍ରିମିୟମ୍ ଜୁଏଲାରୀ ସପିଂ ଅନୁଭୂତି ଦେଉଛି। ଏହାର କଲେକ୍ସନକୁ ପୁରୁଷଙ୍କ ପାଇଁ ଡିଜାଇନ କରାଯାଇଥିବା ବେଳେ ବିବାହ କଲେକ୍ସନରେ ପ୍ରିମିୟମ ଡିଜାଇନର ୱେଡିଂ ଜୁଏଲାରୀ ସାମିଲ ରହିଛି। ଅଧିକ ବିବରଣୀ ଓ ଆକର୍ଷଣୀୟ ଅନ୍‌ଲାଇନ ଓନ୍‌ଲି ଅଫର ସମ୍ପର୍କରେ ଜାଣିବା ପାଇଁ ଗ୍ରାହକମାନେ ଏହି ୱେବସାଇଟ୍ https://sencogoldanddiamonds.com/ ରେ ଭିଜିଟ୍ କରିପାରିବେ।



## ଭାରତ ଛାଡ଼ିବେ ୩୫୦୦ ଧନୀ

ନୂଆଦିଲ୍ଲୀ, ୨୫/୬: ଚଳିତ ବର୍ଷ ବିଶ୍ୱର ବିଭିନ୍ନ ଦେଶରୁ ୧,୪୨,୦୦୦ ମିଲିଓନେୟାର (ଧନୀ ବ୍ୟକ୍ତି) ନିଜ ଦେଶ ଛାଡ଼ି ଅନ୍ୟତ୍ର ଯିବେ। ଭାରତରୁ ୩୫୦୦ ଧନୀ ଅନ୍ୟ ଦେଶକୁ ଯିବେ। ଅବଶ୍ୟ ୨୦୨୪ରେ ଭାରତରୁ ଯାଇଥିବା ୪୩୦୦ ଧନୀଙ୍କ ତୁଳନାରେ ଏହି ସଂଖ୍ୟା କମ୍। ହେନ୍‌ଲି ପ୍ରାଇଭେଟ୍ ୱେଲ୍‌ଥ ମାଇଗ୍ରେସନ୍ ରିପୋର୍ଟ ୨୦୨୫ ଅନୁସାରେ ବ୍ରିଟେନ୍‌ରୁ ସର୍ବାଧିକ ୧୬,୫୦୦ ଧନୀ ଅନ୍ୟ ଦେଶକୁ ଯିବେ। ଚୀନ୍‌ରୁ ୭,୮୦୦, ଦକ୍ଷିଣ କୋରିଆରୁ ୨୪୦୦, ରୁଷ୍‌ରୁ ୧୫୦୦, ବ୍ରାଜିଲ୍‌ରୁ ୧୨୦୦ ଓ ଫ୍ରାନ୍ସରୁ ୮୦୦ ଧନୀ ଅନ୍ୟ ଦେଶକୁ ଯିବେ।

### ଗତବର୍ଷ ଛାଡ଼ିଥିଲେ ୪୩୦୦

ନିଜ ଦେଶ ଛାଡ଼ି ଅନ୍ୟତ୍ର ଯିବାକୁ ଚାହୁଁଥିବା ଧନୀ ଲୋକମାନଙ୍କ ପ୍ରଥମ ପସନ୍ଦ ହେଉଛି ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ)। ଏହା ପଛକୁ ରହିଛି ଆମେରିକା। ଏହି ଦୁଇ ଦେଶକୁ ୨୦୨୫ରେ ଯଥାକ୍ରମେ ୯୮୦୦ ଓ ୭୫୦୦ ଧନୀ ଲୋକ ବସବାସ କରିବାକୁ ଯିବେ। ସେହିପରି, ଇଟାଲିକୁ ୩୬୦୦, ସ୍ୱିଜରଲ୍ୟାଣ୍ଡକୁ ୩୦୦୦, ସାଉଦି ଆରବକୁ ୨୪୦୦, ସିଙ୍ଗାପୁରକୁ ୧୬୦୦, ପର୍ତ୍ତୁଗାଲକୁ ୧୪୦୦, ଗ୍ରିସ୍‌କୁ ୧୨୦୦, କାନାଡାକୁ ୧୦୦୦ ଓ ଅଷ୍ଟ୍ରେଲିଆକୁ ୧୦୦୦ ଧନୀ ଲୋକ ଯିବେ। ଗୋଲ୍‌ଡେନ୍ ଭିସା କାର୍ଯ୍ୟକ୍ରମ, ଶୂନ ଆୟକର, ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ରାଜନୈତିକ ସ୍ଥିରତା ଥିବାରୁ ଅଧିକାଂଶ ଧନୀ ବ୍ୟକ୍ତି ୟୁଏଇକୁ ସେମାନଙ୍କ ପସନ୍ଦର ସ୍ଥାନ ଭାବେ ଚୟନ କରୁଛନ୍ତି। ଚଳିତ ବର୍ଷର ଏକ ବଡ଼ ବ୍ୟତିକ୍ରମ ହେଉଛି ପ୍ରାୟ ଅଢ଼େଇ ହଜାର ଲୋକ ସାଉଦି ଆରବକୁ ନିଜ ବସବାସ ସ୍ଥାନ ଭାବେ ଚୟନ କରିବାକୁ ଯାଉଛନ୍ତି। ଏହି ସଂଖ୍ୟା ଗତବର୍ଷର ୩୦୦ ତୁଳନାରେ ଯଥେଷ୍ଟ ଅଧିକ।



## ୧୪ ବର୍ଷ ବୟସରେ ଛାଡିଥିଲେ ପାଠ; ଦିନକୁ ରୋଜଗାର ଥିଲା ମାତ୍ର ୩୦ ଟଙ୍କା

# ଏବେ ଲୁଧିଆନାର ସବୁଠାରୁ ଧନୀ ବ୍ୟକ୍ତି

ନୂଆଦିଲ୍ଲୀ ୨୬।୬: ୧୧ ହଜାର କୋଟିରୁ ଅଧିକ ସମ୍ପତ୍ତିର ମାଲିକ। ଦିନେ ଦାରିଦ୍ର୍ୟ ସାଜିଥିଲା କାଳ। ପେଟର ଭୋକ ପାଠପଢ଼ା ଛାଡିବାକୁ କରିଥିଲା ବାଧ୍। ମାତ୍ର ନବମ ଶ୍ରେଣୀରେ ଛାଡିଦେଇଥିଲେ ସ୍କୁଲ ଯିବା। ଆଉ ଲାଗିଥିଲେ କାମ କରିବାକୁ। ସେ ଏକ କମ୍ପାନୀରେ କାମ କରୁଥିଲେ। ଯେଉଁଠି ଦିନକୁ ତାଙ୍କୁ ଦରମା ଭାବେ ମିଳୁଥିଲା ମାତ୍ର ୩୦ଟଙ୍କା। କିନ୍ତୁ ସେ ଏତିକିରେ ନଥିଲେ ଶାନ୍ତି। ସେ କିଛି ବଡ କରିବାକୁ ଚାହୁଁଥିଲେ। ଆଉ ସେ କରିଥିଲେ କଠିନ ପରିଶ୍ରମ। ଆଉ ଏବେ ପାଲଟିଛନ୍ତି ଲୁଧିଆନାର ସବୁଠାରୁ ଧନୀ ବ୍ୟକ୍ତି। ଏହି ବ୍ୟକ୍ତି ହେଉଛନ୍ତି ଟ୍ରାଇଡେଣ୍ଟ ଗ୍ରୁପର ପ୍ରତିଷ୍ଠାତା ରାଜିନ୍ଦର ଗୁପ୍ତା। ପଞ୍ଜାବର ଏକ ସାଧାରଣ ପରିବାରରେ ଜନ୍ମ। ପିଲାଦିନରୁ ଅଭାବ ଅନଟନରେ ବଢ଼ିଥିଲେ। ମାତ୍ର ୧୪ ବର୍ଷରେ ପାଠ ପଢ଼ା ଛାଡି କରିଥିଲେ ଚାକିରି। କିନ୍ତୁ ଏହା ତାଙ୍କୁ ଦେଇପାରିନଥିଲା ଆତ୍ମସନ୍ତୁଷ୍ଟି। ତାଙ୍କର ଲକ୍ଷ୍ୟ ଥିଲା ଜୀବନରେ କିଛି ବଡ଼ କରିବା।

କିଛି ବର୍ଷ ଚାକିରି କରିବା ପରେ ୧୯୮୫ରେ ରାଜିନ୍ଦର ୬ କୋଟି ଟଙ୍କାର କରିଥିଲେ ନିବେଶ। ଏଥିରେ ସେ 'ଅଭିଷେକ ଇଣ୍ଡଷ୍ଟ୍ରିଜ୍' ନାମକ ଏକ ସାର ବ୍ୟବସାୟ ଆରମ୍ଭ କରିଥିଲେ। ଏହିଠାରୁ ଆରମ୍ଭ ହୋଇଥିଲା ତାଙ୍କର ବିଜିନେସ୍‌ର ଯାତ୍ରା। ଯାହା ପରେ ଟ୍ରାଇଡେଣ୍ଟ ଗ୍ରୁପରେ ପରିଣତ ହୋଇଥିଲା।



୧୯୯୧ରେ ରାଜିନ୍ଦର ଏକ ସୂତାକଳ ଆରମ୍ଭ କରିଥିଲେ। ଏହି ଯାତ୍ରା ମଧ ସଫଳ ହେଲା। ଆଗକୁ ଯାଇ ତାଙ୍କର ଏହି ବ୍ୟବସାୟ ବୟନଶିଳ୍ପ, କାଗଜ ଏବଂ ରାସାୟନିକ କ୍ଷେତ୍ରକୁ ବିସ୍ତାର କଲା।

ପଞ୍ଜାବ ଏବଂ ମଧ୍ୟପ୍ରଦେଶରେ ଏହାର ଉତ୍ପାଦନ କେନ୍ଦ୍ର ସ୍ଥାପନ କଲା। ଏହାପରେ ଟ୍ରାଇଟେଣ୍ଡ ଉତ୍ତର ଭାରତ ଶିଳ୍ପ ବିକାଶର ପ୍ରତୀକ ପାଲଟିଲା। ଆଜି ଟ୍ରାଇଡେଣ୍ଟ ବିଶ୍ୱବ୍ୟାପୀ ଘରୋଇ ବୟନଶିଳ୍ପ ଏବଂ କାଗଜ ଉତ୍ପାଦନ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନି। ଟ୍ରାଇଡେଣ୍ଟର ତଉଲିଆ ଏବଂ ବେଡସିଟ୍ ସର୍ବାଧିକ ବିକ୍ରି ହେଉଥିବା ଉତ୍ପାଦ। ବର୍ତ୍ତମାନ ଟ୍ରାଇଡେଣ୍ଟ ଗ୍ରୁପ୍‌ର ଗ୍ରାହକମାନଙ୍କ ମଧ୍ୟରେ ଜେପିପେନି, ୱାଲମାର୍ଟ ଏବଂ ଲକ୍‌ଜୁରି ଆଣ୍ଡ ଲିନେନ୍ ଭଳି ବଡ଼ ବଡ଼ ନାଁ ସାମିଲ ରହିଛି। ଫୋର୍ବସ୍ ଅନୁଯାୟୀ ରାଜିନ୍ଦର ଗୁପ୍ତା ବର୍ତ୍ତମାନ ୧୧ ହଜାର କୋଟି ଟଙ୍କାର ମାଲିକ। ତାଙ୍କ କମ୍ପାନି ଟ୍ରାଇଡେଣ୍ଟ୍ ଗ୍ରୁପର ପ୍ରଡକ୍ଟ ୧୫୦ଟି ଦେଶରେ ରପ୍ତାନି ହେଉଛି। ୨୦୦୭ ମସିହାରେ ଗୁପ୍ତାଙ୍କୁ ବ୍ୟବସାୟ ଏବଂ ଶିଳ୍ପରେ ତାଙ୍କ ଅବଦାନ ପାଇଁ ଭାରତ ସରକାର ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ। ଯଦିଓ ସେ ବ୍ୟକ୍ତିଗତ କାରଣରୁ ୨୦୨୨ ମସିହାରେ ଟ୍ରାଇଡେଣ୍ଟର ବୋର୍ଡରୁ ଇସ୍ତଫା ଦେଇଥିଲେ, ତଥାପି ସେ ଟ୍ରାଇଡେଣ୍ଟ ଲିମିଟେଡର ଅଧକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି।

## ସୁନା ରୁପା ଦର



ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮,୯୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୭୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮,୯୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮, ୯୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ହଜାର ୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯,୧୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୮୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୯୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦ ହଜାର ୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୯୫୦ ଓ ୯୦, ୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୮ , ୦୦୦ ଟଙ୍କା ହୋଇଛି।

## ପେଟ୍ରୋଲ, ଡିଜେଲ ଦର



ଆଜି ଦେଶର ପ୍ରମୁଖ ସହରରେ ପେଟ୍ରୋଲ-ଡିଜେଲ ଦାମ୍। ତେବେ ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

### ଧର୍ମଗଡରେ ପ୍ରାକ ମୌସୁମୀ ବର୍ଷା

# ଖୁସିରେ ଆତ୍ମହରା ଜୀବଜଗତ



**କଳାହାଣ୍ଡି,୨୬।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ ର ଉତ୍ତପ୍ତ ଆକାଶରେ ମେଞ୍ଚାମେଞ୍ଚା କଳା ବାଦଲର ଶୀତଳ ପ୍ରଲେପ। ଉଞ୍ଚା ଉଞ୍ଚା କୁଞ୍ଜୁ କୁଞ୍ଜିଆ ପାହାଡ ଶିଖର ଭିତରେ ଭଷା ବାଦଲ ଆଉ ଶୀତଳ ପବନର ଲୁଚୁକାଳୀ ଖେଳ ଧର୍ମଗଡ ର ସମସ୍ତ ଜୀବ ଜଗତ ମଧ୍ୟରେ ଉତ୍ତାପରୁ ତ୍ରାହି ପାଇବାର ଶୁଭସଂକେତ ଦେଇଛି । ଓଡ଼ିଆ ଘରର ଗଣପର୍ବ ରଜ ମଉଜର ଅଳ୍ପ କିଛି ଦିନ ପରେ ଧର୍ମଗଡ ରେ ଝିପିଝିପି ବର୍ଷା ହୋଇଥିଲା । ତାପରେ ଚାରି ପାଞ୍ଚ ଦିନ ଆକାଶରୁ ମେଘ ଲୁଚି ଯାଉଥିଲା। ଅସହ୍ୟ ଗୁଳୁଗୁଳିରେ ଜୀବନ ଯନ୍ତ୍ରଣା ଭଳି ଲାଗୁଥିଲା । ହେଲେ ତିନିଦିନ ହେବ ଧର୍ମଗଡ କୁ ମୌସୁମୀ ଆସିଛି । ଶୀତଳତାର ଅପୂର୍ବ ପୁଳକରେ ସମସ୍ତେ ରୋମାଞ୍ଚିତଛ ଥଣ୍ଡା ଥଣ୍ଡା ବାଷ୍ପୀୟ ପବନର କାଉଁରୀ ସ୍ପର୍ଶରେ ଆଶ୍ୱସ୍ତ ଜନ ଜୀବନ ଯେପରି ଆଷାଢ଼ର ପହିଲି ଜଳ ବିନ୍ଦୁକୁ ଚାତକ ପରି ସ୍ୱାଗତ ଜଣାଉଛି। ଭିଜା ମାଟିର ବାସ୍ନା ଏ ପାହାଡି ମୁଲକର ଅଧିବାସୀଙ୍କୁ ବିଭୋର କରି ଦେଉଥିବା ବେଳେ କେତେକ ଝିପିଝିପି ବର୍ଷା ବୁନ୍ଦାରେ ଭିଜିଭିଜି ତନ ମନକୁ ଶାନ୍ତ କରିବାରେ ଏତେ ମଜ୍ଜି ଯାଆନ୍ତି ଯେ ଭୁଲି ଯାଆନ୍ତି ଦୁନିଆର ସବୁକିଛି ଦୁଃଖ । ପାହାଡ଼ ପର୍ବତ ଜଙ୍ଗଲ ଘେରା ଧର୍ମଗଡ ଅଞ୍ଚଳର ଚାଷୀକୁଳ ବର୍ଷାର ଆଗମନକୁ ଚାହିଁ ବସିଥିଲେ ଆକାଶରେ କଳାହାଣ୍ଡିଆ ମେଘର ମାଳ ମାଳ ବଉଦ ଭେଳାକୁ ଦେଖି ସେମାନେ ଆଗାମୀ ଚାଷକୁ ନେଇ ଅନେକ ଆଶାବାଦୀ ହୋଇ ଉଠିଛନ୍ତି। ପ୍ରାୟତଃ ଏହି ପାହାଡି ଅଞ୍ଚଳ ରେ ମୌଷୁମି ବିଭାଗର ପୂର୍ବାନୁମାନ ଠିକ ଠିକଣା ନଥିବା କାରଣରୁ ଆଦ୍ୟ ଆଷାଢ଼ି ଆକାଶର ଭେଳା ଭେଳା ବଉଦ ମାଳାକୁ ଦେଖି ଆଉ ଚୁରା ପାହାଡ଼ କନ୍ଦରରୁ ବହି ଆସୁଥିବା ଦକ୍ଷିଣା ପବନର ଶିତଳ ପବନକୁ ପରଖି ଚାଷୀମାନେ ପହିଲି ବର୍ଷାର ସଠିକ ପୂର୍ବାନୁମାନ କରି ନିଅନ୍ତି। ସେଇଠୁ ଚାଷକାମ ସବୁ ଆରମ୍ଭ ହେଉଥିବା ଧର୍ମଗଡ ଅଞ୍ଚଳରେ ଦେଖିବାକୁ ମିଳିଥାଏ। ପାହାଡିଆ ମାଳାଞ୍ଚଳ କାରଣରୁ ଧର୍ମଗଡ ଅଞ୍ଚଳରେ ଗ୍ରୀଷ୍ମ ଦିନେ ଅନୁଭତ ହେଉଥିବା ଜଳକଷ୍ଟ ଆସି ବର୍ଷାରେ ଦୁରୀଭୂତ ହୋଇ ଯାଇଥାଏ । ଏଣୁ ବର୍ଷାର ଆଗମନ ଧର୍ମଗଡ ବାସୀଙ୍କ ପାଇଁ ଅନେକ ସ୍ୱପ୍ନ,ସଂକଳ୍ପ, ସମ୍ଭାବନା ଓ ସମୃଦ୍ଧି ଆଣିବାର ଶୁଭ ସଂକେତ ବୋଲି ଧର୍ମଗଡ ଅଞ୍ଚଳରେ ଥିବା ବିଶିଷ୍ଟ ସାହିତ୍ୟିକ, ପରିବେଶ ପ୍ରେମୀ ମାନେ ପ୍ରକାଶ କରିଛନ୍ତି ।

## 'ନିଶା ଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ୍ୟ ଚାଲାଣ ବିରୋଧୀ ଆନ୍ତର୍ଜାତୀୟ ଦିବସ'ପାଳିତ




**ସୁବର୍ଣ୍ଣପୁର,୨୬।୬(ସଂଚାର ବ୍ୟୁରୋ):** ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଶ୍ରୀ ଧନୁର୍ଦ୍ଧର ସେନାପତି ଙ୍କ ନିର୍ଦ୍ଦେଶ କ୍ରମେ ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ "ନିଶା ଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ୍ୟ ଚାଲାଣ ବିରୋଧୀ ଆନ୍ତର୍ଜାତୀୟ ଦିବସ" ସ୍ଥାନୀୟ ପଦ୍ମିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇ ଯାଇଛି ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଶ୍ରୀ ଦେବାଶିଷ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ମୂଳ ଉଦେଶ୍ୟ ଏବଂ ଏହି ଦିବସର ମହତ୍ୱ ବିଷୟରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ସଦର ଉପ ଆରକ୍ଷୀ ଅଧିକ୍ଷକ ଶ୍ରୀ ଚନ୍ଦ୍ର ଶେଖର ସବର, ସୋନପୁର ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଶ୍ରୀମତୀ ପଦ୍ମମାହଂସ ଦୋରା, ପଦ୍ମିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଇଂରାଜି ଅଧ୍ୟାପକ ଶ୍ରୀ ରାମ ନାରାୟଣ ପାଢ଼ୀ ପ୍ରମୁଖ ଯୋଗ ଦେଇ ଏହି ଦିବସ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ସିଦ୍ଧାନ୍ତ କୁମାର ବାଘ, କାହ୍ନୁ ଚରଣ ରଥ, ଅନାମ ସାହୁ ଏବଂ ବେଣୁଧର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।

### ଦେଶର ସର୍ବ ବୃହତ ଟେଲି ସଂସ୍ଥା ବିଏସଏନଏଲ ଏବେ କୋମାରେ!

## ଟେଲି ଏକ୍ସଚେଞ୍ଜ ଏହାର ଉଦାହରଣ ପାଲଟିଛି



**ବୈଶିଙ୍ଗା,୨୬।୬(ସଂଚାର ବ୍ୟୁରୋ):** ସ୍ୱାଧୀନତା ପରଠାରୁ ଦେଶରେ ଯୋଗାଯୋଗ କ୍ଷେତ୍ରରେ ଯେତେବେଳେ କୌଣସି ଟେଲି ଯୋଗାଯୋଗ ସଂସ୍ଥା କାର୍ଯ୍ୟକାରୀ ହୋଇ ପାରି ନ ଥିଲା, ସେତେବେଳେ କେବଳ ଭାରତ ସଂଚାର ନିଗମ ଲିମିଟେଡ ସଂସ୍ଥା ଯୋଗାଯୋଗ କ୍ଷେତ୍ରରେ ପ୍ରସାର କରି ପାରିଥିଲା । ଏହାପରେ ଯେତେ ଘରୋଇ ଟେଲି ଯୋଗା ଯୋଗ ସଂସ୍ଥା ଦେଶରେ କାର୍ଯ୍ୟକାରୀ ହୋଇଛି ସେ ସବୁ ବିଏସଏନଏଲ ମାଧ୍ୟମରେ ସାଧାରଣ ଲୋକଙ୍କୁ ସେବା ଯୋଗାଇଥିଲା ଏବେ ବି ଯୋଗାଇ ଚାଲିଛି। ଫରକ ହେଉଛି ଘରୋଇ ଟେଲି ସଂସ୍ଥା ନିଜର କାୟା ବିସ୍ତାର କରି ଗାଁ ଗହଳିରେ ଲକ୍ଷ ଲକ୍ଷ ଟାୱାର ସ୍ଥାପନ କରି ସେବାର ମାନ ବଢ଼ାଇଛି ସତ ମାତ୍ର ଲୋକଙ୍କ ପକେଟକୁ ଲୁଟ କରି ଚାଲିଛନ୍ତି। କିନ୍ତୁ ଯୋଗାଯୋଗ କ୍ଷେତ୍ରରେ ସେହି ବିଏସଏନଏଲ ସେତେବେଳେ ମହାଗୁରୁ ପାଲଟିଥିଲେ ମଧ୍ୟ ଏବେ କୋମାରେ ଥିବା ଜଣାଯାଇଛି। ଏହାର ଉଦାହରଣ ପାଲଟିଛି ବୈଶିଙ୍ଗା ବିଏସଏନଏଲ କାର୍ଯ୍ୟାଳୟ । ୧୯୯୫ ମସିହାରେ ଯେତେବେଳେ ଏକ୍ସଚେଞ୍ଜ କାର୍ଯ୍ୟକାରୀ ହେଲା ସେତେବେଳେ ମାତ୍ର ୧୦ଟି ଲ୍ୟାଣ୍ଡଲାଇନ ଜରିଆରେ ହିତାଧିକାରୀଙ୍କୁ ସଂଯୋଗ ଦିଆଯାଇଥିଲା।ପରେ ୨୫୬ ଏବଂ ପରେ ୫୧୨ ହିତାଧିକାରୀ ସୃଷ୍ଟି କରି ପାରିଥିଲା। ବିଭାଗୀୟ ଲାଇନ ମ୍ୟାନ, ହେଲପର ,କନିଷ୍ଠ ଯନ୍ତ୍ରୀଙ୍କ ସହିତ ବିଦ୍ୟୁତର ବିକଳ୍ପ ଭାବେ ନିଜସ୍ୱ ଜେନେରେଟର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଘରେ ଘରେ ଲୋକେ ଲ୍ୟାଣ୍ଡଲାଇନ ଯୋଗେ ଉନ୍ନତ ସେବା ପାଇ ପାରୁଥିଲେ। ମାତ୍ର ମୋବାଇଲ ଫୋନ ବ୍ୟବହାର ଆରମ୍ଭ ହେବା ପରେ ଲ୍ୟାଣ୍ଡଲାଇନ କୁ ହତାଦର କରିବା ସହିତ ବିଭାଗୀୟ କର୍ମଚାରୀ ଶୂନ କରି ଦିଆଗଲା। ଫଳରେ ସେବାରେ ବ୍ୟାଘାତ ସୃଷ୍ଟି ହେଲା ।

## ଗୋପବନ୍ଧୁଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ



**ବେତନଟୀ,୨୬।୬(ସଂଚାର ବ୍ୟୁରୋ):** ବେତନଟୀ ଉପକଣ୍ଠ ବାହନଡା ଗୋପବନ୍ଧୁ ସ୍ମାରକ କମିଟି ଦ୍ୱାରା ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ୯୭ ତମ ଶ୍ରାଦ୍ଧ ଦିବସ ପାଳନ କରାଯାଇଅଛି। ପ୍ରତିମୂର୍ତ୍ତିରେ ସମୂହ ଭାବେ ମାଲ୍ୟାର୍ପଣ ସହ ପୁଷ୍ପ, ଧୂପ, ଦୀପ, ଚନ୍ଦନ ପ୍ରଦାନ କରାଯାଇଥିଲା । ଉଭୟ 'ସମାଜ' ବେତନଟୀ ଓସିଭିଲ ସୋସାଇଟି, ବେତନଟୀର ମିଳିତ ସହଯୋଗରେ ସ୍ମାରକ କମିଟିର ସଦସ୍ୟ ମାନଙ୍କ ଉପସ୍ଥିତିର ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନ ଦର୍ଶନସମ୍ବନ୍ଧରେ ଶିକ୍ଷକ ବିମଳ କୁମାର ଜେନା, ସାମ୍ବାଦିକ ଅରୁଣ କୁମାର ଓତା ଓ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସୋସାଇଟିର ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭାରେ ମୟୂରଭଂଜ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ରବୀନ୍ଦ୍ର ନାଥ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ହରିଶ ଚନ୍ଦ୍ର ସାମଲ, ଲମ୍ବୋଦର ବେହେରା, ଜ୍ଞାନରଞ୍ଜନ ବେହେରା, ବାସୁଦେବ ନାପିତ,ଯତିନ୍ଦ୍ରନାଥ ସାହୁ, ହରେନ୍ଦ୍ର ନାଥ ବାରିକ, ଦୁର୍ଯ୍ୟୋଧନ ସିଂ ଆଦି ଉପସ୍ଥିତ ଥିଲେ । ଗୋପବନ୍ଧୁ କମିଟିର ସଭାପତି କମଳାକାନ୍ତ ନାୟକଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିବା ବେଳେ ସଂପାଦକ ବିକର୍ତ୍ତନ ସାମଲ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଓଡିଆଙ୍କ ପାଇଁ ଗୋପବନ୍ଧୁଙ୍କ ତ୍ୟାଗ ଅତୁଳନୀୟ



**କଣାସ, ୨୬।୬ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଅର୍ନ୍ତଗତ ସାରଓରା ପ୍ରାଥମିକ ବିଦ୍ୟାଳୟରେ ଆଜି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦିଲ୍ଲୀପ ଶ୍ରୀଚନ୍ଦନ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବସ୍ତ୍ର ଓ ମାଲ୍ୟା ଅର୍ପଣ କରିଥିଲେ। ହରଚଣ୍ଡି ଉ.ପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ହେମନ୍ତ ପ୍ରଧାନ ଜାତୀୟ ସଂଗୀତ, ଗୀତା ଓ ଅନୁଚିନ୍ତା ଉପସ୍ଥାପନା କରିଥିଲେ। ଛାତ୍ରଛାତ୍ରୀ ମାନେ ଗୋପବନ୍ଧୁଙ୍କ ସଂପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଓଡିଶାବାସୀଙ୍କ ପାଇଁ ସେବା, ସାହିତ୍ୟ, ସଂଗିତ, ସାମ୍ବାଦିକତା, ସ୍ୱାଧିନତା, ଶିକ୍ଷାକ୍ଷେତ୍ରରେ ଉତ୍କଳମଣିଙ୍କ ତ୍ୟାଗ ଅତୁଳନୀୟ ବୋଲି ପ୍ରଧାନଶିକ୍ଷକ ଶ୍ରୀଶ୍ରୀଚନ୍ଦନ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇଥିଲେ। ଗୋପବନ୍ଧୁଙ୍କ ମାଲ୍ୟାଅର୍ପଣ ଫଟୋ ଇ-ମେଲ୍‌ରେ ପଠାଗଲା ।

## ଶିମିଳିପାଳକୁ ଜୈବ ମଣ୍ଡଳ ସ୍ୱୀକୃତିର ଚିନ୍ତନ ଦିବସ ପାଳିତ



**ବେତନଟୀ,୨୬।୬(ସଂଚାର ବ୍ୟୁରୋ):** ଶିମିଳିପାଳ ଇକୋ ଫ୍ରେଣ୍ଡସ ମହୁଲିଆ ଏବଂ ଏପେକ୍ସ ଫରେଷ୍ଟ ପ୍ରୋଟେକ୍ସନ କମିଟି, ବେତନଟୀର ମିଳିତ ଆନୁକୂଲ୍ୟରେ ସିଭିଲ ସୋସାଇଟି ବେତନଟୀର ସହଯୋଗରେ ଶିମିଳିପାଳକୁ ଭାରତ ସରକାର ଜୈବ ମଣ୍ଡଳ ସ୍ୱୀକୃତିର ୩୨ତମ ଚିନ୍ତନ ଦିବସ ଉପଲକ୍ଷେ 'ଶିମିଳିପାଳର ଅତୀତ ବର୍ତ୍ତମାନ ଓ୍ ଭବିଷ୍ୟତ' ପ୍ରସଙ୍ଗରେ ଏକ ଆଲୋଚନା ଚକ୍ର ବନ୍ଧନ କଲ୍ୟାଣ ମଣ୍ଡପ ବେତନଟୀ ଠାରେ ଶିମିଳିପାଳ ଇକୋ ଫ୍ରେଣ୍ଡସର ସମ୍ପାଦକ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିକାଶ ମଞ୍ଚର ଆବାହକ ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ସମ୍ମାନିତ ଅତିଥିଭାବରେ ସିଭିଲ ସୋସାଇଟିର ସଭାପତି ଚୂଡ଼ାମଣି ମହାପାତ୍ର, ସାଧାରଣ ସମ୍ପାଦକ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି, କବି ସଙ୍ଗମର ସଭାପତି ବାସୁଦେବ ନାପିତ, ବରିଷ୍ଠ ନାଗରିକ ସଂଘ ମୟୂରଭଞ୍ଜର ସହ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର, ମୁଖ୍ୟବକ୍ତା ଭାବରେ ମୟୂରଭଞ୍ଜ ସାମ୍ବାଦିକ ସଂଘର ସଭାପତି ଅରୁଣକୁମାର ଓତା, ସମ୍ମାନିତବକ୍ତା ଭାବରେ ମୟୂର ସାହିତ୍ୟ ପରିଷଦର ସମ୍ପାଦକ ଯତୀନ୍ଦ୍ରନାଥ ସାହୁ,ଶିକ୍ଷବିତ ଗଣେଶ ଚନ୍ଦ୍ର ସାହୁ, ସମାଜସେୱୀ ଭୀମଚରଣ ପାତ୍ର,ସହଦେୱ ଗିରି,ରାଧା କୃଷ୍ଣ ଦଣ୍ଡପାଟ,ରବୀନ୍ଦ୍ର ଖଟୁଆ,ହରେନ୍ଦ୍ର ବାରିକ, ବିଜୟ କୁମାର ପଣ୍ଡା ପ୍ରମୁଖ ଯୋଗଦାନ କରି ଶିମିଳିପାଳ ଜୈବ ମଣ୍ଡଳ ଓଡିଶା, ବିହାର,ପଶ୍ଚିମ ବଙ୍ଗ, ଝାରଖଣ୍ଡ, ଛତିଶଗଡ଼ ପ୍ରମୁଖ ଅଞ୍ଚଳର ଜୀବନ ନାଟିକା ବୋଲି କହି ଏହାର ସୁରକ୍ଷା । ବିକାଶ ପାଇଁ ସରକାର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଜନ ସାଧାରଣ ନିରନ୍ତର ଉଦ୍ୟମ କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ।

## ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ପ୍ରଧାନମନ୍ତ୍ରୀ ସଡ଼କ ଏବେ ମରଣଯନ୍ତା



**ବୈଶିଙ୍ଗା,୨୬।୬(ସଂଚାର ବ୍ୟୁରୋ):** ଯେଉଁ ଦେଶର ରାସ୍ତା ସୁନ୍ଦର ସେ ଦେଶ ସେତେ ଉନ୍ନତ।ଆମ ଭାରତର କେନ୍ଦ୍ର ତଥା ରାଜ୍ୟ ସରକାର ସହର ସହିତ ଗ୍ରାମ ସଂଯୋଗ ପାଇଁ କୋଟି କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ସଡ଼କ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ଯୋଜନା କରୁଛନ୍ତି ସତ ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ନିମ୍ନମାନର କାର୍ଯ୍ୟ ପାଇଁ ବର୍ଷେ ଦୁଇ ବର୍ଷ ମଧ୍ୟରେ ଖରାପ ହୋଇଯାଉଛି। ଜିଲ୍ଲା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନ ୧୮ନମ୍ବଜାତୀୟ ରାଜପଥର ଜରକା ଠାରୁ ବୈଦିପୁର୍ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲେ ମଧ୍ୟ ବିଭାଗ ଏହି ରାସ୍ତାର ମରାମତି କରିବାର ନାମ ଧରୁନଥିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଯାନ ବାହାନ ଚଳା ଚଳରେ ବାଧା ଉପୁଜିଛି । ଏହି ରାସ୍ତାର ୭.୩୭୦କି ମି ରାସ୍ତା ତିଆରି ନିମନ୍ତେ ୨ କୋଟି୪୮ ଲକ୍ଷ ୮୮.୯୬୪ ଲକ୍ଷ ଅର୍ଥ ମଞ୍ଜୁରୀ କରାଯାଇତା ୨୮.୧୧.୨୧ରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏୱଂ ବିଧାୟକ ସନାତନ ବିଜୁଳି ଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ବେଳେ ୨୦୨୨ ମସିହା ଜୁଲାଇ ମାସ ରେ ଶେଷ ହେବା ସହିତ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ ହେବାର ଚୁକ୍ତି ରହିଛି।ମାତ୍ର ଏହି ରାସ୍ତା ମରାମତି ନହେବାରୁ ଏହା ସିଧା ସଳଖ ବିଭାଗ ର ଅପାରଗତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି, ଅର୍ଥ ଥାଇ ମଧ୍ୟ ଅବଧି ଶେଷ ହେବାକୁ ଆହୁରି ଦେଢ଼ ବର୍ଷ ରହିଥିବାବେଳେ ମରାମତି ନହେବା କାରଣ କଣ ବୋଲି ସାଧାରଣ ରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ତାହା ନଦେଖିଲେ ବିଶ୍ୱାସ ହେବ ନାହିଁ ।

## ମନରେଗା ମହାଦୁର୍ନୀତି ମାମଲାରେ କାର୍ଯ୍ୟାନୁଷ୍ଠାନ ଶୂନ



**ଖପ୍ରାଖୋଲ,୨୬।୬ (ସଂଚାର ବ୍ୟୁରୋ) :** ମନରେଗା ଗରିବଙ୍କ ଯୋଜନା। ସ୍ୱାବାଲମ୍ବି ହେବା ପାଇଁ ସରକାରଙ୍କ ଅଭିନବ ପ୍ରୟାସ କିନ୍ତୁ ଖପ୍ରାଖୋଲ ରେ ବାଟବଣା ମନରେଗା ଯୋଜନା। କାମ ନ ପାଇ ହିତାଧିକାରୀ ମାନେ ଦାଦନ ଖଟି ଯାଉଥିବା ବେଳେ ଜୋରସୋର ରେ ଚାଲିଛି ମନରେଗା କାମ । ଖାଲି କାଗଜ ପତ୍ର ରେ ଫାଇଲ ଚାଷ । ଲୋକ ପ୍ରତିନିଧି ଠୁଁ ଉପରିସ୍ଥ ବାବୁ ମାନେ ମାଲେମାଲ । ପକେଟ ଗରମ କରି ନିଦ୍ରା ରେ ପ୍ରଶାସନ । ଗୁହାରି କରିବ କାହାକୁ । ଯିଏ କାର୍ଯ୍ୟାନୁଷ୍ଠାନ ନେବା କଥା ସେଇ ବ୍ୟକ୍ତି ତ ଦୁର୍ନୀତି ରେ ସଂଶ୍ଳିଷ୍ଟ । ବାବୁ ମାନଙ୍କ ପାଖ କାଳେ ପ୍ରତ୍ୟେକ ମାସ ରେ ପହଂଚି ଯାଏ ପିସି । ବେଳେ ବେଳେ ତ ବାବୁ ମାନଙ୍କୁ ଖୁସ କରିବାକୁ ଦାମିକା ଗିଫ୍ଟ ମାନ ପଞ୍ଚାୟତ ରୁ ଆସୁଛି । ଫିଲଡ କୁ କାଇଁ ଯିବେ । ଅଭିଯୋଗ କଲେ ତଦନ୍ତ ନାଁ ରେ ଗଲା ବାଟ ଖୋଜି ନିଅନ୍ତି । ଉପରୁ ତଳ କୁ ସବୁଠି ଦୁର୍ନୀତି ର ଗନ୍ଧ। ଆଉ ପିସି ଦିଆ ନିଆ ଭିତରେ ପେଷି ହେଇ ଯାଉଛନ୍ତି ପ୍ରକୃତ ଶ୍ରମିକ । ସରକାରୀ ସ୍ତର ରେ ଖପ୍ରାଖୋଲ ବ୍ଲକ ର ଦୁର୍ନୀତି ହାଟେ ପଡି ଦାଣ୍ଡେ ଗଡୁଛି ଦେଖାଯାଉ କେବେ ହେଉଛି ତଦନ୍ତ ।

## ୩ ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ସଶ୍ରମ ଜେଲ୍ ଦଣ୍ଡ



**ବୈଶିଙ୍ଗା,୨୬।୬(ସଂଚାର ବ୍ୟୁରୋ):** ୨୦୨୧ ମସିହାରେ ବୈଶିଙ୍ଗା ଥାନା କଳମା ଅଞ୍ଚଳରେ ହୋଇଥିବା ଲୋମହର୍ଷଣକାରୀ ଗଣ ଦୁଷ୍କର୍ମ ଘଟଣାରେ ବୁଧବାର ମୟୂରଭଞ୍ଜ ଜିଲ୍ଲା ଓ ଦୌରା ଜଜ୍ କୋର୍ଟରେ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସୁଦୀପ୍ତ ଆଚାର୍ଯ୍ୟ ଏହି ମାମଲାର ବିଚାର କରି ଏହି ଘଟଣାରେ ସମ୍ପୃକ୍ତ ୩ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଲେଖାଏଁ କାରାଦଣ୍ଡାଦେଶ ଶୁଣାଣି କରିଛନ୍ତି । ଏଥି ସହିତ ୧୦,୦୦୦ ଟଙ୍କା ଜରିମାନା ଅନାଦେୟ ଅଧିକ ୧ବର୍ଷର କାରାଦଣ୍ଡ ନେଇ ରାୟରେ ଉଲ୍ଲେଖ କରିଛନ୍ତି। ଦଣ୍ଡ ପାଇଥିବା ବ୍ୟକ୍ତିମାନେ ହେଲେ ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ପଦ୍ମପୁର ଅଞ୍ଚଳର ରାଜେଶ ଜେନା, ରାକେଶ ଜେନା, ଦିକ୍ସିତ ଜେନା। ପ୍ରାପ୍ତ ସୂଚନା ମୁତାବକ ୨୦୨୧ ମସିହା ର ଦଶହରା ରାତ୍ରୀ ୮ ଘଟିକା ସମୟରେ ବୈଶିଙ୍ଗା ଥାନା ଅଧୀନ କଳମା ପଞ୍ଚାୟତର ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ରଙ୍ଗ କରଖାନା ନିକଟ ଜଙ୍ଗଲରେ ଏହି ଗଣ ଦୁଷ୍କର୍ମ ଘଟଣା ଘଟିଯାଇଥିଲା । ବାଲେଶ୍ୱର ଜିଲ୍ଲାର +୩ରେ ପଢୁଥିବା ସମ୍ପୃକ୍ତା ଯୁବତୀ ତାଙ୍କର ସାହୁପଡ଼ା ଗ୍ରାମର ପୁରୁଷ ବନ୍ଧୁଙ୍କ ସହ ସାନ୍ଧ୍ୟ ଭ୍ରମଣରେ ଯାଇ କଳମା ଜଙ୍ଗଲ ନିକଟସ୍ଥ ଖେଳପଡ଼ିଆରେ କଥପୋକଥନ ହେଉଥିବା ସମୟରେ ବାଲେଶ୍ୱର ଜିଲ୍ଲା ସଦର ଥାନା ଅନ୍ତର୍ଗତ ପଦ୍ମପୁର ଅଞ୍ଚଳର ରାଜେଶ ଜେନା, ରାକେଶ ଜେନା, ଦିକ୍ସିତ ଜେନା ମିଶି ପୁରୁଷ ବନ୍ଧୁଙ୍କୁ ମାଡ ମାରି ସମ୍ପୃକ୍ତା ଯୁବତୀକୁ ନିକଟସ୍ଥ ଜଙ୍ଗଲକୁ ନେଇ ଗଣଦୁଷ୍କର୍ମ କରିଥିଲେ। ରାତ୍ରୀ ପେଟ୍ରୋଲିଂ ସମୟରେ ମହିଳା ଏସଆଇ ଓ ଅନ୍ୟ କର୍ମଚାରୀ ସର୍ଚ୍ଚ ଲାଇଟ ଯୋଗେ ଦୁଇଟି ମୋଟର ସାଇକେଲ ଛିଡ଼ା ହୋଇଥିବାର ଦେଖି ସନ୍ଦେହଜାତ ହେବାରୁ ପୁରୁଷ ବନ୍ଧୁଙ୍କୁ ଅଟକାଇଥିବା ଅଭିଯୁକ୍ତକୁ ଧରିଥିଲେ। ଅନ୍ୟ ଅଭିଯୁକ୍ତ ଦୁଇ ଜଣ ଯୁବତୀକୁ ଛାଡି ଅନ୍ଧାର ଜଙ୍ଗଲରେ ଲୁଚି ଯାଇଥିଲେ। ଯୁବତୀ, ପୁରୁଷ ବନ୍ଧୁ ଓ ଅଭିଯୁକ୍ତ ତିନି ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ।

### ୧୫ଦିନ ଅପେକ୍ଷାର ଅନ୍ତ

## ନବଯୌବନ ବେଶରେ ଦର୍ଶନ ଦେଲେ ମହାପ୍ରଭୁ



**ନୀଳଗିରି,୨୬।୬ (ସଂଚାର ବ୍ୟୁରୋ):** ତୃତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ନୀଳଗିରିରେ ତିନି ଠାକୁର ନବ ଯୌବନ ବେଶରେ ଦର୍ଶନ ଦେଲେ ଭକ୍ତଙ୍କୁ । ୧୪ ଦିନ ମହାପ୍ରଭୁ ଅସୁସ୍ଥ ହୋଇ ରହିବା ପରେ ଦସ ମୂଳ ମୋଦକ ଖାଇବା ପରେ ସୁସ୍ଥ ହୋଇଥିଲେ। ନୀଳଗିରିରେ ଆଜି ଭଗବାନ-ଭକ୍ତ-ରଥର ମହାମିଳନ ପର୍ବ ଆରମ୍ଭ ହେବା ସହ ଧାଡି ପହଣ୍ଡିରେ ରଥାରୂଢ଼ ହେବେ ଚତୁର୍ଦ୍ଧା ମୂର୍ତ୍ତୀ। ଏହିକ୍ରମରେ ସୁକ୍ରବାର ଦିନରେ ନୀଳଗିରି ରାଜା ରାଣୀଙ୍କ ଦ୍ୱାରା ସୁବର୍ଣ୍ଣ ଆଳତୀରେ ବନ୍ଦାପନା, ନେତ୍ରୋତ୍ସବ, ଶ୍ରୀଜୀଉଙ୍କ ନବଯୈବନ ଦର୍ଶନ, ଆଗ୍ୟାମାଳ ବିଜେ, ରଥ ପ୍ରତିଷ୍ଠା, ମଗଂଳାର୍ପଣ, ଡୋରଲାଗି, ରାଜନୀତୀ ବନ୍ଦାପନା, ଶ୍ରୀଗୁଣ୍ଡିଚା ପହଣ୍ଡି ଓ ରଜା ସାହେବଙ୍କ ଦ୍ୱାରା ଛେରାପହଁରା କରାଜିବା ସହ ପଣ୍ଡା ପଢ଼ିଆରୀମାନେ ପ୍ରଥମେ ଚକ୍ରରାଜ ସୂର୍ଦ୍ଦଷନ, ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅଣସର ଚକାଡାରୁ ଝୁଲାଇ ଝୁଲାଇ ରଥକୁ ଧାଡି ପହଣ୍ଡିରେ ବିଜେ କରାଇଥାନ୍ତି। ପରେ ରାମକୃଷ୍ଣ ମୋଦନ ମୋହନ ଓ ସୁର୍ଦଶନ ଆସିଥିଲେ। ଶ୍ରୀମନ୍ଦିରରୁ ବାହାରି ଆସି ବଡଦାଣ୍ଡରେ ଭକ୍ତଙ୍କୁ ଦର୍ଶନ ସମୟରେ ନାମ ସଂକୀର୍ତ୍ତନ, ଜୟ ଜଗନ୍ନାଥ, ଘଣ୍ଟ, ଘଣ୍ଟା, କାହାଳି, ଛତ୍ର, ଆଲୋଟ, ତ୍ରାସ ଓ ପାରମ୍ପରିକ ବାଦ୍ୟ ଯନ୍ତ୍ର ଗହଣରେ ପ୍ରକମ୍ପିତ ହେଇ ଉଠେ। କାଲି ଠାରୁ ଦୁଇ ଦିନ ଧରି ଚାଲିବ ଘୋଷଯାତ୍ରା। ଅନ୍ୟପକ୍ଷରେ ନୀଳଗିରି ରଥଯାତ୍ରା ବହୁ ବର୍ଷ ପୂର୍ବରୁ ହୋଇଆସୁଥିବା ବେଳେ ପୁରୀ ଶ୍ରୀମନ୍ଦିର ଭଳି ନିତିକାନ୍ତି ଅନୁସାରେ ପାଳିତ ହୋଇଆସୁଛି ।

## ଅନିୟମିତତା ବର୍ଷା ଯୋଗୁଁ ଧାନଜମିରେ ଘାସ



**କଣାସ,୨୬।୬(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବା ବେଳେ ଅନିୟମିତତା ବର୍ଷା ଯୋଗୁଁ ଭାତହାଣ୍ଡି ଭାବେ ପରିଚିତ ପୁରୀ ଜିଲ୍ଲାର କଣାସ ବ୍ଲକ ଅନେକ ଜମି ଘାସମୟ ହୋଇଯାଇଥିବାରୁ ଚାଷୀମାନେ ଆଉ ଶାରଦଧାନ ଫସଲ କରିବାପାଇଁ ଇଛାପ୍ରକାଶ କରୁନଥିବା ଦେଖିବାକୁ ମିଳିଛି । ଯେଉଁ ଜମିରେ ଶାରଦଧାନ ଚାଷ ହେଉଥିଲା ସେହି ଜମିର ବର୍ତ୍ତମାନ ଗୋରୁଚରୁଥିବା ଦେଖିବାକୁ ମିଳୁଛି । ମଜୁରୀ ମୂଲ୍ୟ ବୃଦ୍ଧି ଯୋଗୁଁ ଚାଷୀମାନେ ଶାରଦ ଧାନଫସଲ କରିବାକୁ ଇଛାପ୍ରକାଶ କରୁନାହାନ୍ତି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ



**ଭୁବନେଶ୍ୱର, ୨୬।୬ (ସଂଚାର ବ୍ୟୁରୋ) :** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ଓଡ଼ିଶୀ କଣ୍ଠସଂଗୀତ ବିଭାଗର ମିଳିତ ଆନୁକୂଲ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ତାଙ୍କ ବକ୍ତବ୍ୟରେ ଉତ୍କଳମଣି ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନୀ ସହ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାର ସାମଗ୍ରିକ ବିକାଶ ନିମନ୍ତେ ନିରବଚ୍ଛିନ୍ନ ସାଧନା ସହ ସାମ୍ବାଦିକତା କ୍ଷେତ୍ରରେ ତତ୍କାଳୀନ ଓଡ଼ିଶାର ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେଇଥିବା ଗୋପବନ୍ଧୁ ପ୍ରକୃତପକ୍ଷେ ନୂତନ ଓଡ଼ିଶାର ଅଗ୍ରଜ ନିର୍ମାତା ଥିଲେ। ତ୍ୟାଗପୂର୍ଣ୍ଣ ସମାଜସେବା, ସ୍ୱଚ୍ଛତା ଓ ନାରୀ ଶିକ୍ଷା କ୍ଷେତ୍ରରେ ପଣ୍ଡିତ ଗୋପବନ୍ଧୁ ହିଁ ପ୍ରଥମେ ଅଭିଯାନ ଆରମ୍ଭ କରିଥିଲେ। ଗୋପବନ୍ଧୁଙ୍କ କାଳଜୟୀ ସାହିତ୍ୟ ଓ ଓଡ଼ିଶା ପ୍ରତି ତାଙ୍କର ଐତିହାସିକ ଅବଦାନ ସବୁବେଳେ ଅବିସ୍ମରଣୀୟ ହୋଇ ରହିବ ବୋଲି କୁଳପତି କହିଥିଲେ। ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ବିଭାଗ ମୁଖ୍ୟ ପ୍ରଫେସର ପୀତବାସ ପ୍ରଧାନ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଗୋପବନ୍ଧୁଙ୍କ ସାମ୍ବାଦିକତା ସାମାଜିକ ସଚେତନତା ଓ ଜାତୀୟବାଦ ଚେତନା ଉପରେ ଆଧାରିତ ଥିଲା ବୋଲି କହିଥିଲେ। ଓଡ଼ିଶାରେ ଦାୟିତ୍ୱବାନ ସାମ୍ବାଦିକତାର ମୂଳଦୁଆକୁ ଶସକ୍ତ କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡ. ରମେଶ ଚନ୍ଦ୍ର ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ମାତୃଭାଷା ଓ ମାତୃଭୂମି ପ୍ରତି ଅବଦାନ ସମ୍ପର୍କରେ ଉଲ୍ଲେଖ କରିବା ସହ ତାଙ୍କର ସାମଗ୍ରିକ ସାହିତ୍ୟ କୃତି ଓ ସମାଜସେବା ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ। ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କୁ ସତ୍ୟବାଦୀ ଚେତନାର ବରେଣ୍ୟ ସାଧକ ଭାବେ ଅଭିହିତ କରିବା ସହ ମହାନ ଚିନ୍ତାନାୟକ ଗୋପବନ୍ଧୁଙ୍କ ସାମାଜିକ ଓ ସାହିତ୍ୟିକ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସଂଯୋଜନା କରିଥିବାବେଳେ ଡ. ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଓଡ଼ିଶୀ କଣ୍ଠ ସଂଗୀତ ବିଭାଗ ପକ୍ଷରୁ ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଓ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା, ସହକାରୀ ପ୍ରଫେସର ଡ. ଜବାହର ମିଶ୍ର, ଡ. ନିଳାଦ୍ରୀ କଲ୍ୟାଣ ଦାସ ଓ ଶ୍ରୀ ଦୁଷ୍ମନ୍ତ କୁମାର ପରିଡ଼ାଙ୍କ ସହଯୋଗରେ ଗୋପବନ୍ଧୁଙ୍କ ରଚନାରୁ କଣ୍ଠସଂଗୀତ ପରିବେଷଣ କରାଯାଇଥିଲା।




# ସ୍ୱାସ୍ଥ୍ୟ

## ଡାକ୍ତରଙ୍କୁ ୫ ପ୍ରଶ୍ନ

## ଶରୀରକୁ ବୁଝି ଖାଦ୍ୟ ଗ୍ରହଣ କରନ୍ତୁ

**➘ ଜରୁରିକାଳୀନ ଚିକିତ୍ସା (କାଜୁଆଲ୍‌ଟି) ବିଭାଗକୁ ଆଜିକାଲି କେଉଁ ପ୍ରକାର ରୋଗୀ ଅଧିକ ଆସୁଛନ୍ତି?**

ବର୍ଷ ତମାମ କାଜୁଆଲ୍‌ଟିକୁ ଅଧିକ ସଂଖ୍ୟାରେ ଗ୍ୟାଷ୍ଟ୍ରିକ୍ ରୋଗୀ ହିଁ ଆସିଥା'ନ୍ତି। ଗତ ୧୦ ବର୍ଷ ହେଲା ଗ୍ୟାଷ୍ଟ୍ରିକ୍ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆଜିକାଲି ଲୋକମାନଙ୍କର ବିଳମ୍ବରେ ଶୋଇବା ଓ ବିଳମ୍ବରେ ଉଠିବା, ଘର ଖାଦ୍ୟ ଛାଡ଼ି ବାହାର ଖାଦ୍ୟ ଖାଇବା ଅଭ୍ୟାସ ଓ ସକାଳ ଜଳଖିଆରେ ରୁଟି, ଚୁଡ଼ା, ଛତୁଆ ବଦଳରେ ତୈଳଯୁକ୍ତ ଖାଦ୍ୟ ଖାଇବା ଯୋଗୁଁ ଗ୍ୟାଷ୍ଟ୍ରିକ୍ ଧୀରେଧୀରେ ବିସ୍ଫୋରକ ରୂପ ନେଲାଣି।

**➘ ଗ୍ୟାଷ୍ଟ୍ରିକ୍ ସମସ୍ୟା ଆପେ ଠିକ୍ ହୋଇପାରେ କି?**

ଗ୍ୟାଷ୍ଟ୍ରିସ୍ ସମସ୍ୟା ସାଧାରଣ ହୋଇପାରେ ବା ଅତି ଗୁରୁତର ବି ହୋଇପାରେ। ଶରୀରର ନିଜର ସ୍ୱ-ଉପଚାରାତ୍ମକ କ୍ଷମତା ରହିଥିବାରୁ ସାଧାରଣ ଭାବେ ହେଉଥିବା ଗ୍ୟାଷ୍ଟ୍ରିକ୍ ଆପେ ଆପେ ଭଲ ହୋଇଯାଏ ବା ସାଧାରଣ ଘରୋଇ ଚିକିତ୍ସାରେ ରୋଗୀ ସୁସ୍ଥ ଅନୁଭବ କରେ। କିନ୍ତୁ ଗୁରୁତର ଗ୍ୟାଷ୍ଟ୍ରିକ୍ ସମସ୍ୟା ପାଇଁ ଚିକିତ୍ସା ଓ ଡାକ୍ତରଙ୍କ ପରାମର୍ଶ ଅତ୍ୟାବଶ୍ୟକ।



ଡାକ୍ତର ଇପ୍‌ସିତା ମହାନ୍ତି
କ୍ୟାପିଟାଲ୍ ହସ୍‌ପିଟାଲ୍
ଭୁବନେଶ୍ୱର

**➘ ଗ୍ୟାଷ୍ଟ୍ରିକ୍ ପୀଡ଼ିତଙ୍କ ଲାଗି ଲେମ୍ବୁପାଣି ଉପକାରୀ ନା ବିପଜ୍ଜନକ?**

ଲେମ୍ବୁପାଣିର ଆଲ୍‌କାଲାଇଜିଂ ପ୍ରଭାବ ଯୋଗୁଁ ଅନେକଙ୍କ କ୍ଷେତ୍ରରେ ବଦ୍‌ହଜମି ବା ଛାତିଜ୍ୱଳନ ଆଦି ଲକ୍ଷଣ ଶାନ୍ତ ହୋଇପାରେ। କିନ୍ତୁ ବ୍ୟକ୍ତି ବିଶେଷରେ ଲେମ୍ବୁପାଣିର ପ୍ରଭାବ ଭିନ୍ନ ହୋଇଥାଏ। ଦୀର୍ଘକାଳୀନ ପାଚନ ସମ୍ବନ୍ଧୀୟ ରୋଗ ବା ଏସିଡ୍ ରେଫ୍ଲକ୍ସ ରୋଗୀଙ୍କ ପାଇଁ ଏହା ବିପଜ୍ଜନକ ହୋଇପାରେ। ଏଣୁ ରୋଗୀ ନିଜ ଶରୀରର ହାବଭାବକୁ ଲକ୍ଷ୍ୟ କରି ତା' ଅନୁସାରେ ଖାଦ୍ୟଗ୍ରହଣ କରିବା ଉଚିତ। ଗରମ ପାଣି ବି ଠିକ୍ ସେହିଭଳି କିଛି ଲୋକଙ୍କୁ ଆରାମ ଦିଏ ତ କିଛି ଲୋକଙ୍କ ଅସୁବିଧା ବଢ଼ାଇଦିଏ।

**➘ ଗ୍ୟାଷ୍ଟ୍ରିକ୍‌ରୁ ଦୂରେଇ ରହିବା ପାଇଁ ସକାଳୁ ଆମେ କ'ଣ ପିଇବା ଠିକ୍?**

ସକାଳୁ ଉଠିଲେ ଚା' ପିଇବା ଅନେକଙ୍କ ଅଭ୍ୟାସ। କିନ୍ତୁ କ୍ଷୀରରେ ତିଆରି ଚା' ବଦଳରେ ହର୍ବାଲ ଚା' (ଅଦା ଚା' ବା କ୍ୟାମେମାଇଲ୍ ଚା') ପିଇବା କେବଳ ଗ୍ୟାଷ୍ଟ୍ରିକ୍ ରୋଗୀଙ୍କ ପାଇଁ ନୁହେଁ, ସବୁ ଲୋକଙ୍କ ପାଇଁ ଉପକାରୀ ହୋଇପାରେ। ସେହିଭଳି ନନ୍-ସାଇଟ୍ରସ୍ ଫଳ ଯେମିତିକି ସେଓ ଓ ନାସପାତି ଜୁସ୍ ସକାଳୁ ପିଇବା ଶରୀର ପାଇଁ ହିତକର ହୋଇଥାଏ।

**➘ ଗ୍ୟାଷ୍ଟ୍ରିକ୍ ବେମାରିକୁ ସବୁଦିନ ପାଇଁ କେମିତି ଦୂରେଇ ପାରିବା? ଏହାର ସ୍ଥାୟୀ ଉପଚାର କ'ଣ?**

ଶରୀର ମାନେ ତ ରୋଗ ଅଛି। କିନ୍ତୁ ଯତ୍ନବାନ ରହିଲେ ଆମେ ରୋଗର ଲକ୍ଷଣକୁ ଠିକ୍ ଭାବେ ନିୟନ୍ତ୍ରଣ କରିପାରିବା। ବାହାର ଖାଦ୍ୟ ଅଧିକ ଖାଇବା ନାହିଁ, ଯଦି ବି ବାହାର ଖାଦ୍ୟ ଖାଇବାକୁ ପଡୁଛି, ତେବେ ପ୍ରଚୁର ପରିମାଣରେ ପାଣି ପିଇବା। ବିଶେଷ କରି ଦେହ ଖରାପ ସମୟରେ ବିଲ୍‌କୁଲ୍ ବାହାର ଖାଦ୍ୟ ଖାଇବା ନାହିଁ। ନିଜର ଗ୍ୟାଷ୍ଟ୍ରିକ୍ ଅବସ୍ଥାକୁ ଠିକ୍ ଭାବେ ଲକ୍ଷ୍ୟ କରି ଏହାର ମୂଳ କାରଣକୁ ପ୍ରଥମେ ସମାଧାନ କରିବାକୁ ଚେଷ୍ଟା କରିବା। ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ ଦ୍ୱାରା ତଥା ଏକ ସୁସ୍ଥ ଓ ଶୃଙ୍ଖଳିତ ଜୀବନଶୈଳୀ ଦ୍ୱାରା ଆମେ ଗ୍ୟାଷ୍ଟ୍ରିକ୍‌କୁ ନିୟନ୍ତ୍ରଣ କରିପାରିବା।





## ବିଶୋଧିତ ପାଣି ଜୀବାଣୁମୁକ୍ତ, କିନ୍ତୁ ସୁରକ୍ଷିତ କି?

ନିୟମିତ ବିଶୋଧିତ ଜଳ ପିଇବା ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି ଆମେ ଜାଣିଛେ। ତେବେ କ୍ଲୋରିନ୍ ଦ୍ୱାରା ବିଶୋଧିତ ଜଳ ନିୟମିତ ପିଇଲେ ମୂତ୍ରାଶୟ କର୍କଟ, ଗୁହ୍ୟଦ୍ୱାର କର୍କଟ ଓ ବୃକ୍କ କର୍କଟ ହେବାର ଆଶଙ୍କା ଅଧିକ ବୋଲି ଏକ ସଦ୍ୟ ଅନୁଧ୍ୟାନରୁ ଜଣାଯାଇଛି।

ସୂଚନାଯୋଗ୍ୟ, ଆମ ଦେଶରେ ଏବେ ବି ହଇଜା, ଟାଇଫଏଡ୍ ଓ ଡିସେଣ୍ଟ୍ରି ପରି ଜଳବାହିତ ରୋଗ ସାଧାରଣ କଥା ହୋଇ ରହିଛି। ତେଣୁ ଜଳରୁ ବିଭିନ୍ନ ପ୍ରକାର ରୋଗ ସୃଷ୍ଟିକାରୀ ବୀଜାଣୁ ଓ ଭୂତାଣୁକୁ ଦୂର କରିବା ପାଇଁ ଜଣାଶୁଣା ସଂକ୍ରାମକବିରୋଧୀ କ୍ଲୋରିନ୍ ଦ୍ୱାରା ଜଳକୁ ବିଶୋଧନ କରାଯାଇଥାଏ। ସାର୍ବଜନୀନ ସ୍ୱାସ୍ଥ୍ୟ ପାଇଁ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଶୋଧିତ ଜଳ ଯୋଗାଇ ଦିଆଯାଇଥାଏ। ମାତ୍ର ଲୋକଙ୍କର ଏହି ସୁବିଧା ପଛରେ ଏକ ଗୋପନ କ୍ଷତି ରହିଥିବା କଥା ସମସ୍ତଙ୍କୁ ଜଣାନାହିଁ। ବିଶେଷଜ୍ଞ ଡାକ୍ତରମାନଙ୍କ କହିବାନୁଯାୟୀ, ଯଦିଓ କ୍ଲୋରିନ୍ ନିଜେ କର୍କଟ ସୃଷ୍ଟିକାରୀ (କାର୍ସିନୋଜେନିକ୍) ନୁହେଁ, ତେବେ ଜଳରେ ମିଶି ରହିଥିବା ପତ୍ର, ଧୂଳି ଓ ଶୈବାଳ ପରି ପ୍ରାକୃତିକ ଜୈବ ପଦାର୍ଥ ସଂସ୍ପର୍ଶରେ ଆସିଲେ ତାହା ପ୍ରତିକ୍ରିୟା କରି ଟ୍ରାଇହାଲୋମିଥେନ୍ (ଟିଏଚ୍‌ଏମ୍) ଓ ହାଲୋଏସିଟିକ୍ ଏସିଡ୍ (ଏଚ୍‌ଏଏ) ପରି ବିଷାକ୍ତ ରାସାୟନିକ ଉତ୍ପାଦ ଛାଡ଼ିଥାଏ। ସେଗୁଡ଼ିକ ଆମର ଡିଏନ୍‌ଏକୁ ନଷ୍ଟ କରି କର୍କଟ କୋଷ ବୃଦ୍ଧିକୁ ପ୍ରୋତ୍ସାହିତ କରିଥାଏ। ତଥାକଥିତ କ୍ଲୋରିନ୍ ପରିଷ୍କୃତ ଜଳରେ ଥିବା ଏହି ବିଷାକ୍ତ ଯୌଗିକଗୁଡ଼ିକ ଆମ ଶରୀରକୁ ପ୍ରବେଶ କରି ନିଷ୍କାସନ ପ୍ରକ୍ରିୟାରେ ଧୀରେ ଧୀରେ ମୂତ୍ରାଶୟରେ ଜମାଟ ବାନ୍ଧି ରହିଥା'ନ୍ତି। ତେଣୁ ମୂତ୍ରାଶୟ କର୍କଟ ହେବାର ଆଶଙ୍କା ଅଧିକ ରହିଥାଏ। ସେହିପରି ଦୀର୍ଘ ଦିନ ଧରି ଏହି ଜଳ ପାନ କରିବା ଦ୍ୱାରା ସେହି ବିଷାକ୍ତ ପଦାର୍ଥଗୁଡ଼ିକ ପାକ ପ୍ରଣାଳୀରେ, ବିଶେଷ କରି ବୃହଦାନ୍ତ୍ରରେ ଠୁଳ ହୋଇଥା'ନ୍ତି। ସୁତରାଂ ଗୁହ୍ୟଦ୍ୱାର କର୍କଟ ହେବାର ଆଶଙ୍କା ମଧ୍ୟ ବଢ଼ିଥାଏ। ସେହିପରି ଦୂଷିତ ରକ୍ତକୁ ପରିଷ୍କୃତ କରୁଥିବା ବୃକ୍କ ଦୁଇଟି ଏହି ବିଷାକ୍ତ ପଦାର୍ଥଗୁଡ଼ିକୁ ଛାଣିଦେଇଥା'ନ୍ତି। କାଳକ୍ରମେ ତାହା ବୃକ୍କରେ ଜମିରହି କର୍କଟର ଆଶଙ୍କା ବଢ଼ାଇଥାଏ। ବିଶେଷ କରି ପ୍ରତ୍ୟହ କ୍ଲୋରିନ୍ ଦ୍ୱାରା ପରିଷ୍କୃତ ଜଳ ପିଉଥିବା ସହରବାସୀ ଏଭଳି ଗୋପନ ଶତ୍ରୁର ଶିକାର ହୋଇଥା'ନ୍ତି। ଏଥି ସହିତ ଗ୍ରାମାଞ୍ଚଳରେ ଯୋଗାଯାଉଥିବା ଜଳର ବିଶୁଦ୍ଧତା ନିୟମିତ ଯାଞ୍ଚ ହେଉନଥିବାରୁ ଜଳରେ କ୍ଲୋରିନ୍ ସ୍ତର ଅନିୟନ୍ତ୍ରିତ ରହିଥାଏ। ସୁତରାଂ ସେହି ଜଳ ପାନ କରୁଥିବା ଗ୍ରାମାଞ୍ଚଳବାସୀ ମଧ୍ୟ ଏହାର ଶିକାର ହୋଇଥା'ନ୍ତି। ଟିଏଚ୍‌ଏମ୍‌ଗୁଡ଼ିକ ଶରୀର ଗଠନ ପ୍ରକ୍ରିୟାର ପ୍ରତିରୋଧୀ ହୋଇଥିବାରୁ ଗର୍ଭବତୀ ମହିଳା ଓ ଶିଶୁଙ୍କଠାରେ ଏଥି ଜନିତ କର୍କଟର ବେଶୀ ଆଶଙ୍କା ରହିଛି। ଏଭଳି ଆଶଙ୍କାକୁ ଦୂରେଇବା ଲାଗି କ୍ଲୋରିନ୍ ପରି ସଂକ୍ରାମକବିରୋଧୀ ବିଶୁଦ୍ଧକାରୀ ରସାୟନ ବ୍ୟବହାରକୁ ତ ସଂପୂର୍ଣ୍ଣ ବନ୍ଦ କରିହେବନାହିଁ। ତେଣୁ ଏହି ସମସ୍ୟାର ସମାଧାନ ସ୍ୱରୂପ, ଜଳ ବିଶୋଧନରେ ଅଙ୍ଗାର ପରିସ୍ରାବକ ବ୍ୟବହାର କଲେ ତାହା ଜଳରୁ କ୍ଲୋରିନ୍ ଓ ତାହାର ଅନ୍ୟାନ୍ୟ ଉତ୍ପାଦଗୁଡ଼ିକୁ ଛାଣି ପାରିବ। ଏଥି ସହିତ ପିଇବା ପାଣିକୁ ଏକ ଖୋଲା ପାତ୍ରରେ କିଛି ସମୟ ରଖିଲେ ସେଥିରୁ କିଛି ପରିମାଣରେ କ୍ଲୋରିନ୍ ବାଷ୍ପୀଭୂତ ହୋଇ ଉଡ଼ିଯାଇଥାଏ। ପିଇବା ପୂର୍ବରୁ ପାଣିକୁ ଫୁଟାଇ ପିଇବା ମଧ୍ୟ ଶ୍ରେୟସ୍କର। ଯଦିଓ ତାହା ଦ୍ୱାରା ଟିଏଚ୍‌ଏମ୍‌ଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ ହୁଏ ନାହିଁ, ତେବେ ତାହାର ପରିମାଣ ଯଥେଷ୍ଟ କମିଯାଏ। ଏଥି ସହିତ ଅତିବାଇଗଣୀ ପରିସ୍ରବଣ (ୟୁଭି ଫିଲଟ୍ରେସନ୍) ଓ ବିପରୀତ ପରିସରଣ (ଆର୍‌ଓ) ପରି ବିକଳ୍ପ ଜଳ ବିଶୋଧନ ପ୍ରଣାଳୀ ଆପଣେଇବା ଉଚିତ, ଯହିଁରେ କୌଣସି ବିଷାକ୍ତ ଉତ୍ପାଦ ବାହାରକୁ ବାହାରିନଥାଏ।

> **କ୍ଲୋରିନ୍ ଦ୍ୱାରା ବିଶୋଧିତ ଜଳ ବିଭିନ୍ନ ସଂକ୍ରାମକ ରୋଗରୁ ସୁରକ୍ଷା ଦେଉଥିବା ବେଳେ ସେହି ପାଣି ନିୟମିତ ପିଇଲେ ମୂତ୍ରାଶୟ, ଗୁହ୍ୟଦ୍ୱାର ଓ ବୃକ୍କ କର୍କଟର ଆଶଙ୍କା ବଢ଼ିଥାଏ ବୋଲି ଏକ ଅନୁଧ୍ୟାନରୁ ଜଣାପଡ଼ିଛି।**

## କେଉଁଟି ଅଧିକ ସ୍ୱାସ୍ଥ୍ୟକର





| ମଇଦା ପାଉଁରୁଟି (୧୦୦ ଗ୍ରାମ) | ପୋଷକ ତତ୍ତ୍ୱ | ଅଟା ପାଉଁରୁଟି (୧୦୦ ଗ୍ରାମ) |
|---|---|---|
| ୨୬୬ କିଲୋକ୍ୟାଲୋରି | କ୍ୟାଲୋରି | ୨୫୨ କିଲୋକ୍ୟାଲୋରି |
| ୮.୯ଗ୍ରାମ | ପୁଷ୍ଟିସାର | ୧୨.୫ଗ୍ରାମ |
| ୨.୭ ଗ୍ରାମ | ଫାଇବର୍ | ୬.୦ ଗ୍ରାମ |
| ୪୯.୪ ଗ୍ରାମ | ଶ୍ୱେତସାର | ୪୨.୭ଗ୍ରାମ |
| ୩.୩ ଗ୍ରାମ | ସ୍ନେହସାର | ୩.୫ ଗ୍ରାମ |
| ୧୦୦% | ମଇଦା | ୬୮% |
| ୦% | ଅଟା | ୩୨% |

ଅଟା ତିଆରି ପାଉଁରୁଟି ବେଶ୍ ସ୍ୱାସ୍ଥ୍ୟକର ବୋଲି ଆମର ଧାରଣା ରହିଛି। ଏଣୁ ମଇଦା ତିଆରି ସୁଆଦିଆ ପାଉଁରୁଟି ଛାଡ଼ି ଅନେକ ଅଟା ପାଉଁରୁଟିକୁ ଆପଣାଉଛନ୍ତି। କିନ୍ତୁ ଆମେ ଯେତିକି ଭାବୁ, ଅଟା ପ୍ରସ୍ତୁତ ପାଉଁରୁଟି ସେତିକି ସ୍ୱାସ୍ଥ୍ୟକର ନୁହେଁ। କାରଣ ମଇଦା ପାଉଁରୁଟି ୧୦୦% ମଇଦାରେ ପ୍ରସ୍ତୁତ ହେଉଥିବା ବେଳେ ଅଟା ପାଉଁରୁଟିରେ ୩୨% ଅଟା ରହିଥିବା ବେଳେ ୬୮% ମଇଦା ରହୁଛି। ଫଳରେ ଉଭୟ ପାଉଁରୁଟି ଖାଇବା ଦ୍ୱାରା ଶରୀରକୁ ପାଖାପାଖି ସମାନ ପରିମାଣର କ୍ୟାଲୋରି ମିଳିଥାଏ। ତେବେ ମଇଦା ପାଉଁରୁଟିରେ ତନ୍ତୁଜାତୀୟ ତତ୍ତ୍ୱ ଖୁବ୍ କମ୍ ରହିଥିବା ବେଳେ ଅଟା ପାଉଁରୁଟିରେ ଏହା ଅଳ୍ପ ପରିମାଣରେ ଥାଏ। ତେଣୁ ମଇଦା ପାଉଁରୁଟିଠାରୁ ଅଟା ପାଉଁରୁଟିକୁ ସାମାନ୍ୟ ସ୍ୱାସ୍ଥ୍ୟକର ବୋଲି କହିହେବ।



## ସୁଗନ୍ଧିତ ମହମବତି କେତେ ନିରାପଦ?



ଅନେକ ଲୋକ ଦୀର୍ଘ କ୍ଲାନ୍ତିକର ଦିନ ଶେଷରେ ପ୍ରିୟ ସୁଗନ୍ଧିତ ମହମବତି ଜଳାଇ ଏକ ଶାନ୍ତ ମନମୁଗ୍ଧକର ପରିବେଶର ମଜା ନିଅନ୍ତି। ମାତ୍ର ସେହି ମହମବତି ଧୂଆଁ ଇନ୍ଦ୍ରିୟକୁ ଶାନ୍ତ କରିବା ସଙ୍ଗେ ସଙ୍ଗେ ମସ୍ତିଷ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା କଥା ଆମକୁ ଅଜଣା। 'ନେଚର କମ୍ୟୁନିକେସନ୍‌ସ' ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନରେ ଏ ନେଇ ଏକ ଚକିତ କଲା ଭଳି କଥା ଲୋକଲୋଚନକୁ ଆସିଛି। ବର୍ମିଂହାମ୍ ବିଶ୍ୱବିଦ୍ୟାଳୟର ବାୟୁମଣ୍ଡଳୀୟ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ତଥା ଗବେଷକ ଖ୍ରୀଷ୍ଟିଆନ୍ ପ୍ରାଙ୍ଗଙ୍କ କହିବା ଅନୁସାରେ, ସୁଗନ୍ଧିତ ମହମବତି ଏକ ଆରାମଦାୟକ ପରିବେଶ ସୃଷ୍ଟି କରୁଥିବା ବେଳେ ଏହା ଫର୍ମାଲ୍‌ଡିହାଇଡ୍ ପରି କ୍ଷତିକାରକ ବାଷ୍ପ ନିର୍ଗମନ କରି ଘର ଭିତରର ବାୟୁକୁ ପ୍ରଦୂଷିତ କରିଥାଏ। ସେହି ଧୂଆଁ ଶେଷରେ ମସ୍ତିଷ୍କରେ ପ୍ରଦାହ ସୃଷ୍ଟି କରି ମାନସିକ ଦକ୍ଷତାକୁ ପ୍ରଭାବିତ କରିଥାଏ। ଏଥି ସହିତ ତାହା ଚର୍ମକୁ ଉତ୍ତେଜିତ କରିବା ସହ ଗଳା, ଆଖି ଓ ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ। ମହମବତିରେ ମିଶିଥିବା ରାସାୟନିକ ସୁଗନ୍ଧକ ଜଳିବା ଦ୍ୱାରା ବେଞ୍ଜିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ନିର୍ଗତ ହୋଇଥାଏ। ଉଭୟ ଯୌଗିକର କର୍କଟ ସୃଷ୍ଟିକାରୀ ଗୁଣ ରହିଛି। ଏହି ଅଧ୍ୟୟନରେ ୨୬ ଜଣ ବୟସ୍କ ବ୍ୟକ୍ତି ସାମିଲ ହୋଇଥିଲେ ଯେଉଁମାନେ ଘଣ୍ଟାକ ପାଇଁ ମହମବତି ଦହନ ଜନିତ ପ୍ରଦୂଷିତ ବାୟୁ କିମ୍ବା ସଫା ବାୟୁ ସଂସ୍ପର୍ଶରେ ଆସିଥିଲେ। ପରେ ସେମାନଙ୍କ ମାନସିକ ଦକ୍ଷତାର ପରୀକ୍ଷା କରାଯାଇଥିଲା। ମହମବତି ବାୟୁ ଭିତରେ ଥିବା ବ୍ୟକ୍ତିମାନଙ୍କର କାର୍ଯ୍ୟରେ ଧ୍ୟାନ ଦେବା ଏବଂ ଭାବନାକୁ ସଠିକ୍ ଭାବରେ ଚିହ୍ନିବାର କ୍ଷମତାରେ ଉଲ୍ଲେଖନୀୟ ହ୍ରାସ ଦେଖାଯାଇଥିଲା। ଅତଏବ ମହମବତି ଧୂଆଁ ପରି ପ୍ରଦୂଷକ ସହିତ ଦୀର୍ଘ ସମୟ ସଂସ୍ପର୍ଶରେ ଆସିଲେ ଦୀର୍ଘକାଳୀନ ଜ୍ଞାନାତ୍ମକ ସମସ୍ୟା ସୃଷ୍ଟି ହୋଇପାରେ। ସୁତରାଂ ଘର ଭିତରେ ସୁଗନ୍ଧିତ ମହମବତି ଜଳାଇବା ବେଳେ ଉପଯୁକ୍ତ ବାୟୁ ଚଳାଚଳ ସୁନିଶ୍ଚିତ କରିବା ଉପରେ ଗବେଷକମାନେ ଗୁରୁତ୍ୱାରୋପ କରିଛନ୍ତି। ଏଥି ସହିତ ଖୁବ୍ କମ୍ ମହମବତି ଜାଳିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ୧୩ ବର୍ଷ ହେଲା ଛୁଇଁନାହାନ୍ତି ନୁଡଲ୍‌ସ କି ବିସ୍କୁଟ!



ସୁସ୍ଥ ଶରୀର ଉପରେ ଅଭିନେତ୍ରୀ ନିକିତା ଦତ୍ତ ସର୍ବଦା ପ୍ରାଧାନ୍ୟ ଦେଇ ଆସିଛନ୍ତି। ଦଶ ବର୍ଷ ହେଲା ବିଭିନ୍ନ ମାରାଥନରେ ନିଜକୁ ସାମିଲ କରି ନିକିତା ପ୍ରମାଣ କରିଛନ୍ତି ଯେ ସ୍ୱାସ୍ଥ୍ୟ ନେଇ ଉଚ୍ଚାରଣ ଅପେକ୍ଷା ଆଚରଣକୁ ସେ ବେଶୀ ଗୁରୁତ୍ୱ ଦିଅନ୍ତି। ଫିଟ୍‌ନେସ୍ ପ୍ରତି ତାଙ୍କର ଆଗ୍ରହକୁ ସେ ପ୍ରାୟତଃ ସାମାଜିକ ଗଣମାଧମରେ ନିଜ ଅନୁଗାମୀମାନଙ୍କୁ ତାଙ୍କର ବ୍ୟାୟାମ ଓ ସୁସ୍ଥ ଅଭ୍ୟାସ ବାବଦରେ ଅବଗତ କରାଇଥା'ନ୍ତି ନିକଟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନିକିତା ସୁସ୍ଥ ଜୀବନଶୈଳୀ ପ୍ରତି ତାଙ୍କ ପ୍ରତିବଦ୍ଧତା ସମ୍ପର୍କରେ ବଖାଣିଥିଲେ। ତାଙ୍କର ନିୟମିତ ଖାଦ୍ୟ ବିଷୟରେ ପଚରାଯିବାରୁ ସେ ତତ୍କାଳ ପ୍ରସ୍ତୁତ ହେଉଥିବା ନୁଡଲ୍‌ସ ଓ ସଂରକ୍ଷିତ ଖାଦ୍ୟ ଆଦୌ ଗ୍ରହଣ କରନ୍ତି ନାହିଁ ବୋଲି କହିଥିଲେ। ୧୩ ବର୍ଷ ହେଲା ସେ କୌଣସି ପ୍ରକାର ନୁଡଲ୍‌ସ ତ ଛୁଇଁନାହାନ୍ତି, ଏଥି ସହିତ ଖଣ୍ଡେ ବିସ୍କୁଟ ମଧ ଖାଇନଥିବା ପ୍ରକାଶ କରିଛନ୍ତି। ସେହିପରି କୌଣସି ପ୍ରକାର ମୁଖରୋଚକ ଶୁଷ୍କ ଖାଦ୍ୟ ମଧ ଖାଇବାକୁ ସେ ପସନ୍ଦ କରନ୍ତିନି। ପ୍ୟାକେଟ୍ ଖାଦ୍ୟଗୁଡ଼ିକ ଯେତେ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟପ୍ରଦ ବୋଲି ଦାବି କରାଯାଉଥିଲେ ବି ସେଥିରେ କିଛି ନା କିଛି ପ୍ରିଜରଭେଟିଭ୍ ମିଶିଥିବ, ଯାହା ସ୍ୱାସ୍ଥ୍ୟ ପକ୍ଷେ ଅହିତକର ବୋଲି ତାଙ୍କ ଧାରଣା। ତେଣୁ ପ୍ୟାକେଟ୍ ସାମଗ୍ରୀ ତାଙ୍କ ଖାଦ୍ୟର ଅଂଶବିଶେଷ ନୁହେଁ ବୋଲି ସେ କହିଛନ୍ତି। ତାଙ୍କର ଏଭଳି ବିବୃତି କେବଳ ଫିଟ୍‌ନେସ୍ ପ୍ରତି ତାଙ୍କର ସମର୍ପିତ ଭାବକୁ ପ୍ରଦର୍ଶନ କରୁନାହିଁ, ବରଂ ତାହା ତାଙ୍କ ପ୍ରଶଂସକମାନଙ୍କ ପାଇଁ ପ୍ରେରଣା ଯୋଗାଉଛି। ହାତ ପାଆନ୍ତାରେ ସବୁ ପ୍ରକାର ଖାଦ୍ୟ ମିଳୁଥିବା ଯୁଗରେ ସ୍ୱାସ୍ଥ୍ୟ ପ୍ରତି ତାଙ୍କର ଦୃଷ୍ଟିକୋଣ ଏକ ସତେଜ ପରିବର୍ତ୍ତନ। ଶସ୍ୟଯୁକ୍ତ ଖାଦ୍ୟ ଓ ନିୟମିତ ବ୍ୟାୟାମକୁ ପ୍ରାଥମିକତା ଦେଇ ସେ ପ୍ରମାଣ କରିଛନ୍ତି ଯେ ସଠିକ୍ ମାନସିକତା ଓ ସମର୍ପଣ ବଳରେ ସୁସ୍ଥ ଜୀବନ ଜିଇବା ସମ୍ଭବ।



## ପ୍ରଜନନ ସ୍ୱାସ୍ଥ୍ୟରେ ଅନ୍ତରାୟ କି ଗର୍ଭନିରୋଧକ ବଟିକା?



ଅସୁରକ୍ଷିତ ଯୌନ ସମ୍ପର୍କ କିମ୍ବା ଗର୍ଭନିରୋଧକର ଅକସ୍ମାତ୍ ବିଫଳତା ପରେ ଅନିଚ୍ଛାକୃତ ଗର୍ଭଧାରଣକୁ ରୋକିବା ପାଇଁ 'ମର୍ନିଂ ଆଫ୍ଟର ପିଲ୍' ହେଉଛି ଏକ ପ୍ରକାର ଜରୁରୀକାଳୀନ ଗର୍ଭନିରୋଧକ ବଟିକା, ଏବେ ଯାହାର ବହୁଳ ବ୍ୟବହାର ଦେଖିବାକୁ ମିଳୁଛି। ଗର୍ଭଧାରଣ ବିରୋଧରେ ମହିଳାଙ୍କ ପାଇଁ ଏହା ଏକ ପ୍ରକାର ସୁରକ୍ଷା ଢାଲ ସଦୃଶ। ତେବେ ମହିଳାଙ୍କ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ଏହାର ଅନେକ ନକାରାତ୍ମକ ତଥା ବିପଜ୍ଜନକ ପ୍ରଭାବ ପଡ଼େ ବୋଲି ଏବେ ସାମାଜିକ ଗଣମାଧ୍ୟମରେ ପ୍ରଚାର କରାଯାଉଛି, ଯାହା ସତ ନୁହେଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା ଅନୁଯାୟୀ, ଜରୁରୀକାଳୀନ ଗର୍ଭନିରୋଧକ ବଟିକା (ଏମର୍ଜେନ୍ସି କଣ୍ଟ୍ରାସେପ୍ଟିଭ୍ ପିଲ୍‌ସ ବା 'ଇସିପି) ଗୁଡ଼ିକ କେବଳ ଯୌନ ସମ୍ପର୍କର ପ୍ରଥମ କିଛି ଦିନ ଭିତରେ ଏବଂ ଡିମ୍ବାଶୟରୁ ଡିମ୍ବାଣୁ ମୁକ୍ତ ହେବା ପୂର୍ବରୁ ଓ ଡିମ୍ବାଣୁକୁ ଶୁକ୍ରାଣୁ 'ଫର୍ଟିଲାଇଜ୍' କରିବା ପୂର୍ବରୁ ହିଁ କାମ କରିଥାଏ। ଏହି ବଟିକା ମୁଖ୍ୟତଃ ଡିମ୍ବାଣୁ ଉତ୍ପାଦନକୁ ବିଳମ୍ବିତ କରି କିମ୍ବା ବାଧା ଦେଇ ଗର୍ଭଧାରଣକୁ ରୋକିଥାଏ। ମାତ୍ର ଡିମ୍ବାଣୁ ସହିତ ଶୁକ୍ରାଣୁ ଥରେ ପ୍ରତିରୋପିତ ହୋଇସାରିଥିଲେ ଏହା ପ୍ରଭାବୀ ହୋଇନଥାଏ। ସେହିପରି ଏହି ବଟିକା ବିକାଶଶୀଳ ଭ୍ରୂଣର କ୍ଷତି କରେ ନାହିଁ। ସୁତରାଂ ଏହାଦ୍ୱାରା ଗର୍ଭପାତ ହୋଇପାରିବ ନାହିଁ। ଅସୁରକ୍ଷିତ ଯୌନ ସମ୍ପର୍କ ପରେ ତୁରନ୍ତ 'ଇସିପି' ଗ୍ରହଣ କଲେ ତାହା ପ୍ରାୟ ୮୫% ଗର୍ଭଧାରଣକୁ ରୋକିପାରିବ। ତାହାକୁ ଯେତେ ଶୀଘ୍ର ଗ୍ରହଣ କରାଯିବ, ତାହା ସେତେ ଅଧିକ ପ୍ରଭାବଶାଳୀ ହୋଇଥାଏ। ଏହି ଔଷଧର ନିୟମିତ ବ୍ୟବହାର ବନ୍ଧ୍ୟାତ୍ୱର କାରଣ ହୁଏ ଓ କର୍କଟ ଆଶଙ୍କା ବଢ଼ାଏ ବୋଲି ରହିଥିବା ଭ୍ରାନ୍ତ ଧାରଣାଗୁଡ଼ିକ ସଂପୂର୍ଣ୍ଣ ଅମୂଳକ। ଏହି ବଟିକା ଗ୍ରହଣ କରିବା ସଂପୂର୍ଣ୍ଣ ସୁରକ୍ଷିତ, ଏହାର ବ୍ୟବହାର ସହିତ କୌଣସି ମୃତ୍ୟୁ ବା ଗମ୍ଭୀର ଜଟିଳତା ଜଡ଼ିତ ନୁହେଁ। ସାଧାରଣ ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ମାସିକ ଋତୁସ୍ରାବର ଦିବସରେ ପରିବର୍ତ୍ତନ ଦେଖାଦେଇଥାଏ। କିଛି ବ୍ୟବହାରକାରୀ ବାନ୍ତି, ଥକାପଣ, ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା କିମ୍ବା ସ୍ତନ କୋମଳତା ପରି ମୃଦୁ ତଥା କ୍ଷଣସ୍ଥାୟୀ ପାର୍ଶ୍ୱ ପ୍ରତିକ୍ରିୟା ଅନୁଭବ କରିପାରନ୍ତି। ଏହାକୁ ବାରମ୍ବାର ବ୍ୟବହାର କଲେ ଋତୁସ୍ରାବରେ ଅନିୟମିତତା ପରି ପାର୍ଶ୍ୱ ପ୍ରତିକ୍ରିୟା ବୃଦ୍ଧି ପାଇପାରେ। 'ଇସିପି' ବଟିକା ଏକ ନିରାପଦ ତଥା ପ୍ରଭାବୀ ଜରୁରୀକାଳୀନ ଗର୍ଭନିରୋଧକ ଔଷଧ ଭାବେ ଅନିଚ୍ଛାକୃତ ଗର୍ଭଧାରଣକୁ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ, ତେବେ ମନେ ରଖିବା ଉଚିତ ଯେ ଏହା ନିୟମିତ ବ୍ୟବହାର ପାଇଁ ଉଦ୍ଦିଷ୍ଟ ନୁହେଁ। ଅନିଚ୍ଛାକୃତ ଗର୍ଭଧାରଣକୁ ରୋକିବା ଲାଗି ବିଶେଷଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଗର୍ଭନିରୋଧର ବିକଳ୍ପ ଉପାୟ ଆପଣେଇବା ଉଚିତ।

> **ଜରୁରୀକାଳୀନ ଗର୍ଭନିରୋଧକ ବଟିକା ମହିଳାଙ୍କ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ତଥା ବିପଜ୍ଜନକ ପ୍ରଭାବ ପକାଏ ବୋଲି ସାମାଜିକ ଗଣମାଧ୍ୟମରେ ପ୍ରଚାର କରାଯାଉଛି। ହେଲେ ଏହାର ନିୟମିତ ବ୍ୟବହାର ବନ୍ଧ୍ୟାତ୍ୱର କାରଣ ହୁଏ ଓ କର୍କଟ ଆଶଙ୍କା ବଢ଼ାଏ ବୋଲି ରହିଥିବା ଭ୍ରାନ୍ତ ଧାରଣା ସଂପୂର୍ଣ୍ଣ ଅମୂଳକ।**

# ବଢୁଛି ନକଲି ପାଣି ବୋତଲର ବିକ୍ରି

## ହେଉନି ମାନଯାଞ୍ଚ ହଇଜା ଯୋଗୁଁ ଭୟରେ ଲୋକେ




**ବାଲିପାଟଣା,୨୬।୬(ସଂଚାର ବ୍ୟୁରୋ):** ସାରା ରାଜ୍ୟରେଏବେ ହଇଜା ବ୍ୟାପି ଥିବାବେଳେ ମୁଖ୍ୟ ଉର୍ସ ଜଳରୁ ବେଶି ମାତ୍ରାରେ ବ୍ୟାପୁଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମତ ଦେଇଛନ୍ତି।ଆଜିକାଲି ଯେଉଁ ପ୍ରକାରର ଗରମ ହେଉଚି ବାହାରକୁ ବାହାରିଲେ ପିଇବା ପାଣି ନିହାତି ଆବଶ୍ୟକ ହୋଇ ପଡୁଛି। ଏପଟେ ଗରମ କୁ ସେପଟେ ହଇଜା ବାହାରେ ଲୋକେ ଶୁଦ୍ଧ ପାଣି ବା ମିନେରାଲ ପାଣି ଟିକେ ପିଇବା ପାଇଁ ଲୋକମାନେ ସବୁବେଳେ ଚେଷ୍ଟା କରୁଛନ୍ତି। ଗାଁଠୁ ସହର ପର୍ଯ୍ୟନ୍ତ ମିନେରାଲ ପାଣିର ମଧ୍ୟ ଅଭାବ ନାହିଁ କହିଲେ ଚଳେ। ହେଲେ ସେ ପାଣି କେତେ ଶୁଦ୍ଧ ଲୋକେ ତାହାକୁ ଦେଖୁ ନାହାଁନ୍ତି। ଫଳରେ ମିନେରାଲ ପାଣିର ମଧ୍ୟ ଚାହିଦା ବେଶ୍ ବୃଦ୍ଧି ପାଇଛି। ଏହି ସମୟର ଫାଇଦା ନେଇ ବଜାର ରେ ମାତିଛନ୍ତି କିଛି ଅସାଧୁ ବ୍ୟବସାୟୀ। ଗତ ୧୫ ତାରିଖରେ ଯାଜପୁର ଜିଲ୍ଲା ବ୍ୟାସ ନଗରରେ ଏକ ବୋତଲ ପାଣିରେ ହଇଜା ଜୀବାଣୁ ଚିହ୍ନଟ ହେବା ପରେ ସାରା ରାଜ୍ୟରେ ଲୋକଙ୍କ ମନରେ ଏକ ପ୍ରକାରର ଭୟର ବାତାବରଣ ଖେଳି ଯାଇଛି।କିନ୍ତୁ ସବୁଠୁ ଦୁଃଖ ଓ ବିଡମ୍ବନା ର ବିଷୟ କି ରାଜଧାନୀ ଉପକଣ୍ଠ ବାଲିପାଟଣା ରେ ଏହା ଉପରେ ପ୍ରଶାସନ ର ଟିକେ ବୋଲି ନଜର ନାହିଁ ବୋଲି କହିଲେ ଅତୁକ୍ତି ହେବନାହିଁ। ଆମେ ଯଦି କହିବା ପାଣିର ବିଶୁଦ୍ଧତା ଓ ମାନ ପରୀକ୍ଷା ପାଇଁ କୌଣସି ପ୍ରକାରର ବ୍ୟବସ୍ଥା ହିଁ ନାହିଁ ବାଲିପାଟଣା ରେ। ସଭାସମିତି ଠାରୁ ଆରମ୍ଭ କରି ଭୋଜି ଭାତ ଇତ୍ୟାଦି ପର୍ଯ୍ୟନ୍ତ ଆଜିକାଲି ପାଣି ବୋତଲ ର ବହୁଳ ମାତ୍ରାରେ ବ୍ୟବହୃତ ହେଉଛି ବିଭିନ୍ନ ହୋଟେଲ ମାନଙ୍କ ରେ ମଧ୍ୟ ଏବେ ପାଣି ବୋତଲ ଦେବା ଗୋଟେ ସୌଉକ ହେଇଗଲାଣି। ବସ, ଟ୍ରେନ୍ ରେ ଯାତ୍ରା କଲାବେଳେ ଯାତ୍ରୀ ମାନଙ୍କ ପାଇଁ ପିଇବା ପାଣି ଏହି ବୋତଲ ପାଣି ହିଁ ଏକମାତ୍ର ଭରସା। ବିକଳ୍ପ ନଥିବାରୁ ଲୋକେ ବାଧ୍ୟ ହୋଇ କିଣିକରି ପାଣିକୁ ପିଉଛନ୍ତି। ବାଲିପାଟଣା ଅଞ୍ଚଳରେ ଭିନ୍ନ ଭିନ୍ନ କମ୍ପାନୀ ର ପିଇବା ପାଣି ବୋତଲ ବଜାର ରେ ବିକ୍ରି ହେଉଛି। ନାମୀଦାମୀ କମ୍ପାନୀ ମାନଙ୍କର ଲୋଗକୁ କପି କରି ଅବିକଳ ନକଲ କରି ସାଧାରଣ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ୧୫ରୁ ୨୦ଟଙ୍କାରେ ବଜାରରେ ବିକ୍ରି ହେଉଛି ଏହି ଅପମିଶ୍ରିତ ପାଣି। ସ୍ୱାସ୍ଥ୍ୟ ପ୍ରତି ଏହା ହାନିକାରକ ହୋଇଥିଲେ ବି ଏଗୁଡ଼ିକର ଯାଞ୍ଚ ହେଉନାହିଁ। ଫଳରେ ଏହି ସବୁ ନକଲି ପାଣି ବୋତଲ କେବେ ତିଆରି ହୋଇଥିଲା କେବେ ତାହାର ଏକ୍ସପାରି ତାରିଖ କେତେଦିନ ତାକୁ ବ୍ୟବହାର କରା ଯାଇପାରିବ ସେସବୁ ବି ରହୁନି।ଏହି ସବୁ ସମସ୍ୟା କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପାଣିର ନମୁନା ସଂଗ୍ରହ କରି ପରୀକ୍ଷା କରି ନକଲି ପାଣି ବ୍ୟବସାୟୀ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବୀ ହେଉଛି।

● ନେତା ମନ୍ତ୍ରୀଙ୍କ ମାଳ ମାଳ ପ୍ରତିଶୃତି

## ଭୋଟ ସରିଲେ ଜନତାଙ୍କୁ ଅଣଦେଖା



**କଲନୋରା,୨୬।୬(ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା କୋଲନରା ବ୍ଲକ୍ ଗାଡ଼ିସେସ୍ ଖାଲ୍ ଅନ୍ତର୍ଗତ ମଣ୍ଡଳ ପିତେଷୁ ଏମିତି ଗାଁ ଅଛି ଯେଉଁଠି ରାସ୍ତା ନାହିଁ, ପିଇବା ପାଣି ସୁବିଧା ନାହିଁ, ବିଦ୍ୟୁତ୍ ସୁବିଧା ନାହିଁ ଆମ୍ବୁଲାନ୍ସ ସେବା ପହଞ୍ଚି ପାରୁ ନାହିଁ। ଗାଁ ଲୋକମାନେ ନିର୍ବାସିତ ଜୀବନ ଜିଉଁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ୨୪ବର୍ଷ ର ସ୍ଥିର ସରକାର ଥାଇ ମଧ୍ୟ ଏହି ଦୁର୍ଗମ ଗ୍ରାମାଞ୍ଚଳରେ ସରକାରୀ ସହାୟତା ପହଞ୍ଚି ପାରିଲା ନାହିଁ। ଏହିପରି ଅଭାଗା ଗ୍ରାମ ମଣ୍ଡଳ ପିତେସୁ । ଏହି ଗ୍ରାମରେ ୭୦ ପରିବାର ୨୫୦ ରୁ ଉର୍ଦ୍ଧ ଲୋକ ପ୍ରାୟ ୩୦ ବର୍ଷ ରୁ ଉର୍ଦ୍ଧ ବସବାସ କରିଆସୁଛନ୍ତି । ମଣ୍ଡଳ ପିତେଶୁ ଗ୍ରାମର ବାସିନ୍ଦା ମାନେ ବାରମ୍ବାର ବ୍ଲକ୍ ରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ ମଧ୍ୟ୍ୟ ଏ ପର୍ଯ୍ୟନ୍ତ ପ୍ରଶାସନ ତାଙ୍କ ଗ୍ରାମକୁ ପହଞ୍ଚି ନାହାନ୍ତି। ଉକ୍ତ ଅଞ୍ଚଳ ବାସି କହିବା ଅନୁଯାୟୀ ତାଙ୍କ ଗ୍ରାମକୁ ଯାତାୟତ କରିବା ନିମନ୍ତେ ରାସ୍ତା ନାହିଁ, ପାଣି ଓ ବିଦ୍ୟୁତ୍ ସୁବିଧା ନାହିଁ। ଉକ୍ତ ଗ୍ରାମର ଲୋକ ମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଗାଁ କୁ ଆମ୍ବୁଲାନ୍ସ ପହଞ୍ଚି ପାରୁ ନାହିଁ, ଦୁଇ କିଲୋମିଟର ଦୂର ରେ ଆମ୍ବୁଲାନ୍ସ ରହିଯାଉଛି। ରୋଗୀ ଓ ଗର୍ଭବତୀ ମହିଳା ମାନଙ୍କୁ ଖଟିଆରେ ବୁହା ହୋଇ ରିଭଲ୍ କଣରେ ଥିବା ଆମ୍ବୁଲାନ୍ସ ସେବା ପର୍ଯ୍ୟନ୍ତ ପହଞ୍ଚାଇବାକୁ ପଡୁଛି । ନେତା ମନ୍ତ୍ରୀ ଓ ସ୍ଥାନୀୟ ସରପଞ୍ଚ ନିର୍ବାଚନ ସମୟରେ ମିଥ୍ୟା ପ୍ରତିଶୃତି ଦେଇ ଭୋଟ ହାତେଇ ପଳାନ୍ତି। ନିର୍ବାଚନ ପରେ ଆଉ ଆମ କଥା କାହାକୁ ମନେ ପଡୁନି, ସରପଞ୍ଚ କଣ୍ଡଳ ପିତେଷୁ ଗ୍ରାମକୁ କୌଣସି ମୌଳିକ ସୁବିଧା ଯୋଗାଉନଥିବା ମତ ପ୍ରକାଶ କରିଥିଲେ । ଆମେ ଦୀର୍ଘ ବର୍ଷ ହେଲା ଅବହେଳିତ ଅବସ୍ଥାରେ ଜୀବନ ଯାପନ କରିଆସୁଛୁ ବୋଲି ଗ୍ରାମ ବାସିନ୍ଦା ଅଭିଯୋଗ କରିଛନ୍ତି ।

## ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ନୁରା ଦିଗାଲ

**ଫିରିଙ୍ଗିଆ,୨୬।୬(ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାର ଗରିବ,ଅସହାୟ, ଭିନ୍ନକ୍ଷମ, ଦୃଷ୍ଟିହୀନ ଜୀବନ କୁ ସହଜ ସମ୍ମାନ ଜନକ କରିବାର କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ଲାଗି ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି ସତ, କିନ୍ତୁ ବ୍ଲକ ପ୍ରଶାସନିକ ଅବହେଳା ଯୋଗୁଁ କୋଉଠି ନା କୋଉଠି ବାଟବଣା ହୋଇ ଯାଉଛି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମର ନୁରା ଦିଗାଲ ବୟସ ୫୫। ହିତାଧିକାରୀ କହିବା ମୁତାବକ ଏନେଇ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୁହାରି କରିଥିଲେ ସତ୍ତ୍ୱେ କୌଣସି ସଫଳ ମିଳିନଥିବା କହିଛନ୍ତି। ନୁରା ଦିଗାଲ ୬୦ ପ୍ରତିଶତ ଦୃଷ୍ଟିହୀନ ଥାଇ ମଧ୍ୟ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ନୁରା ଦିଗାଲ ଙ୍କ ଗୋଟିଏ ଆଖି ସଂମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି। ସେ ବହୁତ ଅସୁବିଧାରେ ଜୀବନ ବିତାଉଛନ୍ତି । ଯଥାଶିଘ୍ର ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଦୃଷ୍ଟିହୀନ ନୁରା ଦିଗାଲ ଙ୍କୁ ଦୃଷ୍ଟିହୀନ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବା ପାଇଁ ରାଇ ଗୁଡା ଗ୍ରାମବାସୀ ଓ ବୃଦ୍ଧିଜୀବି ମହଲରୁ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା କେବେ ନୁରା ଦିଗାଲ ଙ୍କ ଦୁଃଖ ଦୂର କରୁଛନ୍ତି ଓଡ଼ିଶାର ନୂତନ ସରକାର।



## ଜଗନ୍ନାଥ ମନ୍ଦିରର ମୁଖ୍ୟ ଦ୍ୱାର ଦୁଇଟି ସିଂହର ପ୍ରାଣ ପ୍ରତିଷ୍ଠା

**ସୁନ୍ଦରଗଡ,୨୬।୬(ସଂଚାର ବ୍ୟୁରୋ):** ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଉଜ୍ଜଳପୁର ଗ୍ରାମ ଜଗନ୍ନାଥ ମନ୍ଦିରର ମୁଖ୍ୟ ଦ୍ୱାର ଦୁଇ ପାର୍ଶ୍ୱରେ ଦୁଇଟି ସିଂହର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଉଜ୍ଜଳପୁର ନିବାସୀ ସ୍ୱର୍ଗତ ସୁରେଶ ଲାଲ ଶର୍ମା ଓ ସ୍ୱର୍ଗତକେଦାର ନାଥ ପୃଷେଟଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପୁଅ ଟାଇଗର ଶର୍ମା, ବିଜୁ ଶର୍ମା, କିରଣ ପୃଷେଟ ଓ ବିନୁ ନାଏକଙ୍କ ସହଯୋଗରେ ଜଗନ୍ନାଥ ମନ୍ଦିର ମୁଖ୍ୟ ଦ୍ୱାର ଦୁଇ ପାର୍ଶ୍ୱରେ ଦୁଇଟି ସିଂହ ପ୍ରତିଷ୍ଠା କରିଛନ୍ତି । ଗୁରୁବାର ଦିନ ୧୧ ଟା ସମୟରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ମହାପ୍ରଭୁଙ୍କ ନେତ୍ର ଉତ୍ସବ ତଥା ନବଯୌବନ ଦର୍ଶନର ନୀତିକାର୍ଯ୍ୟ ମନ୍ଦିରର ପୂଜକ କୃଷ୍ଣ ଚନ୍ଦ୍ର ଠାକୁର ଯୁଗଳ କିଶୋର ଠାକୁର କୈଳାସ ଚନ୍ଦ୍ର ଠାକୁରଙ୍କ ଦ୍ୱାରା ପୂଜାର୍ଚ୍ଚନା କରି ଦୁଇଟି ସିଂହର ପ୍ରାଣ ପ୍ରତିଷ୍ଠା କରିଥିଲେ। ଏହି ପ୍ରତିଷ୍ଠା ଉତ୍ସବରେ ଗ୍ରାମର ଗୌନ୍ତିଆ ବୁଦ୍ଧଦେବ ପଟେଲଙ୍କ ସମେତ ଗ୍ରାମର ତଥା ଅଞ୍ଚଳର ସମସ୍ତ ଭକ୍ତ ବୃନ୍ଦ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ସହିତ ପ୍ରାଣ ପ୍ରତିଷ୍ଠା ହୋଇଥିଲା। ମହାପ୍ରଭୁଙ୍କ ନିକଟରେ ରସଗୋଲା ଭୋଗ ଲଗାଇ ସମସ୍ତ ଭକ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।



## ବେଆଇନ ଜମି ବିକ୍ରି ଅଭିଯୋଗ

**ସୁବର୍ଣ୍ଣପୁର,୨୬।୬(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ବେଆଇନ ଭାବେ ଜମି ବିକ୍ରି ହୋଇଛି ସୂଚନା ଯୋଗ୍ୟ ଗାଡିଆ ଗାଁ ରୁ ଆସିଲା ସାଙ୍ଘାତିକ ଅଭିଯୋଗ ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ତହସିଲ ଅନ୍ତର୍ଗତ ମଲ୍ଲିକମୁଣ୍ଡା ଗ୍ରାମ ପଞ୍ଚାୟତ ର ଗାଡ଼ିଆ ଗାଁର ପ୍ରଫୁଲ୍ଲ ଭେସରା ବେଆଇନ ଭାବେ ଚଞ୍ଚକତା କରି ରତି କୁମ୍ଭାର ଙ୍କ ଜମି ବିକ୍ରି କରିଛନ୍ତି ଯାହାଙ୍କ ପିତାଙ୍କ ନାମ କନ୍ଦର୍ପ ମହାନନ୍ଦ ନିବାସୀ ଗଡ଼ିଆ ଯିଏ ବାହା ହୋଇ ବର୍ତମାନ ଜାମ୍ବାହାଲି ଗାଁ ରେ ରହୁଛନ୍ତି ଥାନା ମଦନପୁର ରାମପୁର ଜିଲ୍ଲା କଳାହାଣ୍ଡି ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ପ୍ରଫୁଲ ବେଶରା ଯିଏକି ନିଜ ସ୍ତ୍ରୀ କୁ ମହାରା ବନେଇ ଜାଗା ବିକ୍ରି କରିଛନ୍ତି ପ୍ଲଟ ନମ୍ବର ୧୦୨୮ - ୪୯୦ ଡିସମିଲ ରଞ୍ଜନ କୁମାର ପାତ୍ର କିଣିଛନ୍ତି ପ୍ଲଟ ନମ୍ବର ୭୦୪- ୧ବମକ୍ସର କିଣି ଛନ୍ତି କ୍ରେତା - ସତ୍ୟ ନାରାୟନ ପାଣ୍ଡେ ୧୭.୧୨.୨୦୨୦ ରେ ଜମି ବିକ୍ରି ହୋଇଥିଲା ବିକ୍ରି ଜମି ଡିଟ କେନସେଲ ପାଇଁ ପ୍ରକୃତ ମାଲିକ ଦାବି କରିଛନ୍ତି

## ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ

**ସୁବର୍ଣ୍ଣପୁର,୨୬।୬(ସଂଚାର ବ୍ୟୁରୋ):** ସ୍ଥାନୀୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜୁନ୍ ୨୬ ତାରିଖ ଗୁରୁବାର ସକାଳ ୧୦ ଘଣ୍ଟା ସମୟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ସହିତ ବିଶ୍ୱ ନିଶା ନିବାରଣ ଦିବସ ଅନୁଷ୍ଠିତ ହୋଇଯାଇଛି।ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ଅନୁଷ୍ଠାନ ର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ସଭାପତିତ୍ୱରେ ସ୍ୱାସ୍ଥ୍ୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ମାନସ କୁମାର ନାୟକ,ଫରମାସିଷ୍ଟ ଗଦାଧର ସୁରୁଜାଲ,ଏ ଏନ୍ ଏମ୍ ଭାମାବତୀ ହାତୀ,ମହାନଦୀ ନେତ୍ର ଚିକିତ୍ସାଳୟ ର ଚକ୍ଷୁ ବିଶେଷଜ୍ଞ ପ୍ରଶାନ୍ତ କୁମାର ଦାଶ, ସହଯୋଗୀ ମାନସ ଦଣ୍ଡସେନା, ସୌମ୍ୟରଞ୍ଜନ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ । ବୟସ୍କଙ୍କ ସ୍ୱାସ୍ଥ୍ୟ ର ଯତ୍ନ, ବେଆଇନ ନିଶା କାରବାର ରୋକିବା,ଦୈନିକ ଜୀବନ ଚର୍ଯ୍ୟା,ଆହାର, ନିଦ୍ରା,ତପ, ସ୍ୱାଧ୍ୟାୟ, ବ୍ରହ୍ମଚର୍ଯ୍ୟ,ଯୋଗ, ପ୍ରାଣାୟମ ଆଦି ସମ୍ପର୍କରେ ଆଲୋଚନା କରା ଯାଇଥିଲା।

## ଠିକାଦାର ଓ ଯନ୍ତ୍ରୀଙ୍କ ମନମାନୀ ଯୋଗୁ ଗ୍ରାମବାସୀ ହନ୍ତସନ୍ତ



**ତିର୍ତ୍ତୋଲ,୨୬।୬(ସଂଚାର ବ୍ୟୁରୋ):** ବଦଳିଲା ସରକାର ହେଲେ ବଦଳିଲାନି ପ୍ରଥା। ଠିକାଦାର ଓ ଯନ୍ତ୍ରୀ ଙ୍କ ମନମାନୀ ଯୋଗୁ ହନ୍ତସନ୍ତ ଗ୍ରାମବାସୀ। ଦୁଇବର୍ଷ ରୁ ଉର୍ଦ୍ଧ ହେଲାଣି ହେଲେ ସରୁନି ପୋଲକାମ।ମରଣ ଜନ୍ତା ପାଲଟିଛି କାଦୁଅ ରାସ୍ତା।ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ତିର୍ତ୍ତୋଲ ବ୍ଲକ ସାମନ୍ତରାପୁର ପଞ୍ଚାୟତ ର ସାମନ୍ତରାପୁର ଓ ଉକୁସାହି କୁ ସଂଯୋଗ କରୁଥିବା ରାସ୍ତା। ଦୀର୍ଘ ଦୁଇବର୍ଷ ରୁ ଉର୍ଦ୍ଧ ହେବ ପୋଲ ନିର୍ମାଣ କାଯ୍ୟ ଚାଲିଥିଲେ ମଧ୍ୟ୍ୟ ହେଲେ କାମ ସରିବାର ନାଁ ଧରୁନି।ଠିକାଦାର ଏହି ପୋଲ ନିମାଣ କାଯ୍ୟ କୁ ଅଧା ରଖିବା ପଛର କାରଣ କଣ ହୋଇପାରେ ତା କେବଳ ଭଗବାନ ଙ୍କୁ ହିଁ ଜଣା।ସ୍ଥାନୀୟ ଲୋକ ବାରମ୍ବାର ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇବା ସତେ କଣ ପାଇଁ ଭିବାଗୀୟ ଅଧିକାରୀ ଦେଖି ନ ଦେଖିବାର ଅଭିନୟ କରୁନାହାନ୍ତି।ଭିବାଗୀୟ କନିଷ୍ଠ ଯନ୍ତ୍ରୀ ଙ୍କୁ ଏହି ପୋଲ ନିର୍ମାଣ କାଯ୍ୟ ବାବଦରେ ଯୋଗାଯୋଗ କରିଥିଲେ ମଧ୍ୟ୍ୟ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।ଏହି ରାସ୍ତା ଦେଇ ଜଗତସିଂହପୁର ରୁ କେନ୍ଦ୍ରାପଡ଼ା ଯିବା ପାଇଁ ହଜାର ହଜାର ଲୋକ ନିର୍ଭର କରନ୍ତି ।କେବଳ ସେତିକି ନୁହେଁ ସ୍କୁଲ ଖୋଲିବା ପରେ ଏହି ରାସ୍ତାଦେଇ ସ୍ଥାନୀୟ ଅଞ୍ଚଳର ସହ ସହ ଛାତ୍ରଛାତ୍ରୀ କାଦୁଅ ରାସ୍ତାରେ ଯିବାବେଳେ ପଡି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ବର୍ତ୍ତମାନ ର ସରକାର ଲୋକଙ୍କ ସରକାର କହୁ ଥିବା ବେଳେ ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ କେବେ ଶେଷ ହେବ ପୋଲ ନିର୍ମାଣ କାଯ୍ୟ ।

## ଅସରାଏ ବର୍ଷାରେ ବଜାରରେ ପାଣି ଲହଡ଼ି ଭାଙ୍ଗୁଛି



**କଣାସ,୨୬।୬(ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ରାସ୍ତାଘାଟ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ବର୍ଷା ସମୟରେ ବର୍ଷାଜଳ ନିଷ୍କାସନ ଦିଗରେ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଉନଥିବାରୁ ପୁରୀଜିଲ୍ଲା କଣାସ ବ୍ଲକର କଣାସ ବଜାରରେ ଅସରାଏ ବର୍ଷା ହେଲେ ବର୍ଷାପାଣି ନିଷ୍କାସନ ପାଇଁ ପଥ ନଥିବାରୁ ରାସ୍ତା ଉପରେ ବର୍ଷା ଲହଡ଼ା ଭାଙ୍ଗୁଛି । ଖବର ନେବାରେ ଜଣାପଡିଛି କଣାସ ବସଷ୍ଟାଣ୍ଡ ବଜାରରେ ବର୍ଷାଜଳ ନିଷ୍କାସନ ପାଇଁ ରାସ୍ତା କଡରେ ନାଳା ନ ଥିବାରୁ ବହୁଦିନ ତଳେ ବର୍ଷାଜଳ ଜମି ରହୁଥିଲା । ବର୍ଷାଜଳ ଜମିରହିବା ସଂପର୍କରେ ବିଡିଓ ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯିବାରୁ ପୂର୍ବତନ କଣାସ ତହସିଲଦାର ସରକାରୀ ଜାଗାକୁ ମାଡି ଯାଇଥିବାରୁ ମାପଚୁପ କରି ଜଳ ନିଷ୍କାସନ ପାଇଁ ଜାଗାବାହାର କରିବା ସହିତ ପଞ୍ଚାୟତ ପକ୍ଷରୁ ନାଳ ଖୋଳାଯାଇଥିଲା। ଉକ୍ତ ନାଳକୁ ଧିରେ ଧିରେ କେତେକ ବ୍ୟକ୍ତି ପୋତିଦେବାରୁ ବର୍ତ୍ତମାନ ବର୍ଷାଜଳ ନିଷ୍କାସନ ହୋଇପାରୁନଥିବାରୁ କେତେକ ବ୍ୟକ୍ତି କଣାସ ତହସିଲଦାର ହିମାଂଶୁଶେଖର ଗିରି ଏବଂ କଣାସ ସରପଞ୍ଚ ଭଗବାନ ସୁବୁଦ୍ଧିଙ୍କ ନିକଟରେ ପୋତାଯାଇଥିବା ନାଳକୁ ପୁର୍ଣ୍ଣଉଦ୍ଧାର କରିବାପାଇଁ ଦାବିପତ୍ର ଦେଇଛନ୍ତି । ଏ ସଂପର୍କରେ ତହସିଲଦାର ଗିରିଙ୍କୁ ପଚାରିବାରୁ ରଥଯାତ୍ରା ପରେ ପୁନଶ୍ଚ ନାଳଖୋଳା ଯିବ ବୋଲି କହିଥିଲେ। ରାସ୍ତାଉପରେ ଜଳ ଜମିଥିବା ଫଟୋ ଇ-ମେଲ୍‌ରେ ପଠାଗଲା।

## ୧୯୭୫ର ଜରୁରୀକାଳୀନ ପରିସ୍ଥିତି ଓ ବର୍ତ୍ତମାନର ପରିସ୍ଥିତି ଉପରେ ସିପିଆଇ(ଏମ)ର ପଥପ୍ରାନ୍ତ ସଭା

**ନୀଳଗିରି,୨୬।୬(ସଂଚାର ବ୍ୟୁରୋ):** ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ୧୯୭୫ ମସିହା ଜୁନ୍ ୨୫ ତାରିଖରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ।ଫଳରେ ଦେଶରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବହୁ ନେତା ଜେଲର ଚାରିକାନ୍ଥ ଭିତରେ ଥିଲେ। ସାଧାରଣଲୋକଙ୍କର ନୈତିକ ଅଧିକାର ରହିଲା ନାହିଁ। ସେହିପରି ବର୍ତ୍ତମାନ ସମୟରେ ଅଘୋଷିତ ଜରୁରୀ କାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ସମୟରେ ସରକାର ବିରୋଧରେ ଯିଏ କହିବ, ତାକୁ ଜେଲ ଭିତରେ ରଖାଯାଉଛି। ଦରଦାମ୍ ବୃଦ୍ଧି ପାଇଛି। ସମସ୍ତ ସରକାରୀ ସମ୍ପତ୍ତିକୁ ବିକ୍ରୀ କରାଯାଉଛି। ବେକାରୀ ସମସ୍ୟା ବୃଦ୍ଧି ପାଇଛି। ସମ୍ବିଧାନ ସୁରକ୍ଷିତ ନୁହଁ। ଇଡି,ସିବିଆଇ,ସୁପ୍ରିମକୋର୍ଟକୁ ହାତ ବାରିସ କରି ଶାସନକ୍ଷମତାକୁ ଅପବ୍ୟବହାର କରାଯାଉଛି। ଯାହାକି ୧୯୭୫ମସିହାରେ ଜରୁରୀ କାଳୀନ ପରିସ୍ଥିତି ଠାରୁ ଭୟାନକ। କିନ୍ତୁ ବିଜେପି ସରକାର ୧୯୭୫ ମସିହାରେ ଜରୁରୀ କାଳୀନ ପରିସ୍ଥିତି ବିରୁଦ୍ଧରେ ପ୍ରଚାର କରି ନିଜର କୁକର୍ମକୁ ଢାଙ୍କୁଛନ୍ତି। ସିପିଆଇ (ଏମ) ୧୯୭୫ ମସିହାରେ ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରୁଥିଲା। ବର୍ତ୍ତମାନର ଅଘୋଷିତ ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରୁଛି। ଏହି ପରିସ୍ଥିତିରେ ସିପିଆଇ (ଏମ)ନୀଳଗିରି ଆଂଚଳିକ କମିଟି ତରଫରୁ ନୀଳଗିରି ବସଷ୍ଟାଣ୍ଡରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ସତ୍ୟଜିତ ଦାସ ସଭାପତିତ୍ୱ କରିଥିଲେ । ଜିଲ୍ଲା ସମ୍ପାଦକମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ନରେନ୍ଦ୍ର ମୋଦୀ ସରକାର ର କୁଶାସନ ବିରୁଦ୍ଧରେ ଆଲୋଚନା କରିଥିଲେ। ଆସନ୍ତା ଜୁଲାଇ ୯ ତାରିଖ ସାଧାରଣ ଧର୍ମଘଟକୁ ସଫଳ କରିବାପାଇଁ ନିବେଦନ କରିଥିଲେ ।

## ପ୍ରଧାନମନ୍ତ୍ରୀ ଆବାସ ଘରେ ଚାଲିଛି ସାର ଦୋକାନ

### ଚାଳ ଓ ପଲିଥିନ ଛପର ତଳେ କଟୁଛି ଜୀବନ



**ବୈଶିଙ୍ଗା,୨୬।୬(ସଂଚାର ବ୍ୟୁରୋ):** ମୁକ୍ତାପୁର ଗ୍ରାମ ପଞ୍ଚାୟତ ରେ ଦେଖିବାକୁ ମିଳିଛି ଏଭଳି ଘଟଣା ।ଏହି ଗ୍ରାମ ପଞ୍ଚାୟତର ଛୋଟରାୟପୁର ଗ୍ରାମରେ ଶିବ ମହାନ୍ତଙ୍କ ନାମରେ ଆବାସ ଯୋଜନାଁରେ ଏକ ଗୃହ ହୋଇଛି, ଯେଉଁ ଗୃହଟିରେ ଚାଲିଛି ସାର ଦୋକାନ । ଗୃହ ମାଲିକ ପରିବାର ସହ ରହୁଛନ୍ତି ଏକ ନଡା ଓ ପଲିଥିନ ଛପର ଘରେ, ଘଟଣା ସମ୍ପର୍କରେ ଗତ ବାର ତାରିଖରେ ଉକ୍ତ ଗ୍ରାମର ରାଧାନାଥ ବେହେରା ନାମକ ଜଣେ ଶିକ୍ଷିତ ବ୍ୟକ୍ତି ବେତନଟୀ କୃଷି ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ବିନା ଲାଇସେନ୍ସରେ ସାର ରହିଥିବାରୁ କୃଷି ବିଭାଗ ତରଫରୁ କାରଣ ଦର୍ଶାଅ ନୋଟିସ ଉକ୍ତ ସାର ଦୋକାନୀଙ୍କୁ ମଗାଯାଇଥିଲା। କାରଣ ଦର୍ଶାଅ ନୋଟିସ ମଗାଯିବାର ଦୀର୍ଘ ବାର ଦିନ ଅତିକ୍ରମ ହୋଇଯାଇଥିଲେ ମଧ୍ୟ କୃଷି ବିଭାଗ ଦ୍ୱାରା କୋଣସି ଆଖି ଦୃଶିଆ ପଦକ୍ଷେପ ନିଆ ନ ଯିବା ଘଟଣା ଜନସାଧାରଣରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି । ଜନସାଧାରଣଙ୍କ ଅଭିଯୋଗ ପରେ ବିନା ଲାଇସେନ୍ସରେ ପୁଣି ଅନ୍ୟ ଜଣଙ୍କ ପ୍ରଧାନମନ୍ତ୍ରୀ ଆବାସ ଗୃହରେ ସାର ଦୋକାନ ଉପରେ ସ୍ଥାନୀୟ କୃଷି ବିଭାଗ କେବଳ କାରଣ ଦର୍ଶାଅ ନୋଟିସ ଜାରିକରି ନିରବ ରହିବାର ରହସ୍ୟ ଜଣାପଡୁନାହିଁ କି କୌଣସି ପଦକ୍ଷେପ କୃଷି ବିଭାଗ ପକ୍ଷରୁ ନିଆଯାଉ ନଥିବାରୁ ସନ୍ଦେହ ଘେରରେ କୃଷି ବିଭାଗ ରହିଛି ବୋଲି ସ୍ପଷ୍ଟ ହୋଇଛି । ବିଭାଗୀୟ ଉଚ୍ଚ ଅଧିକାରୀ ଏହାର ତଦନ୍ତ କରିବାକୁ ଦାବି ହେଉଛି । ବେତନଟୀ କୃଷି ଅଧିକାରୀ ଚାଷୀଙ୍କ ନିକଟକୁ ନଯାଇ କାଗଜ କଲମରେ ସବୁ କାମ କରିବା ସହ କାର୍ଯ୍ୟାଳୟକୁ ସବୁଦିନ ଆସୁନଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି ବୋଲି କେତେକ ଚାଷୀ ଅଭିଯୋଗ କରିଛନ୍ତି ।

## ବିଜେପି ଗ୍ରାମୀଣ ମଣ୍ଡଳ ପକ୍ଷରୁ କଳା ଦିବସ



**କନ୍ଧମାଳ,୨୬।୬(ସଂଚାର ବ୍ୟୁରୋ):** ଦେଶରେ ୧୯୭୫ ମସିହା ଜୁନ୍ ୨୫ଜରୁରୀ ପରିସ୍ଥିତିର ୫୦ ବର୍ଷ ପୂର୍ତ୍ତି ଅବସରରେ ଫୁଲବାଣୀ ଗ୍ରାମୀଣ ମଣ୍ଡଳ ବିଜେପି ପକ୍ଷରୁ କଳା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଫୁଲବାଣୀ ଗ୍ରାମୀଣ ମଣ୍ଡଳ ବିଜେପିର ସଭାପତି ଗୋଲକ ବିହାରୀ କହଁରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ମଣ୍ଡଳ ସଭାପତି ଆଦିତ୍ୟ କହଁର ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଉପ ସଭାପତି ସୁବ୍ରତ କହଁର, ସଞ୍ଜୟ କୁମାର ଦିଗାଲ, ଲୋଚନ ମଲ୍ଲିକ, ଭାଗିରାମ ଦିଗାଲ, କୃଷ୍ଣ ଚନ୍ଦ୍ର କହଁର, ରାଜେଶ ଚନ୍ଦ୍ର ଦିଗାଲଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ୧୯୭୫ ମସିହା ଆଜିର ଦିନରେ କଂଗ୍ରେସ ଶାସନ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ପରିବାର କ୍ଷମତା ରାଜନୀତି ତଥା ଏକଛତ୍ରବାଦୀ ମାନସିକତା ଯୋଗୁ ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁ କରି ଭାରତୀୟ ଗଣତନ୍ତ୍ରର ଆତ୍ମାକୁ ହତ୍ୟା କରାଯାଇଥିଲା । ସଧାରଣଲୋକଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରାଯାଇଥିଲା । ବିନା କାରଣରେ ଲକ୍ଷାଧିକ ଭାରତୀୟଙ୍କୁ ଜେଲ୍ ପଠାଯାଇଥିଲା ଏବଂ ଚତୁର୍ଥ ସ୍ତମ୍ଭର ସ୍ୱରକୁ ଦବାଇ ଦିଆଯାଇଥିଲା ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ । ଚଳିତ ବର୍ଷ ଅର୍ଥାତ୍ ୨୦୨୫ରେ ଏହି କଳା ଦିବସର ୫୦ ବର୍ଷ ପୂର୍ତ୍ତି ହେଉଛି। ଏହି ଅବସରରେ ଭାରତର ପ୍ରତ୍ୟେକ ନାଗରିକ ନିଜର ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାର ପ୍ରତି ସତର୍କ ଓ ସଚେତନ ରହିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣବିରୋଧୀ ଦିବସ



**ନୟାଗଡ଼,୨୬।୬(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ପ୍ରଶାସନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଅବକାରୀ ବିଭାଗର ମିଳିତ ସହଯୋଗରେ ପାଳନ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ପ୍ରଥମେ ନୟାଗଡ ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ନୟାଗଡ଼ ପଞ୍ଚାୟତ ସମିତି ପର୍ଯ୍ୟନ୍ତ ଯାଇଥିଲା । ବିଭିନ୍ନ କଲେଜ ଓ ସ୍କୁଲ ଛାତ୍ରଛାତ୍ରୀ, ନିଶା ନିବାରଣ କେନ୍ଦ୍ର (ସେବା)ର ଅନ୍ତେବାସୀ, ବୟୋଜ୍ୟେଷ୍ଠ ବ୍ୟକ୍ତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗୀୟ କର୍ମକର୍ତ୍ତା ଏହି ଶୋଭାଯାତ୍ରାରେ ଯୋଗଦେଇ ନିଶା ସେବନର ଅପକାରିତା ବିଷୟରେ ସ୍ଲୋଗାନ ଦେଇଥିଲେ। ଏହି ଦିବସ ପାଳନ ପରିପ୍ରେକ୍ଷୀରେ ନୟାଗଡ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଭାପତିତ୍ୱରେ ଏକ ସୁନ୍ଦର ସଭାର ଆୟୋଜନ କରଯାଇଥିଲା । ଉକ୍ତ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦାନ କରି ନିଶାସେବନର କୁପରିଣାମ ଏବଂ ଏଥିରୁ ନିବୃତ୍ତ ରହିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ ।

## ନାବାଳିକା ଦୁଷ୍କର୍ମ ଘଟଣା: ସିବିଆଇ ତଦନ୍ତ ଦାବି କଲା ବିଜେଡି

**ବ୍ରହ୍ମପୁର,୨୬।୬(ସଂଚାର ବ୍ୟୁରୋ):** ବ୍ରହ୍ମପୁରର ଏକ ଆପାର୍ଟମେଣ୍ଟରେ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ଦକ୍ଷିଣାଞ୍ଚଳ ଆଇଜିଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ । ଘଟଣାର ସିବିଆଇ ତଦନ୍ତ ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଚୁକୁନି ସାହୁ, ପୂର୍ବତନ ବିଧାୟକ ଡ.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସୁବାସ ବେହେରା,ପୂର୍ଣ୍ଣ ସ୍ୱାଇଁ, ମେୟର ସଂଘମିତ୍ରା ଦଳେଇ,ଡେପୁଟି ମେୟର ଇ.ବିବେକ୍ ରେଡ୍ଡୀ, ସୁବାସ ମହାରଣାଙ୍କ ସମେତ ଜିଲ୍ଲା ବିଜେଡିର ବହୁ ନେତା ଓ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଘଟଣାର ସଠିକ ତଦନ୍ତ ଚାଲିଥିବା ବେଳେ ଉଚିତ ପଦକ୍ଷେପ ନିଆଯିବ ବୋଲି ଦକ୍ଷିଣାଞ୍ଚଳ ଆଇଜି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ଅନୁଯାୟୀ, ମାଗଣା ବିଏସସି ନର୍ସିଂ ଶିକ୍ଷା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ପରେ ଭବାନୀ ଶଙ୍କର ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ପୋଲିସ୍ ଗିରଫ କରିଛି।

